୬

୩୯ ବର୍ଷରେ ପଦାର୍ପଣ କଲେ ହିଟ୍‌ମ୍ୟାନ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୯୧ ● ୧ ମଇ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-91 ● 1th May 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ

# ମହିଳାଙ୍କୁ ଅଧିକାର ପ୍ରଦାନରେ ଅନ୍ତରାୟ ହେଲେ ପରିଣାମ ଭୋଗିବାକୁ ପଡ଼ିବ : ଶାସକ ଦଳ

# ମହିଳା ସଂରକ୍ଷଣ ନାଁରେ ସରକାର ଛଳନା କରୁଛନ୍ତି : ବିରୋଧୀ ଦଳ

**ଭୁବନେଶ୍ୱର,୩୦।୪**
**ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ ସମ୍ପର୍କରେ ଗୁରୁବାର ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନରେ ସରଗରମ ଆଲୋଚନା ହୋଇଥିଲା। ତେବେ ବିରୋଧୀ ଦଳର ବିଧାୟକମାନେ ଏହି ଅଧିବେଶର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇବା ସହ ସରକାରଙ୍କୁ ସମାଲୋଚନା କରିଥିଲେ। ମାତ୍ର ସରାକରଙ୍କ ପକ୍ଷରୁ ଏହାର ଯଥାର୍ଥତା ଏବଂ ପ୍ରାସଙ୍ଗିକତା ବର୍ତ୍ତମାନ ପରିସ୍ଥିତିରେ ରହିଛି ବୋଲି ଯୁକ୍ତି ଦର୍ଶାଯାଇଥିଲା। ଦିନ ତମାମ ଏହି ପ୍ରସଙ୍ଗରେ ଗୃହରେ ଚାଲିଥିବା



ଆଲୋଚନା ବେଳେ ଉଭୟ ବିରୋଧୀ ଏବଂ ଶାସକ ଦଳ ବିଧାୟକମାନଙ୍କ ମଧ୍ୟରେ ଯୁକ୍ତିତର୍କ, ଆକ୍ଷେପ, ପ୍ରତିଆକ୍ଷେପ ମଧ୍ୟ ହୋଇଥିଲା। ମହିଳାଙ୍କ ଅଧିକାର ଓ ସମ୍ମାନ ପ୍ରସଙ୍ଗରେ ଗୃହରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ଉଭୟ ଶାସକ ଓ ବିରୋଧୀ ଦଳର ବିଧାୟକମାନେ ଆଲୋଚନାରେ ଭାଗନେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ରାତି ୧୧ଟା ପର୍ଯ୍ୟନ୍ତ ମଧ୍ୟ ଗୃହରେ ଆଲୋଚନା ଜାରି ରହିଥିଲା।

ପୂର୍ବାହ୍ନ ୧୧ ଘଟିକା ସମୟରେ ବାଚସ୍ପତି ସୁରମା ପାଢୀ ଗୃହକାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ 'ବନ୍ଦେ ମାତରଂ ଏବଂ ଜନଗଣ ମନ ଅଧି' ଜାତୀୟ ସଙ୍ଗୀତ ପରିବେଷଣ କରାଯାଇ (ପୃଷ୍ଠା ୭ରେ)

# ଉତ୍ସାହ ଓ ସକାରାତ୍ମକ ଉର୍ଜାରୁ ମିଳିଥାଏ ସଫଳତା

**ନୂଆଦିଲ୍ଲୀ,୩୦।୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଉତ୍ସାହ ଓ ସକାରାତ୍ମକ ଶକ୍ତି ବ୍ୟକ୍ତିଙ୍କୁ ସର୍ବଦା କର୍ମଶୀଳ ରଖେ ଏବଂ ଏହି ଗୁଣଗୁଡ଼ିକ ସଫଳତାର ମୂଳ ଚାବିକାଠି। ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର 'ଏକ୍ସ'ରେ ଲେଖିଛନ୍ତି ଯେ କର୍ମଠ ଓ ଉର୍ଜାଶୀଳ ନାଗରିକମାନେ ହିଁ ଦେଶର ସବୁଠାରୁ ବଡ଼ ଶକ୍ତି, ଯାହାଙ୍କର ପରିଶ୍ରମ ଦ୍ୱାରା ଉନ୍ନତିର ନୂତନ ପଥ ଖୋଲିଥାଏ। ସେ କହିଛନ୍ତି ଯେ ଏପରି ପ୍ରୟାସ ଦ୍ୱାରା ଦେଶ ସମୃଦ୍ଧି, ଆତ୍ମନିର୍ଭରତା ଓ ଉନ୍ନତିର ଶିଖରରେ ପହଞ୍ଚେ।

ପ୍ରଧାନମନ୍ତ୍ରୀ ମୋଦୀ ଗୋଟିଏ ସଂସ୍କୃତ ସୁଭାଷିତ ସେୟାର କରି କହିଛନ୍ତି, "ଅନିର୍ବେଦୋ ହି ସତତଂ ସର୍ବାର୍ଥେଷୁ ପ୍ରବର୍ତ୍ତକଃ। କରୋତି ସଫଳଂ ଜନ୍ତୋଃ କର୍ମ



ଯଚ୍ଚ କରୋତି ସଃ?" ସେ ଏହାର ଅର୍ଥ ବ୍ୟାଖ୍ୟା କରି କହିଛନ୍ତି ଯେ ଉତ୍ସାହ ଓ ସକାରାତ୍ମକ ଶକ୍ତି ବ୍ୟକ୍ତିଙ୍କୁ ନିଜ କାମରେ ନିରନ୍ତର ସକ୍ରିୟ ରଖେ। ଏହି ଅତୁଟ ଉତ୍ସାହ ଲୋକଙ୍କ ପ୍ରତ୍ୟେକ ସଂକଳ୍ପକୁ ସଫଳତାକୁ ପହଞ୍ଚାଇବାରେ ସହାୟକ ହୁଏ। ସେ ନାଗରିକମାନଙ୍କୁ ଆହ୍ୱାନ କରିଛନ୍ତି ଯେ ସେମାନେ ନିଜ କାର୍ଯ୍ୟରେ ନିରନ୍ତରତା ଓ ଉର୍ଜା ରଖନ୍ତୁ, ଯାହାଦ୍ୱାରା ବ୍ୟକ୍ତିଗତ ଓ ଜାତୀୟ ଦୁଇଟି ସ୍ତରରେ ପ୍ରଗତି ସୁନିଶ୍ଚିତ ହେବ।

# ଭାରତୀୟ ନୌସେନାକୁ ମିଳିଲା ଚତୁର୍ଥ ପି୧୭ଏ ଷ୍ଟିଲଥ୍ ଫ୍ରିଗେଟ୍ 'ମହେନ୍ଦ୍ରଗିରି'

**ନୂଆଦିଲ୍ଲୀ,୩୦।୪**

ରାଷ୍ଟ୍ରାୟତ୍ତ ଜାହାଜ କାରଖାନା ମାଜାଗନ୍ ଡକ୍ ସିପବିଲ୍ଡର୍ସ ଲିମିଟେଡ୍ (ଏମଡିଏଲ) ଭାରତୀୟ ନୌସେନାକୁ ପ୍ରୋଜେକ୍ଟ ୧୭ଏ ଅଧୀନରେ ନିର୍ମିତ ଚତୁର୍ଥ ଷ୍ଟିଲଥ୍ ଫ୍ରିଗେଟ୍ 'ମହେନ୍ଦ୍ରଗିରି' ଡେଲିଭର କରିଛି। ଏହି ଯୁଦ୍ଧଜାହାଜକୁ ଖୁବ୍ ଶୀଘ୍ର ଆଇଏନଏସ ମହେନ୍ଦ୍ରଗିରି ଭାବରେ କମିଶନ କରାଯିବ ଏବଂ ନୌସେନାର ନୌବାହିନୀରେ ସାମିଲ କରାଯିବ। ଏମଡିଏଲର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ କ୍ୟାପଟେନ୍ ଜଗମୋହନ ପୂର୍ବ ନୌସେନା କମାଣ୍ଡର ମୁଖ୍ୟ କର୍ମଚାରୀ ଅଧିକାରୀ (ଟେକ୍ନିକାଲ୍) ରିଅର୍ ଆଡମିରାଲ୍ ଗୌତମ ମାରୱାହାଙ୍କ ଦ୍ୱାରା ବିତରଣ ସମୟରେ ସ୍ୱୀକୃତି ପତ୍ର ସ୍ୱାକ୍ଷରିତ ହୋଇଥିଲା।

ଏହି ଅବସରରେ ନୌସେନା ଏବଂ ଏମଡିଏଲର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହା ଏମଡିଏଲରେ ନିର୍ମିତ ଶେଷ ପ୍ରୋଜେକ୍ଟ ୧୭ଏ ଫ୍ରିଗେଟ୍, ଯାହା ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ନୂତନ ପ୍ରେରଣା ପ୍ରଦାନ କରେ। ପ୍ରୋଜେକ୍ଟ



୧୭ଇ ହେଉଛି ଭାରତୀୟ ନୌସେନାର ପରବର୍ତ୍ତୀ ପିଢ଼ିର ଷ୍ଟିଲ୍ଥ ଫ୍ରିଗେଟ୍ କାର୍ଯ୍ୟକ୍ରମ, ଯାହାକୁ ପୁରୁଣା ପ୍ରୋଜେକ୍ଟ ୧୭ ଶିଭାଲିକ କ୍ଲାସ୍ ଏକ ଉନ୍ନତ ସଂସ୍କରଣ ଭାବରେ ବିବେଚନା କରାଯାଏ। ଏହି ପ୍ରୋଜେକ୍ଟ ଅଧୀନରେ ମୋଟ ସାତୋଟି ଅତ୍ୟାଧୁନିକ ଷ୍ଟିଲ୍ଥ ଫ୍ରିଗେଟ୍ ନିର୍ମାଣ କରାଯାଉଛି, କିଛି ଏମଡିଏଲ ଦ୍ୱାରା ଏବଂ କିଛି ଗାର୍ଡେନ୍ ରିଚ୍ ସିପ୍ ବିଲ୍ଡର୍ସ ଆଣ୍ଡ୍ ଇଞ୍ଜିନିୟର୍ସ ଦ୍ୱାରା। (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଓଡ଼ିଶା ଗସ୍ତ ଆଜି।
- କଙ୍କାଳ ବ୍ୟାଙ୍କକୁ ନେବା ଘଟଣାରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ଆରଡିସି।
- ଜମ୍ମୁରୁ ଶ୍ରୀନଗର ଯାଏ ଚାଲିଲା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ।
- ଦିଲ୍ଲୀରେ ଦ୍ୱାରକାର ଗୋଲ୍ଫ କୋର୍ସ ଜଳାଶୟରେ ବୁଡ଼ି ତିନି ପିଲାଙ୍କ ମୃତ୍ୟୁ।

## ଶୁଭେଚ୍ଛା

ଶ୍ରମିକ ଦିବସ ଅବସରରେ 'ସମ୍ବାଦ କଳିକା'ର ପାଠକ-ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ପରିଚାଳକ

## ଛୁଟି ଘୋଷଣା

ଶ୍ରମିକ ଦିବସ ଅବସରରେ 'ସମ୍ବାଦ କଳିକା' କାର୍ଯ୍ୟାଳୟ ତା ୧.୫.୨୦୨୬ ରିଖ (ଶୁକ୍ରବାର)ଦିନ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ତା. ୨.୫.୨୦୨୬ରିଖ ସନ୍ଧ୍ୟାରେ ପ୍ରକାଶ ପାଇବ ।

ପରିଚାଳକ

# ଚଳନ୍ତା କାର୍‌ରେ ନିଆଁ ୫ ଜୀବନ୍ତ ଦଗ୍ଧ

**ଅଲୱର,୩୦।୪**

ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍‌ୱେରେ ଅଲୱର ଜିଲ୍ଲାର ଲକ୍ଷ୍ମଣଗଡ଼ ଥାନା ଅଞ୍ଚଳରେ ବିଳମ୍ବିତ ରାତିରେ ଚଳନ୍ତା କାରରେ ନିଆଁ ଲାଗିଯାଇଥିବାରୁ ଗୋଟିଏ ପରିବାରର ପାଞ୍ଚଜଣ ଜୀବନ୍ତ ଜଳି ମୃତ୍ୟୁବରଣ କରିଛନ୍ତି। ଚାଳକ ଗୁରୁତର ଭାବେ ଦଗ୍ଧ ହୋଇଛନ୍ତି। ତାଙ୍କୁ ଜୟପୁରର ଏସଏମଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ବୁଧବାର ପ୍ରାୟ ମଧ୍ୟ ରାତ୍ରିରେ ମୌଜପୁର ନିକଟରେ ଘଟିଥିଲା।

ପୁଲିସ କହିବା ଅନୁସାରେ, ମଧ୍ୟ ପ୍ରଦେଶର ଶ୍ୟୋପୁର ଜିଲ୍ଲାର ଚେନପୁରା ଗାଁର ଏହି ପରିବାର ବୈଷ୍ଣୋ ଦେବୀଙ୍କ ଦର୍ଶନ କରି ଫେରୁଥିଲେ। ପରିବାରଟି ଏକ କାର୍ ଭଡ଼ାରେ ନେଇଥିଲେ। ମୌଜପୁର ନିକଟରେ ପହଞ୍ଚିବା ସହିତ କାର୍‌ରେ ହଠାତ୍ ସିଏନଜି ଗ୍ୟାସ୍ ଲିକ୍ ହୋଇଥିଲା, ଯାହା ଫଳରେ ତୁରନ୍ତ ନିଆଁ ଲାଗିଯାଇଥିଲା। ନିଆଁ ଏତେ ଜୋରରେ ପ୍ରସାରିତ ହୋଇଥିଲା ଯେ କାର୍‌ରେ ଥିବା ଲୋକମାନେ ବାହାରିବାକୁ ସମୟ ପାଇନଥିଲେ। ଚାଳକ ବାହାରିବାରେ ସଫଳ ହୋଇଥିଲେ, କିନ୍ତୁ ସେ ମଧ୍ୟ (ପୃଷ୍ଠା ୭ରେ)

# ରାଜଧାନୀରେ କାଳବୈଶାଖୀ ବର୍ଷା ଆଣିଲା ଆଶ୍ୱସ୍ତି



**ଭୁବନେଶ୍ୱର,୩୦।୪**
**ନ୍ୟୁଜ୍‌ବ୍ୟୁରୋ**

ଗ୍ରୀଷ୍ମପ୍ରବାହ ଜନିତ ଅସହ୍ୟ ତାତିରୁ ମିଳିଲା ଆଶ୍ୱସ୍ତି। ପୂର୍ବରୁ ପଶ୍ଚିମ ସବୁଠି କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଗୁରୁବାର ଅପରାହ୍ଣରେ ରାଜଧାନୀ ସମେତ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ପବନ ହୋଇଛି। ଟୁଇନସିଟି ଭୁବନେଶ୍ୱର ଓ କଟକରେ ଘଡ଼ଘଡ଼ି ବିଜୁଳି ସହ ବର୍ଷା ହୋଇଛି। ଦିନରେ ଖରାର ପ୍ରକୋପ ରହିଥିବା ବେଳେ ଅପରାହ୍ନରେ ହଠାତ୍ କଳାହାଣ୍ଡିଆ ମେଘ ସାଙ୍ଗକୁ ହାଲୁକା ପବନ ମାଡ଼ିଆସିଥିଲା। ଏହା ପରେ ବହୁ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାରୁ ସାମୟିକ ଭାବେ ତାତି ପ୍ରଭାବରୁ ଆଶ୍ୱସ୍ତି ମିଳିଥିଲା।

କାଳବୈଶାଖୀ ପ୍ରଭାବରେ ପଶ୍ଚିମ ଓଡ଼ିଶାରେ ମଧ୍ୟ ବର୍ଷା ଓ ପବନ ହୋଇଥିଲା। ଯାହାଫଳରେ କେତେକ ସ୍ଥାନରେ ଗଛ ଭାଙ୍ଗିବା ସହ ବିଦ୍ୟୁତ ଖୁଣ୍ଟି କ୍ଷତିଗ୍ରସ୍ତ ହୋଇଥିବାର ସୂଚନା ମିଳିଛି। ବଲାଙ୍ଗୀର ଜିଲ୍ଲାର ଅଧିକାଂଶ ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହୋଇଛି। ଲଗାତାର ୪୨ ଡିଗ୍ରୀ ଉପରେ ରହୁଥିବା ତାପମାତ୍ରା କାଳବୈଶାଖୀ ପ୍ରଭାବରେ ସାମାନ୍ୟ ହ୍ରାସ ଘଟିଛି। ସେହିପରି ବିନିକାରେ ବି ତୁହାକୁତୁହା (ପୃଷ୍ଠା ୭ରେ)

# ବିଶ୍ୱ ବଜାରରେ ହଇଚଇ : ୧୨୦ ଡଲାର ଉପରେ କ୍ରୁଡ୍ ଅଏଲ୍

**ନୂଆଦିଲ୍ଲୀ,୩୦।୪**

ବିଶ୍ୱ ଅର୍ଥନୀତି ପାଇଁ ଆଜିର ଦିନଟି ଏକ ବଡ଼ ଝଟ୍‌କା ନେଇ ଆସିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବା କ୍ରୁଡ୍ ଅଏଲ୍‌ର ମୂଲ୍ୟରେ ନିଆଁ ଲାଗିଛି। ବ୍ରେଣ୍ଟ କ୍ରୁଡ୍‌ର ମୂଲ୍ୟ ହଠାତ୍ ବୃଦ୍ଧି ପାଇ ବ୍ୟାରେଲ ପିଛା ୧୨୦ ଡଲାର ଅତିକ୍ରମ କରିଛି। ଗୁରୁବାର ସକାଳେ ଏଥିରେ ୩ ଡଲାରର ବୃଦ୍ଧି ଘଟି ମୂଲ୍ୟ ୧୨୦ ରୁ ୧୨୨ ଡଲାର ମଧ୍ୟରେ କାରବାର କରୁଛି, ଯାହା ଗତ କିଛି ମାସର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ଏଠି ପ୍ରଶ୍ନ ଉଠୁଛି କାହିଁକି ବଢୁଛି ତୈଳ ଦର? ତୈଳ ଦର ବଢ଼ିବା ପଛରେ ସବୁଠାରୁ ବଡ଼ କାରଣ ହେଉଛି ଆମେରିକା ଏବଂ (ପୃଷ୍ଠା ୭ରେ)





1001/31/2627



## ମଇ ଦିବସ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

"ମଇ ଦିବସ" ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ "ବିକଶିତ ଓଡ଼ିଶା–ବିକଶିତ ଭାରତ" ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



## ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ରାଜ୍ୟର ବିକାଶ କ୍ଷେତ୍ରରେ ଆପଣମାନଙ୍କ ଅମୂଲ୍ୟ ଯୋଗଦାନ ପ୍ରତି ମୁଁ ସମ୍ମାନ ଜଣାଉଛି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ।

ଆସନ୍ତୁ, ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ସମସ୍ତେ ସମ୍ମିଳିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-1001/1001/2/26-27/0001

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧ ମଇ, ୨୦୨୬ ଶୁକ୍ରବାର





# ବାଲେଶ୍ୱର ବିଜେପିର ଜନ ଆକ୍ରୋଶ ମହିଳା ସମାବେଶ



**ବାଲେଶ୍ୱର, ନ୍ୟୁଜ**

ବାଲେଶ୍ୱର ମିଶନ ପଡ଼ିଆରେ ବାଲେଶ୍ୱର ସଦର, ରେମୁଣା, ନୀଳଗିରି, ସୋର ଓ ସିମୁଳିଆ ବିଧାନସଭା କ୍ଷେତ୍ରକୁ ନେଇ ବାଲେଶ୍ୱର ସାଂଗଠନିକ ଜିଲ୍ଲା ଭାଜପା ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି, ।ଗତ ଏପ୍ରିଲ ମାସ ୧୬,୧୭ ଓ ୧୮ ତାରିଖରେ ଲୋକସଭାରେ ସ୍ୱତନ୍ତ୍ର ଅଧିବେଶନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍ ଆଗତ ହୋଇଥିବା ବେଳେ ଏନ୍ ଡି ଏ ସପକ୍ଷ ରେ ୨୯୮ ଭୋଟ ମିଳିଥିବା ବେଳେ ବିଲ୍ ବିରୋଧ ରେ ୨୩୦ ଭୋଟ ମିଳିଥିଲା। ଦୁଇ ତୃତୀୟାଂଶ ସପକ୍ଷ ଭୋଟ ନପାଇବାରୁ ଏହି ବିଲ୍ ପାରିତ ହୋଇ ପାରିନଥିଲା। ଗତ ୧୫ ତାରିଖରେ ବାଲେଶ୍ୱରରେ ମହିଳା ରାଲି, ପ୍ରେସ୍ ମିଟ ଭଳି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଷମା ରାଣୀ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ଉଦବୋଧନରେ ବିରୋଧୀ କଂଗ୍ରେସ ଓ ବିଜେଡି କଟୁ ଭାଷାରେ ସମାଲୋଚନା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବିଜେଡିକୁ କହିଲେ କି ଯେଉଁ ଦଳ ସରକାର ଥିବା ସମୟରେ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ ସେମାନେ ଆଜି ଏହି ବିଲକୁ ସଂସଦରେ ବିରୋଧ କରିବା ନାରୀ ମାନଙ୍କ ପ୍ରତି ଅପମାନ ବୋଲି କହିଥିଲେ। ଆଗାମୀ ସ୍ଥାନୀୟ ନିର୍ବାଚନରେ ଏହି ନାରୀ ବିରୋଧୀ ଦଳମାନଙ୍କୁ ଉପଯୁକ୍ତ ଜବାବ ଦେବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ମଣ୍ଡଳ ସ୍ତରରେ ଏହି ଜନ ଆକ୍ରୋଶ ମହିଳା ସମାବେଶ କରାଯିବ ବୋଲି ସେ ତାଙ୍କ ବକ୍ତବ୍ୟ କହିଥିଲେ । ଏହାକୁ ସଫଳ କରିବା ପାଇଁ ମହିଳାମାନଙ୍କୁ ପ୍ରେରିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ ଦତ୍ତ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ରେମୁଣା ସଂଯୋଜିକା ସିପ୍ରା ରେଖା ମହାପାତ୍ର, ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ସାଂଗଠନିକ ସଂଯୋଜକ ମମତା ମହାପାତ୍ର, ଜିଲ୍ଲା ଉପ ସଭାପତି ତଥା ସିମୁଳିଆ ସଂଯୋଜକ ଭାରତୀ ମଲ୍ଲିକ୍, ଜିଲ୍ଲା ସମ୍ପାଦିକା ତଥା ସୋର ସଂଯୋଜକ ସୁଭଦ୍ରା ପାଢ଼ୀ, ନଗର ସଭାନେତ୍ରୀ ସଦର ସଂଯୋଜକ ସୁସ୍ମିତା ପଣ୍ଡା, ନୀଳଗିରି ସଂଯୋଜକ ନିବେଦିତା ପଣ୍ଡା ପ୍ରମୁଖ ନିଜ ନିଜର ମତ ରଖି ବିରୋଧୀ ଦଳଙ୍କ ନାରୀ ବିରୋଧୀ ଆଚରଣରେ କ୍ଷୋଭ ପ୍ରକାଶ କରିଥିଲେ। ପରିଶେଷରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ସମାରୋପ ବ୍ୟକ୍ତବ୍ୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ମଧୁବାବୁଙ୍କ ପାଣ୍ଡିତ୍ୟ, ସ୍ୱାଭିମାନ ଉପରେ ଆଲୋକପାତ




**ଉମରକୋଟ, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଦାସିଆ ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ମଧୁବାବୁ ଜୟନ୍ତୀ ଓ ସାରସ୍ୱତ ସମାରୋହ ଆଡ଼ମ୍ବର ସହ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ଉପ ସଭାପତି ରମେଶ ଚନ୍ଦ୍ର ସାହୁ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ରାମକୃଷ୍ଣ ନାୟକ, ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଡ଼ା. ସୁରେନ୍ଦ୍ରନାଥ ଦାଶ, ମୁଖ୍ୟ ବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ, ସମ୍ମାନିତ ଅତିଥି ଭାବେ ଝାଡ଼େଶ୍ୱର ମହାନ୍ତି, ପ୍ରଫୁଲ୍ଲ କୁମାର ରାଉତ, ପଲ୍ଲବୀ ପଣ୍ଡା, ସଭାପତି ଟୁଟୁବାବୁ ପଟ୍ଟନାୟକ, ସମ୍ପାଦକ ଏମ. ହିମାଂଶୁ ଆଚାରୀ ମଞ୍ଚାସୀନ ଥିଲେ । ଶ୍ରୀ ଏମ. ହିମାଂଶୁ ଆଚାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ନିଜ ବକ୍ତବ୍ୟରେ ମଧୁବାବୁଙ୍କ ଅଗାଧ ପାଣ୍ଡିତ୍ୟ ଓ ସ୍ୱାଭିମାନୀ ଗୁଣ ବିଷୟରେ ଆଲୋକପାତ କରିଥିଲେ । ସାହିତ୍ୟ, ଓକିଲାତି, ସମାଜସେବା, ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ନିମନ୍ତେ ପରିଷଦ ତରଫରୁ ଡ଼ା. ସୁରେନ୍ଦ୍ରନାଥ ଦାଶ, ପୂର୍ଣ୍ଣଚନ୍ଦ୍ର ସେଠୀ, ଦେବନାରାୟଣ ବାରିକ, ଝାଡ଼େଶ୍ୱର ମହାନ୍ତି, ଅକ୍ଷୟ କୁମାର ସାହୁ, ଡ଼ା. ଆୟୁଶୀ ମଣ୍ଡଳ, ଡ଼ା. ସବ୍ୟସାଚୀ ଦାଶଙ୍କୁ ପରିଷଦ ତରଫରୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରି ମୁଖ୍ୟ ଅତିଥି ସଂମ୍ବର୍ଦ୍ଧିତ କରିଥିଲେ । ତତ୍ପରେ ପରିଷଦ ସହ ଯୋଡି ହୋଇଥିବା ନୂଆ ସଭ୍ୟ / ସଭ୍ୟାଙ୍କୁ 'ସଦସ୍ୟତା ପ୍ରମାଣ ପତ୍ର' ଓ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଶିକ୍ଷାର୍ଥୀଙ୍କୁ ସିଲଡ଼ ଓ ପ୍ରମାଣ ପତ୍ର ଅତିଥିମାନେ ପ୍ରଦାନ କରିଥିଲେ। ଏହାକୁ ପରିଚାଳନା କରିଥିଲେ ସମୀର କୁମାର ପ୍ରଧାନ ଓ ସାଗର କୁମାର ପରିଡ଼ା । ତତ୍ପରେ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇଥିବା କବି/ କବୟିତ୍ରୀଙ୍କୁ ନେଇ କବିତା ଆସର ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ଭାବେ ଅଧ୍ୟାପକ ଗୋପାଳ ମହାରଣା, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗବେଷକ ସାଇମନ ବିଡ଼ିକା, ଗବେଷକ କେଦାରେଶ୍ୱର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶାନ୍ତିଲତା ମହାନ୍ତି, ପ୍ରଭାତୀ ଦେବନାଥ, ନମିତା ବିଶ୍ୱାସ ଓ ସଂଯୋଜିକା ଭାବେ ସ୍ୱାଗତିକା ସାହୁ ଓ ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ ମଞ୍ଚାସୀନ ଥିଲେ । ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କବି/ କବୟିତ୍ରୀ ଯୋଗ ଦେଇଥିଲେ । ଏଥିରେ ଯେଉଁମାନେ ସକ୍ରିୟ ଯୋଗଦାନ କରିଥିଲେସେମାନେ ହେଲେ କେଦାରେଶ୍ୱର ପଟ୍ଟନାୟକ,ରାଜକିଶୋର ନାୟକ, ନିରୁପମା ସ୍ୱାଇଁ, ସତ୍ୟବ୍ରତ ପ୍ରଧାନ, ଗଣେଶ ପ୍ରସାଦ ରଣା, ବିଷ୍ଣୁ ପ୍ରସାଦ ସାହୁ, ବିମଳ କୁମାର ବାରୋଇ, ସୁରେଶ ଚନ୍ଦ୍ର ପଣ୍ଡା, ତ୍ରିପତି ପଟ୍ଟନାୟକ, ନିଳକଣ୍ଠ ଚମ୍ପତି, ଗଣେଶ ପ୍ରସାଦ ରଣା, ସୁନୀଲ କୁମାର ନାୟକ, ନରେଶ ଚନ୍ଦ୍ର ପଟ୍ଟନାୟକ, ରଞ୍ଜନ ଗୌଡ଼, ସଂଗ୍ରାମ କିଶୋର ପରିଡ଼ା, ଗୁରୁଦାସୀ ମଣ୍ଡଳ, ଡ଼ା. ସାଇରମେଶ ରାଓ, ମିନତୀ ନାୟକ, ଡ଼. ସନ୍ତୋଷ କୁମାର ଖମାରୀ, ଆଦିତ୍ୟା ଶର୍ମା, ନିଳକଣ୍ଠ ଚମ୍ପତି, ଜଗବନ୍ଧୁ ବଡସେଟ, ସନ୍ତୋଷ କୁମାର ଜେନା, ମନିଷ କୁମାର ବାରିକ, ଷ୍ଟାଲିନ କୁମାର ସାମନ୍ତରାୟ, ବିଶ୍ୱଜିତ ପଟ୍ଟନାୟକ, ବିରଞ୍ଚି ସୁନାନୀ, ସତ୍ୟେନ୍ଦ୍ର ରାଉତ, ରାଜେଶ ଜୀ, ଶେଖ ନାସିରୁଦ୍ଦିନ, ସାଗର କୁମାର ପରିଡ଼ା, ସନ୍ତୋଷ କୁମାର ସାହୁ, ରମେଶ ଚନ୍ଦ୍ର ନାହକ, ଅନୀତା କୁମାରୀ ବେହେରା।

# ମହିଳା ସଂରକ୍ଷଣ ବିଲ୍‌ର ବିରୋଧକୁ ବିଜେପି ନାରୀନେତ୍ରୀଙ୍କ ତୀବ୍ର ନିନ୍ଦା




**ବାରିପଦା: ନ୍ୟୁଜ ବ୍ୟୁରୋ**

ନିକଟରେ ଦେଶର ସଂସଦରେ ମହିଳା ସଂରକ୍ଷଣ ବିଲ (ନାରୀ ଶକ୍ତି ବନ୍ଦନ ଅଧିନିୟମ-୨୦୨୬)କୁ ଇଣ୍ଡି-ମେଣ୍ଟ-ଭୁକ୍ତ ଦଳଗୁଡ଼ିକ ପକ୍ଷରୁ ହୋଇଥିବା ବିରୋଧକୁ ବିଜେପି ନାରୀନେତ୍ରୀମାନେ ତୀବ୍ର ନିନ୍ଦା କରିଛନ୍ତି। ବିରୋଧୀ ଦଳଗୁଡିକର ଏହି ବିରୋଧରୁ ଏମାନଙ୍କ ମୁଖା ଖୋଲିଯାଇଛି ଏବଂ ଏମାନଙ୍କ ମହିଳା-ବିରୋଧୀ ମନୋଭାବ ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି ଏହି ମହିଳା ବିଲ-ସପକ୍ଷବାଦୀ ବିଜେପି ନାରୀନେତ୍ରୀମାନେ ଏଠାରେ ପ୍ରକାଶ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ବିଜେପି ମୟୂରଭଞ୍ଜ (ପୂର୍ବ) ସାଂଗଠନିକ ଜିଲ୍ଲା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଦିନ ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଭାବେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି ଏବଂ ବିଜେପି ରାଜ୍ୟ ଉପସଭାନେତ୍ରୀ ତଥା ବିଶିଷ୍ଟ ନାରୀନେତ୍ରୀ ଶ୍ରୀମତୀ ସିପ୍ରା ବାଜପେୟୀ ଏଥିରେ ଯୋଗ ଦେଇ ଏହି ମର୍ମରେ ନିଜର ମତ ବ୍ୟକ୍ତ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଶୋଭାବତୀ ଓତା, ସୁଜାତା ମୁର୍ମୁ, ସୁମନ ସିଂ, ସରୋଜିନୀ କିସ୍କୁ, ମମତା ମଣ୍ଡଳ ପ୍ରମୁଖ ନାରୀନେତ୍ରୀମାନଙ୍କ ସାଙ୍ଗକୁ ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ଯୋଗ ଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ଅବସରରେ ବିଜେପି ଜିଲ୍ଲା ପ୍ରବକ୍ତା ନରୋତ୍ତମ ପାଣିଗ୍ରାହୀ ଓ ବାରିପଦା ବିଜେପିର ଅନ୍ୟତମ ନେତା ବୀରକିଶୋର ପଟ୍ଟନାୟକ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।

# ଶିଶୁ ଆଶ୍ରମ 'ଭରସା'ର ପ୍ରତିଷ୍ଠାତାଙ୍କ ପରଲୋକ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**



ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତସ୍ଥିତ ଶିଶୁ ଆଶ୍ରମ 'ଭରସା'ର ପ୍ରତିଷ୍ଠାତା ତଥା ସମ୍ପାଦକ ଛବିଳ ନାୟକଙ୍କର ମଙ୍ଗଳବାର ଭୋର ସମୟରେ ପରଲୋକ ହୋଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୦ବର୍ଷ ବୟସ ହୋଇଥିଲା । ମଙ୍ଗଳବାର ଭୋର ସମୟରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କଟକର ଏକ ଘରୋଇ ହସପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କଟକର ମୂଳ ବାସିନ୍ଦା ସ୍ୱର୍ଗତ ନାୟକ ଯୁବାବସ୍ଥାରେ ପ୍ରଥମେ ଫୁଲବାଣୀରେ ଏକ କନ୍ୟାଶ୍ରମ ପ୍ରତିଷ୍ଠା କରି ଅସହାୟ ବାଳିକା ମାନଙ୍କୁ ସେବାଯୋଗାଇ ଆସୁଥିଲେ । ପରେ ସେ ମଙ୍ଗରାଜପୁର ଠାରେ ଏକ ଆଶ୍ରମ ପ୍ରତିଷ୍ଠା କରି ପ୍ରାକୃତିକ ପରିବେଷ ଭିତରେ ଅସହାୟ ଶିଶୁ ମାନଙ୍କର ସେବାରେ ନିଜକୁ ବ୍ରତୀ କରାଇଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ମଙ୍ଗରାଜପୁର ଗ୍ରାମ ପରିକ୍ରମା କରାଯାଇ ଜନ ସାଧାରଣଙ୍କ ଦର୍ଶନ ପାଇଁ ଆଶ୍ରମ ପରିସରରେ ରଖାଯାଇଛି। ବୁଧବାର ପୂର୍ବାହ୍ଣରେ ଖ୍ରୀଷ୍ଟିୟ ରୀତିନୀତିରେ ଶବ ସତ୍କାର କରାଯିବବୋଲି ପରିବାର ଓ କନ୍ୟାଶ୍ରମ ସୂତ୍ରରୁ ପ୍ରକାଶ । ତାଙ୍କ ମୃତ୍ୟୁରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଗଭୀର ଶୋକବ୍ୟକ୍ତ କରି ଅଞ୍ଚଳବାସୀ ଜଣେ ନିଷ୍ଠାପର ଓ ନିସ୍ୱାର୍ଥପର ଶିଶୁ ସେବକ ଓ ଶିଶୁପ୍ରେମୀଙ୍କୁ ହରାଇଲା ବୋଲି ମତବ୍ୟକ୍ତ କରିଛନ୍ତି ।

# ସ୍ମାର୍ଟ ଓଡ଼ିଶା ହାକାଥନ ୩.୦ ଏବଂ '+୨ ବିଜ୍ଞାନ ଓଡ଼ିଆରେ ପଢ଼ିବା' କର୍ମଶାଳା



**ବାଲେଶ୍ୱର, ନ୍ୟୁଜ**

ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୁଲ୍ୟରେ 'ସ୍ମାର୍ଟ ଓଡିଶା ହାକାଥନ ୩.୦' ଏବଂ '+୨ ବିଜ୍ଞାନ ଓଡ଼ିଆ ରେ ପଢ଼ିବା' କର୍ମଶାଳା ଅନୁଷ୍ଠିତ ହୋଇଛି । ସର୍ବ ପ୍ରଥମେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏଠାରେ ମୁଖ୍ୟ ଅତିଥି ଭାବେ ପ୍ରବନ୍ଧ ନିର୍ଦ୍ଦେଶକ, ଆଇ.ଆଇ.ଟି. ଭୁବନେଶ୍ୱର ଶାକ୍ୟସିଂହ ମହାପାତ୍ର ଯୋଗ ଦେଇଥିଲେ । ତାଙ୍କ ସହିତ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣିମା ଦାଶ, ଗବେଷଣା ଓ ସଂଯୋଜକ, ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା, ନିରଦ ବରଣ ଖୁଣ୍ଟିଆ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଇନ୍ଦ୍ରଜିତ ପାତ୍ର ଏବଂ ଭାରପ୍ରାପ୍ତ ଅଧ୍ୟକ୍ଷା, ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅପର୍ଣ୍ଣା ସେଠୀ ମଞ୍ଚାସୀନ ଥିଲେ । ଅତିଥି ମାନେ 'ସ୍ମାର୍ଟ ଓଡିଶା ହାକାଥନ ୩.୦' ଏବଂ '+୨ ବିଜ୍ଞାନ ଓଡ଼ିଆ ରେ ପଢ଼ିବା' କାର୍ଯ୍ୟ କ୍ରମର ମହତ୍ତ୍ୱ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶ୍ୱେତପଦ୍ମା ସାହୁ ମଞ୍ଚ ପରିଚାଳନା କରିଥିଲେ । 'ସ୍ମାର୍ଟ ଓଡ଼ିଶା ହାକାଥନ ୩.୦' ପାଇଁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅନୁଷ୍ଠାନରୁ ୧୭ ଗୋଟି ପ୍ରକଳ୍ପର ପ୍ରଦର୍ଶନ କରାଯାଇଥିଲା । ଏଥିରେ ମୋଟ ୩୮ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ତାଙ୍କ ସହିତ ୧୩ ଜଣ ମାର୍ଗଦର୍ଶକ ଶିକ୍ଷକ/ ଶିକ୍ଷୟିତ୍ରୀ, ଅଧ୍ୟାପକ/ ଅଧ୍ୟାପିକା ଉପସ୍ଥିତ ଥିଲେ । ଏଠାରେ ଶାକ୍ୟସିଂହ ମହାପାତ୍ର, ବିଶ୍ୱରଂଜନ ଚମ୍ପତିରାୟ ଓ ପ୍ରଶାନ୍ତ କୁମାର ତ୍ରିପାଠୀ ବିଚାରକ ଭାବେ ନିୟୋଜିତ ହୋଇଥିଲେ । ୪ ଗୋଟି ପ୍ରକଳ୍ପକୁ ପୁରସ୍କୃତ କରଯାଇଥିଲା । ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପ ଗୁଡ଼ିକ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ଦ୍ୱିତୀୟ ଅଧିବେଶନରେ '+୨ ବିଜ୍ଞାନ ଓଡ଼ିଆ ରେ ପଢ଼ିବା' କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଠାରେ ରିସୋର୍ସ ପର୍ସନ, ନିରଦ ବରଣ ଖୁଣ୍ଟିଆ ଓ ଜିଲ୍ଲା ଶିକ୍ଷା ଅଧିକାରୀ, ବସନ୍ତ କୁମାର ନାୟକ ପ୍ରଶିକ୍ଷକ ଭାବେ ମୋଟ ୩୭ ଜଣ ବିଜ୍ଞାନ ଅଧ୍ୟାପକ/ଅଧ୍ୟାପିକା, ଅଧ୍ୟକ୍ଷ/ଅଧ୍ୟକ୍ଷା ମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

# ବ୍ୟାସନଗର କଲେଜରେ ମଧୁବାବୁଙ୍କ ଜୟନ୍ତୀ ପାଳିତ



**ବ୍ୟାସନଗର: ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଉତ୍ସବ କମିଟିର ମୁଖ୍ୟ କ୍ୟାପ୍ଟେନ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଏହି ଉତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ କୁମାର ସ୍ୱାଇଁ ଦ୍ୱୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମହାବିଦ୍ୟାଳୟର ପରିସରରେ ଥିବା ମହାପୁରୁଷ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ବବ୍ରୁବାହାନ ଜେନା, ପଦାର୍ଥ ବିଜ୍ଞାନ ମୁଖ୍ୟ ସନ୍ତୋଷରଥ, ଗଣିତ ବିଭାଗର ମହମ୍ମଦ ଟୀକା ଖାଁ, ଓଡ଼ିଆ ବିଭାଗର ରଞ୍ଜିତ ପହି, ଅଧ୍ୟାପକ ଜଗବନ୍ଧୁ ସାହୁ, କ୍ଷିତିଶ ମହାପାତ୍ର, ସୁରେନ୍ଦ୍ର ସାହୁ, ସ୍ମୃତି ରଞ୍ଜନ ରାଉତ ଅଧ୍ୟାପିକା ସସ୍ମିତା ସ୍ୱାଇଁ, ଛବି ସାହୁ, ପୁଷ୍ପ ଲତା ରାଉତ ପ୍ରମୁଖ ମଧୁସୂଦନଙ୍କ ଆଦର୍ଶ ଜୀବନି ଉପରେ ଆଲୋକପାତ କରିଥିଲେ। ଶେଷରେ ଅର୍ଥନୀତି ବିଭାଗର ମୁଖ୍ୟ ସନାତନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନଏଚ-୫୫ର ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ

**ଜଗତସିଂହପୁର,ନ୍ୟୁଜ ବ୍ୟୁରୋ**



ଜଗତସିଂହପୁର ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ସଡକ ସୁରକ୍ଷାର ପ୍ରତିକାର ବିଷୟରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ସମସ୍ତ ସଭ୍ୟମାନଙ୍କୁ ନେଇ ଆଲୋଚନାଚକ୍ର ଆୟୋଜନ ହୋଇ ଥିଲା । ଏହି ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ ନିରଞ୍ଜନ ବେହେରା ସଭାରେ ଆଲୋଚିତ ବିଷୟ ଅନୁଯାୟୀ ସମସ୍ତ ବିଭାଗ ଦୁର୍ଘଟଣା ହ୍ରାସ ନିମନ୍ତେ ସଠିକ୍ ପଦକ୍ଷେପ ନେବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ଦିପକ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରି ଦୁର୍ଘଟଣାକୁ ହ୍ରାସ କରିବାକୁ ଗଠନମୂଳକ ଭାବରେ ମନ୍ତବ୍ୟ ଉତ୍ଥାପନ କରିବା, ଜାତୀୟ ରାଜପଥ ୫୫ ରାସ୍ତା ମରାମତିକୁ ତ୍ୱରାନ୍ୱିତ କରିବା, ଦୁର୍ଘଟଣା ସ୍ଥାନ ରାସ୍ତାରେ ଉପଯୁକ୍ତ ସଙ୍କେତ ଲଗାଇବା, ଗ୍ରାମିଣ ରାସ୍ତାରୁ ମୁଖ୍ୟ ରାସ୍ତା ସଂଯୋଗ ସ୍ଥଳେ ହମ୍ପ ସ୍ଥାପନ କରିବା, ଅମାନିଆ ଗାଡ଼ି ଚାଳକଙ୍କ ପାଇଁ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ କଡ଼ାକଡ଼ି କରିବାକୁ କହିଥିଲେ । ସଂପ୍ରତି ଜିଲ୍ଲା ସଡ଼କ ସୁରକ୍ଷା ସମିତିର ସମସ୍ତ ସଭ୍ୟ ଉପସ୍ଥିତ ରହି ଗଠନ ମୂଳକ ମତାମତ ଦେଇଥିଲେ । ୮ ଜଣ ଗୁଡ ସମାରିଟାନଙ୍କୁ ମାନପତ୍ର ସହ ୨୦୦୦ ଟଙ୍କାର ଅର୍ଥରାଶି ସରକାରଙ୍କ ତରଫରୁ ପ୍ରଦାନ କରାଯାଇଥିଲା । ସେହି ଗୁଡ ସମାରିଟାନମାନେ ହେଲେ ବିନୟ ବସନ୍ତ ରାୟ, ଦୀପକ କୁମାର ବରାଳ, ଆନନ୍ଦ ନାୟକ, ଏସ କେ ଇମିତିଆଜ, ଏସ କେ ରିଆଜ ଉଦ୍ଦିନ, ସତ୍ୟବ୍ରତ ଷଡ଼ଙ୍ଗୀ, ସୁରଜିତ ନାୟକ, ସୌମ୍ୟ ରଞ୍ଜନ ପାତ୍ର । ଏହି ଅବସରରେ ଡି ଏସ ପି, ଜଗତସିଂହପୁର ରାଜୀବ ବେହେରା, ପାରାଦ୍ୱୀପ ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ,ଏନ୍ ଏଚ ୫୫ ଓ ଏନ ଏଚ୍ ଏ ଆଇ ବିଭାଗର ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ନାଗରିକ ସମାଜର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ ।

# ଗ୍ୟାସ ସିଲିଣ୍ଡର ଯୋଗାଣ ଓ ଦର ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ

**ଯାଜପୁର, ନ୍ୟୁଜ ବ୍ୟୁରୋ**



ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବିପତ୍ତି ପରିଚାଳନା ଗ୍ରୁପ୍ ଏବଂ ସମସ୍ତ ଇନ୍ଧନ ତେଲ ମାର୍କେଟିଂ କମ୍ପାନୀମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଲପିଜି ରନ୍ଧନ ଗ୍ୟାସର ଉପଲବ୍ଧତା, ଯୋଗାଣ ଏବଂ ଦରଦାମ୍ ମନିଟରିଂ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା ବୈଠକରେ ଉପସ୍ଥିତ ଥିଲେ। ଜିଲ୍ଲାବାସୀଙ୍କ ଏଲପିଜି ଏବଂ ପେଟ୍ରୋଲିୟମ ଉତ୍ପାଦର ଚାହିଦା ପୂରଣକୁ ସୁନିଶ୍ଚିତ କରିବା ପାଇଁ ଦର ନିୟନ୍ତ୍ରଣ, କଳାବଜାରୀ ରୋକିବା, ଯୋଗାଣ ଶୃଙ୍ଖଳା ପରିଚାଳନା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଗ୍ୟାସ ଏଜେନ୍ସି ମାନଙ୍କ ସହ ଯାଜପୁର ସହର ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରେ ରନ୍ଧନ ଗ୍ୟାସ ସିଲିଣ୍ଡର ଯୋଗାଣର ସ୍ଥିତି ସମୀକ୍ଷା କରିବା ସହ ଦୈନିକ ଚାହିଦା ଓ ଯୋଗାଣ ଉପରେ ଧ୍ୟାନ ଦେଇ କଳାବଜାରୀ ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ। କଳାବଜାରୀ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ତାଗିଦ୍ କରିଥିଲେ। ଏହାସହ ସ୍କୁଲ ହଷ୍ଟେଲ, ହସ୍ପିଟାଲ, ଜେଲ୍ ଭଳି ଅତ୍ୟାବଶ୍ୟକୀୟ ତଥା ଜରୁରୀ ସେବା ଅନୁଷ୍ଠାନଗୁଡ଼ିକୁ ସମୟାନୁସାରେ ଗ୍ୟାସ ସିଲିଣ୍ଡର ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ଅତିରିକ୍ତ ଯୋଗାଣ ଅଧିକାରୀ, ମାର୍କେଟ ଇନ୍ସପେକ୍ଟର, ଅଏଲ ମାର୍କେଟିଂ କମ୍ପାନୀ ଗୁଡିକର ପ୍ରତିନିଧି ଏବଂ ଯାଜପୁର ଜିଲ୍ଲାର ସମସ୍ତ ଗ୍ୟାସ ବିତରକ ଏଜେନ୍ସି ଯୋଗ ଦେଇଥିଲେ।

# ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣୀ ଥିଲେ ମଧୁବାବୁ

**ବ୍ୟାସନଗର,ନ୍ୟୁଜ ବ୍ୟୁରୋ**



ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣୀ, ପ୍ରଥମ ଓ ବିଶିଷ୍ଟ ଓକିଲ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଉଚିତ୍ ସମ୍ମାନ ଦେବା ନିମନ୍ତେ ରାଜ୍ୟ ସରକାର ସଦା ତତ୍ପର ଅଛନ୍ତି ଏବଂ ତାଙ୍କୁ ଭାରତ ରତ୍ନ ପ୍ରଦାନ କରିବାକୁ ଯଥା ବିଧି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ପ୍ରଦିପ କୁମାର ବଳ ସାମନ୍ତ ପ୍ରକାଶ କରିଛନ୍ତି। ଆଜି ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର ସଂଘ ତରଫରୁ ସଭାପତି ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ମଧୁ ଜୟନ୍ତୀ ସପ୍ତାହ ଉଦଯାପନୀ ଏବଂ ସମ୍ବର୍ଦ୍ଧନା ବ୍ୟାସଦେବ ଟାଉନ୍ ହଲ୍‌ରେ ଅନୁଷ୍ଠିତ ସଭାକୁ ବଳ ଉଦଘାଟନ କରି ମଧୁ ବାବୁଙ୍କ ଓଡ଼ଶା ରାଜ୍ୟ ଓ ଓଡ଼ିଆ ଜାତି ପ୍ରତି ଅବଦାନ ଚିର ସ୍ମରଣୀୟ ଏବଂ ପ୍ରତ୍ୟେକ ଓଡିଶା ବାସୀଙ୍କର ନମସ୍ୟ, ଆଦର୍ଶ, ପ୍ରେରଣା ସହିତ ଓକିଲ ସମାଜ ନିମନ୍ତେ ଗର୍ବ ଓ ଗୌରବ, ଭାରତର ଜଣେ ବିରଳ ବ୍ୟକ୍ତି ଭାବେ ଭାରତ ରତ୍ନ ପାଇବା ହକଦାର ବୋଲି ଉଦବୋଧନ ଦେଇଥିଲେ। ବ୍ୟାସନଗର ସହରରେ ମଧୁ ବାବୁଙ୍କ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତୀ ଦାବିକୁ ମନ୍ତ୍ରୀ ସମ୍ପୂର୍ଣ୍ଣ ସହଯୋଗର ପ୍ରତିଶୃତି ପ୍ରଦାନ ସହିତ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ସହିତ ପରାମର୍ଶ କରିବେ ବୋଲି ପ୍ରକାଶ କରି ଥିଲେ। ଉକ୍ତ ଦାବିକୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା କୋରେଇର ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସ ନାୟକ ଏକ ବର୍ଷ ମଧ୍ୟରେ ସହରର ପ୍ରମୁଖ ସ୍ଥାନରେ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତୀ ସ୍ଥାପିତ ହେବ ବୋଲି କହିଥିଲେ। ଉକ୍ତ ଦାବିର ଯଥାର୍ଥତା ଅନୁଭବ କରି ମଞ୍ଚରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଥିବା ସୂର୍ଯ୍ୟକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ତଥା ମୁମ୍ବାଇ ଓଡ଼ିଆ ମହାସଂଘର ସଭାପତି ଦୁଇ ଲକ୍ଷ ଟଙ୍କାର ଅନୁଦାନ ରାଶି ଦେବାକୁ ଘୋଷଣା କରିଥିଲେ। ଏହାକୁ ସମର୍ଥନ କରି ସଭାରେ ଉପସ୍ଥିତ ଯୁବ ଚାଟାର୍ଡ ଆକାଉଣ୍ଟାଣ୍ଟ ମହାମାୟା ପ୍ରତାପ ସ୍ୱାଇଁ ଏକ ଲକ୍ଷ୍ୟ ଟଙ୍କା ଅନୁଦାନ ଦେବେ ବୋଲି ପ୍ରକାଶ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟବକ୍ତା ବିଶିଷ୍ଟ ପୂର୍ବତନ ପ୍ରଶାସକ ତଥା ମଧୁ ସାହିତ୍ୟ ଗବେଷକ ଡ ଧରଣୀ ଧର ନାଥ ଏବଂ ଅନ୍ୟତମ ବକ୍ତା ବିଶିଷ୍ଟ ସାହିତ୍ୟିକ ଡ ରବୀନ୍ଦ୍ର ବିହାରୀ ଯୋଗଦେଇ ମଧୁବାବୁଙ୍କ ଜୀବନୀ ତଥା ତାଙ୍କ ବିଚାର ଓଡ଼ିଶା ପାଇଁ ଅବଦାନ ଅତୁଳନୀୟ ଓ ଚିର ସ୍ମରଣୀୟ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଯାଜପୁର ରୋଡ଼ ବାର ଆସସିଏସନରର ସଭାପତି ମଙ୍ଗୁଳି ଚରଣ ସାହୁ, କଳିଂଗନଗର ବାର ଆସୋସିଏସନ୍ ର ସଭାପତି ମନିନ୍ଦ୍ର କୁମାର ଧଳ ଯୋଗ ଦେଇଥିଲେ। ଟ୍ୟାକ୍ସ ବାରର ସମ୍ପାଦକ ଧନେଶ୍ୱର ବାରିକ୍ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ ସହିତ ଉପସଭାନେତ୍ରୀ ସଭା ସଞ୍ଚାଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଓକିଲ ସାମିଲ ହୋଇଥିବା ବେଳେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯାଜପୁର ଜିଲ୍ଲାର ଓକିଲ ସଂଘର ନବ ନିର୍ବାଚିତ କାର୍ଯ୍ୟକର୍ତ୍ତା ଉଦଘାଟକ ମନ୍ତ୍ରି ଓ ମୁଖ୍ୟ ଅତିଥି ଶ୍ରୀ ନାୟକ ସମ୍ବର୍ଦ୍ଧନା କରିଥିଲେ। ଯାଜପୁର ରୋଡ଼ ସଂଘର ସଭାପତି ମଙ୍ଗୁଳି ଚରଣ ସାହୁ, ସମ୍ପାଦକ ବିଭୁ ପ୍ରସାଦ ସ୍ୱାଇଁ, ଉପସଭାପତି ଗୀତାଞ୍ଜଳି ପରିଡ଼ା, ସହ ସମ୍ପାଦିକା ମାମାଲି କାନୁନଗୋ, କଳିଙ୍ଗ ନଗର ବାରର ସଭାପତି ମନିନ୍ଦ୍ର କୁମାର ଧଳ, ସମ୍ପାଦକ ନବ କିଶୋର ସାହୁ, ବ୍ରଜକିଶୋର ପତି, ଚଣ୍ଡିଖୋଲ ବାରର ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାସ, ଯାଜପୁର ବାରର ସଭାପତି ଅମୀୟ ଦାସ, ସମ୍ପାଦକ ଦିବାକର ମହାନ୍ତି, ବରି ବାରର ସଭାପତି ରାଜକିଶୋର ସାମଲ, ସମ୍ପାଦକ ଟ୍ୟାକ୍ସ ବାରର ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ସାହୁ , ରଞ୍ଜନ କୁମାର ମଲ୍ଲିକଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସପ୍ତାହ ବ୍ୟାପୀ ସ୍କୁଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃତୀତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କ ସହିତ ବ୍ୟାସନଗର ପବ୍ଲିକ ସ୍କୁଲ୍‌ର ଅଧ୍ୟକ୍ଷା ଡ ଦେବସ୍ମିତା ସାହୁ, ଏସ ବିଡି ସ୍କୁଲର ଅଧ୍ୟକ୍ଷ ଡ କଳପତ୍ରୁ ସାହୁ, ମଧୁସୂଦନ ନଗର ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଙ୍କୁ, ମଧୁ ବାବୁଙ୍କ ଉପରେ ଚିତ୍ରାଙ୍କନ କରୁଥିବା ଶିକ୍ଷୟତ୍ରୀ ନିବେଦିତା ମାହାପାତ୍ରଙ୍କ ସହିତ ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧନା ଓ ଟ୍ରଫି ପ୍ରଦାନ କରିଥିଲେ। ସଭାରେ ସାହିତ୍ୟିକ ବ୍ରଜେଶ୍ୱରି ସିଂଙ୍କ ସଂକଳିତ ପୁସ୍ତକ 'କୋଇଲି ଗାଉଛି ଗୀତ'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ । ଉକ୍ତ ସଭାରେ ଯୁଗ୍ମ ସମ୍ପାଦକ ଅଶୋକ କୁମାର ଶର୍ମା ଧନ୍ୟବାଦ ଜ୍ଞାପନ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଅରୁଣ କୁମାର ସାହୁ, ଅଜୟ କୁମାର ବିଶ୍ୱାଳ, ଅନନ୍ତ ଚନ୍ଦ୍ର କର, ସସ୍ମିତା ପାଣଗ୍ରାହୀ, ସହ ସମ୍ପାଦକ ଦିପୁ ବାରିକ, ହେମନ୍ତ କୁମାର ପଥାଳ, ସଦସ୍ୟ ଦିଲ୍ଲୀପ କୁମାର ନାୟକ, ସତ୍ୟଜିତ ଶତପଥୀ, ଚିତ ରଞ୍ଜନ ମହାନ୍ତି, ଅକ୍ଷୟ କୁମାର ବାରିକ୍,ରମାକାନ୍ତ ନନ୍ଦ, ପ୍ରବୀର କୁମାର ରାଉତ, ଶିବାନନ୍ଦ ଦାସ୍, ଆମ୍ରିତ କୁମାର ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରାଦେଶିକ ମେଧା ଓ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା

# ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସର୍ବାଧିକ ସଫଳତା

**ବ୍ରହ୍ମପୁର,ନ୍ୟୁଜ ବ୍ୟୁରୋ**

ଶିକ୍ଷା ବିକାଶ ସମିତି (ଓଡ଼ିଶା) ଆୟୋଜିତ ୩ୟ, ୫ମ, ୭ମ ଓ ୯ମ ଶ୍ରେଣୀ ପ୍ରାଦେଶିକ ମେଧା ପରୀକ୍ଷା ଓ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ସର୍ବାଧିକ ସଫଳତା ମିଳିଛି । ରାଜ୍ୟସ୍ତରରେ ୨୧ ଜଣ ର୍‍ୟାଙ୍କ୍ ହାସଲ କରି ସଫଳତାର ପୂର୍ବ ଗୌରବକୁ ବଜାୟ ରଖିଛନ୍ତି । ୩ୟ ଶ୍ରେଣୀରେ ପ୍ରାଦେଶିକ ମେଧାରେ ଜପଶ୍ରୀ ଦାଶ ଅଷ୍ଟମ ସ୍ଥାନ, ୫ମ ଶ୍ରେଣୀରେ ଆଦ୍ୟା ଅନୁଭା ପାଢ଼ୀ ଷଷ୍ଠ ସ୍ଥାନ, ୭ମ ଶ୍ରେଣୀରେ ଶୁଭ୍ରାଂଶୁ ପାଣିଗ୍ରାହୀ ପଞ୍ଚମ, ହିମାଦର୍ଶ ଦେବ ସପ୍ତମ, ସାନଭି ପଣ୍ଡା ଅଷ୍ଟମ, ଶୁଭଙ୍କର ଛୋଟରାଏ ଓ କେ. ଆଦିତ୍ୟ ରାଓ ନବମ ସ୍ଥାନ, ୯ମ ଶ୍ରେଣୀରେ ଅମନ କୁମାର ପ୍ରଧାନ ତୃତୀୟ, ଦେବାଶିଷ ସୁବୁଦ୍ଧି ଚତୁର୍ଥ, ରତ୍ନାକର ପାଢ଼ୀ ପଞ୍ଚମ, ଶୁଭାଶିଷ ପଟ୍ଟନାୟକ ଷଷ୍ଠ, ଦିବ୍ୟା ଦିପାନ୍ୱିତା ଅଷ୍ଟମ, ବିଶ୍ୱଜିତ୍ ମହାରଣା ନବମ ସ୍ଥାନ ପାଇଛନ୍ତି । ସେହିଭଳି ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭାରେ ୫ ଶ୍ରେଣୀର ସପ୍ତମ ସ୍ଥାନରେ ବି. ଶ୍ରୀନାଥ ସୁବୁଦ୍ଧି, ୭ମ ଶ୍ରେଣୀ ଦଶମ ସ୍ଥାନରେ ହିମାଦର୍ଶ ଦେବ, ୯ମ ଶ୍ରେଣୀର ଷଷ୍ଠ ସ୍ଥାନରେ ବିଶ୍ୱଜିତ୍ ମହାରଣା, ଅଷ୍ଟମ ସ୍ଥାନରେ କେ.ଓମ୍ ପାତ୍ର, ନବମ ସ୍ଥାନରେ କଳ୍କେଶ କୁମାର ସାହୁ ଓ ଗଣେଶ୍ୱର ସ୍ୱାଇଁ, ଦଶମ ସ୍ଥାନରେ ଦିବ୍ୟା ଦିପାନ୍ୱିତା ଓ ଦେବାଶିଷ ସୁବୁଦ୍ଧି ପ୍ରମୁଖ ରାଜ୍ୟସ୍ତରରେ ର୍‍ୟାଙ୍କ ରଖିଛନ୍ତି । ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ଅନୁଷ୍ଠାନ ପରିଚାଳନା ସମିତି ସଭାପତି ଡ଼. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତି ସାମଲ, ବାସନ୍ତୀ ବେହେରା, ଉପଦେଷ୍ଟା ନରସିଂହ ଚୌଧୁରୀ, ଧର୍ମରାଜ ସାହୁ, ମମତା ପାଣିଗ୍ରାହୀ, ଡ଼. ହରିକୃଷ୍ଣ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହରିକୃଷ୍ଣ ପାଢ଼ୀ, ସୁଦର୍ଶନ ପାଢ଼ୀ ତଥା ନିମନ୍ତ୍ରିତ ସଦସ୍ୟ ରାଜେନ୍ଦ୍ର ଡ଼ାକୁଆ ଓ କେ. ଭେଙ୍କଟ ରାଓ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ୍ କୁମାର ଦାଶ, ବିଦ୍ୟା ମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପୂର୍ବତନ ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଏବଂ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସମସ୍ତ କୃତୀ ଶିଶୁମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରି ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇଛନ୍ତି ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ପ୍ରତିରକ୍ଷା କ୍ଷେତ୍ରରେ ଭାରତ ରଚିଲା ଇତିହାସ

ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଆଜି ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି । ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (DRDO) ଏବଂ ଭାରତୀୟ ନୌସେନା ମିଳିତ ଭାବେ ଓଡ଼ିଶା ଉପକୂଳ ବଙ୍ଗୋପସାଗରରେ 'ନୌସେନା ସ୍ୱଳ୍ପ ଦୂରଗାମୀ ଜାହାଜ ବିରୋଧୀ କ୍ଷେପଣାସ୍ତ୍ର' (NASM-SR) ର ସଫଳ ପରୀକ୍ଷଣ କରିଛନ୍ତି । ଭାରତୀୟ ନୌସେନାର ଏକ ହେଲିକପ୍ଟର ପ୍ଲାଟଫର୍ମରୁ ଏହି ଅତ୍ୟାଧୁନିକ କ୍ଷେପଣାସ୍ତ୍ରକୁ ଉତକ୍ଷେପଣ କରାଯାଇଥିଲା । ଏହି ପରୀକ୍ଷଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା ଯେ, ଗୋଟିଏ ହେଲିକପ୍ଟରରୁ ଅତି ଦ୍ରୁତ ଗତିରେ ଦୁଇଟି କ୍ଷେପଣାସ୍ତ୍ର ଯାଇଥିଲା । ଏହା ଏହି ଉନ୍ନତ ବାୟୁ-ପ୍ରବେଶିତ ଜାହାଜ ବିରୋଧୀ କ୍ଷେପଣାସ୍ତ୍ର ପ୍ରଣାଳୀର ପ୍ରଥମ ସାମୂହିକ ବା 'କଲେକ୍ଟିଭ୍ ଲଞ୍ଚ' ଥିଲା । କ୍ଷେପଣାସ୍ତ୍ରଗୁଡ଼ିକ ସଠିକ୍ ଭାବେ ନିଜର ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଛନ୍ତି, ଯାହା ଭାରତର ସାମରିକ ଶକ୍ତିକୁ ଆହୁରି ସୁଦୃଢ଼ କରିଛି । ଏହି ଐତିହାସିକ ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ DRDO, ଭାରତୀୟ ନୌସେନା, ଭାରତୀୟ ବାୟୁସେନା ଏବଂ ସମ୍ପୃକ୍ତ ଶିଳ୍ପ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଯେ, ଏହି ସ୍ୱଦେଶୀ କ୍ଷେପଣାସ୍ତ୍ର ପ୍ରଣାଳୀର ବିକାଶ ଫଳରେ ଭାରତୀୟ ସଶସ୍ତ୍ର ବାହିନୀର ଆକ୍ରମଣାତ୍ମକ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ ଏବଂ ଆତ୍ମନିର୍ଭର ଭାରତ ଅଭିଯାନ ଆହୁରି ଆଗକୁ ବଢ଼ିବ । ଏହା ପୂର୍ବରୁ ଗତ ଏପ୍ରିଲ ୨୫ ତାରିଖରେ ମହାରାଷ୍ଟ୍ରର ଅହିଲ୍ୟାନଗରସ୍ଥିତ DRDO ପ୍ରୟୋଗଶାଳାରେ ଉନ୍ନତ ଆର୍ମୋଡ୍ ପ୍ଲାଟଫର୍ମର ଉନ୍ମୋଚନ କରାଯାଇଥିଲା । DRDO ଅଧ୍ୟକ୍ଷ ଡକ୍ଟର ସମୀର ଭି. କାମତ ଏହି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ଲାଟଫର୍ମଗୁଡ଼ିକର ଅନାବରଣ କରିଥିଲେ । ଏହି ଗାଡ଼ିଗୁଡ଼ିକ ନୌସେନା ଏବଂ ସ୍ଥଳସେନାର ଆଧୁନିକ ଅପରେସନାଲ୍ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡିଜାଇନ କରାଯାଇଛି । ଏହି ନୂତନ ପ୍ଲାଟଫର୍ମଗୁଡ଼ିକରେ ୩୦ ମିମି କ୍ରୁଲେସ୍ ଟରେଟ୍ ଏବଂ ୭.୬୨ ମିମି PKT ଗନ୍ ଲଗାଯାଇଛି, ଯାହା ଆଣ୍ଟି-ଟ୍ୟାଙ୍କ ଗାଇଡେଡ୍ ମିସାଇଲ୍ ଲଞ୍ଚ କରିବା ପାଇଁ ମଧ୍ୟ ସକ୍ଷମ । ବର୍ତ୍ତମାନ ଏଥିରେ ୬୫ ପ୍ରତିଶତ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରାଯାଇଛି । ଭବିଷ୍ୟତରେ ଏହି ସ୍ୱଦେଶୀ ସାମଗ୍ରୀର ପରିମାଣକୁ ୯୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ସଫଳ ପରୀକ୍ଷଣ ଏବଂ ନୂତନ ପ୍ଲାଟଫର୍ମର ବିକାଶ ଭାରତୀୟ ପ୍ରତିରକ୍ଷା ଶିଳ୍ପକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିଛି ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

---

### ମୋହ-ଗ୍ରାସ



ବିଶ୍ୱଗ୍ରାସ କଲାପରି
ଏ ମାନବ ମନ
ତଥାପି ଶାନ୍ତି-ଖୋଜୁଛି
କଳ୍ପନାର ରେଖା ଡେଇଁ
ଏ ମାନବ ମନ
ପୁନଶ୍ଚ
ଶୂନ୍ୟତାକୁ ଚାହିଁ ବସିଛି ।
ଭଗବାନଙ୍କୁ ଭାବି ଭାବି
ଏ ମାନବ ମନ
ଭାଗ୍ୟକୁ ଭୁଲି ଯାଉଛି
ବିଜ୍ଞାନୀ ସାଜୁଛି ।
ଭୁଲ ଠିକ ବାଛି ବାଛି
ଏ ମାନବ ମନ
ବିବେକକୁ ଭୁଲି ଗଲାଣି
ତଥାପି କହୁଛି
ଶାନ୍ତି ଦିଅ ଶାନ୍ତି ଦିଅ
ଆରେ କାହାକୁ କହୁଛୁ ?
କାହାକୁ ଖୋଜୁଛୁ ?
କିଏ -ତୋତେ-ଶାନ୍ତି ଦେବ ?
ମନ ତ ତୋର ଆଶା ପଞ୍ଜୁରୀରେ
ଶାନ୍ତି ପାଇବୁ କେମିତି ?
ନିଜ ମନକୁ ହଜାଇ
କାହାକୁ ହାତ ପାତୁଛୁ
ନିଜକୁ ନିଜେ ନଚିହ୍ନି
ଅନ୍ୟକୁ ଉପଦେଶ ଦେବା
ଅନ୍ଧ ଆଖିରେ
ଚଷମା ପିନ୍ଧିବା ଭଳି
ଏ ମାନବ ମନ
ଆଶା -ନିଶାର-ବିଷକୁ
ପାନ କରି
ମୋହ ଗ୍ରସ୍ତ ଏ ଜୀବ ଜଗତ
ଛାଡି ଭାଗବତ
ପୁଜେ ଜଗନ୍ନାଥ
କେବଳ ବିଶ୍ୱକୁ ଗିଳି ଦେବା ପାଇଁ
ସେବା ଛାଡି ସ୍ୱାର୍ଥକୁ ଭଜୁଛି
ତଥାପି ଏ ମନ
ଶାନ୍ତି ଖୋଜୁଛି ।

◆◆

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୬୬)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

କୁଜଙ୍ଗ ଗଡର କୁଞ୍ଜବନ ଓ ସ୍ୱର୍ଣ୍ଣାଭ ବଳୟରେ ନିର୍ମିତ ବିଶ୍ୱବିଖ୍ୟାତ ସୁଭଦ୍ରାଙ୍କ ମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାମ ରହିଲା କୁଞ୍ଜ ବିହାରୀ । ସମାପ୍ତ ହେଲା ଉଭୟ କ୍ଷେତ୍ରର ମହାପ୍ରଭୁଙ୍କର ମନ୍ଦିର ପ୍ରବେଶ, ବିଶ୍ୱବିଖ୍ୟାତ ମନ୍ଦିର ପ୍ରବେଶ ଓ ବିଶ୍ୱ ବିଖ୍ୟାତ ମନ୍ଦିର ପ୍ରତିଷ୍ଠା ସମାରୋହ । ମହାକାଳର କର୍ତ୍ତାଳ ଗଡିଗଲା ଅନେକ ବର୍ଷ । ୧୬୪୫ମସିହା ପୂର୍ବରୁ ରାଜା ଗୋପୀନାଥ ନରେନ୍ଦ୍ରଙ୍କ ଶାସନର ପରି ସମାପ୍ତି ପରେ ତାଙ୍କ ପୁତ୍ର ପୁରୁଷୋତ୍ତମ ନରେନ୍ଦ୍ର କୁଜଙ୍ଗର ରାଜା ହୋଇଥିଲେ । ତାଙ୍କର ଶାସନ ଚାଲିଲା ୧୬୪୫ଠାରୁ ୧୬୬୭ ପର୍ଯ୍ୟନ୍ତ । କିନ୍ତୁ ଭାଗ୍ୟର ବିଡମ୍ବନା । ଯେତେବେଳେ ମଣିଷର ବିପର୍ଯ୍ୟୟ ଆସି ପହଞ୍ଚିବ, ସେତେବେଳେ ଜୀବନର ସମସ୍ତ ଘଟଣା ବିଭିନ୍ନ ଭାବରେ ବିଭିନ୍ନ ରୂପରେ, ବିଭିନ୍ନ ପର୍ଯ୍ୟାୟରେ ତାକୁ ଏପରି ବିଚଳିତ କରିବ ଯାହାକୁ ଯେତେ ଚେଷ୍ଟା କଲେ ମଧ୍ୟ ଆୟତ୍ତ କରିପାରିବନି, ଶେଷରେ ଧ୍ୱଂସ କରିଦେବ ମଣିଷର ଅସ୍ତିତ୍ୱକୁ । ଯେତେବେଳେ ମଣିଷର ଅସ୍ତିତ୍ୱ ଲୋପ ପାଇଯିବ, ସେତେବେଳେ ଆଉ କେହି ନଥିବେ ପାଖରେ । ଆଉ ଯିଏ ପାଖରେ ଥିବ ସିଏ ହେଉଛି ମହାକାଳ। ତୁମେ ଯେତେ ବଡ ଶକ୍ତିଶାଳୀ, ଯେତେବଡ ବୁଦ୍ଧିମାନ ଆଉ କୁବେର ସଦୃଶ ଐଶ୍ୱର୍ଯ୍ୟ ରୂପୀ ନଭଶ୍ଚୁମ୍ବୀ କିର୍ତ୍ତୀ ଉପରେ ବିରାଜମାନ କରୁଥାଅନା କାହିଁକି, ସେଗୁଡାକ ତୁମ ସମ୍ମୁଖରେ ଭାଙ୍ଗିରୁଜି ଚୂରମାର ହୋଇଯିବ । ଏଭଳି ବିପର୍ଯ୍ୟୟକୁ ରୋକିବା ପାଇଁ ଯେତେ ଉପାୟ କଲେବି ତାହା ସଂପୂର୍ଣ୍ଣ ବିଫଳ ହୋଇଯିବ । କାରଣ ଏହା ହେଉଛି ମହାକାଳର କଳ୍ପନାତୀତ ଆଉ ଅଦୃଶ୍ୟ ମହାଶକ୍ତି । ଏହା ପୃଥିବୀ ପୃଷ୍ଠରେ ଜନ୍ମ ନେଇଥିବା ପ୍ରତ୍ୟେକ ମନୁଷ୍ୟର ଅବଧାରିତ ଭାଗ୍ୟଲିପି । କେହି ଏଥିରୁ ବାହାରି ପାରିନାହାଁନ୍ତି । ପୁରାଣ ପୃଷ୍ଠାଠାରୁ ଆଜି ପର୍ଯ୍ୟନ୍ତ କେତେ କେତେ ମହାମହିମଙ୍କ ଜୀବନ ଧ୍ୱଂସ ସ୍ତୁପ ମଧ୍ୟରେ ବିଲୀନ ହୋଇଯାଇଛି । ଏବେବି ବିଲୀନ ହୋଇ ଚାଲିଛି ଆଉ ବିଲୋପ ହୋଇ ଯାଉଥିବ ସଂସାରରେ ଚନ୍ଦ୍ର ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ, ଏଠାରେ ରାମ ଯାଇଛନ୍ତି, ରାମ ରାଜ୍ୟବି ଉଜୁଡିଯାଇଛି, ରାବଣବି ଧ୍ୱଂସ ହୋଇଛି, ଲଙ୍କାପୁରୀ ମଧ୍ୟ ଦାବାନଳ ମଧ୍ୟରେ ଧ୍ୱଂସ ପାଇଛି । କୃଷ୍ଣ ବି ଆସିଛନ୍ତି, ଦ୍ୱାରକାରେ ସମ୍ରାଟ ବି ହୋଇଛନ୍ତି, ଅନନ୍ତ କୋଟି ବ୍ରହ୍ମାଣ୍ଡର ମହାମହିମ ସମ୍ରାଟ ହୋଇବି ତାଙ୍କର ଦ୍ୱାରକା ଭୂଖଣ୍ଡକୁ ସାମୁଦ୍ରିକ ପ୍ରଳୟ ମଧ୍ୟରେ ଠେଲି ଦେଇଛନ୍ତି । ଶେଷରେ ନିଜର ବଂଶକୁ ନିଜେ ବିଲୋପ କରି ଦେଇଛନ୍ତି। ଅନ୍ତିମ କ୍ଷଣରେ ଶିଆଳି ଲତା ତଳେ ଜରା ଶବରର ତୀକ୍ଷ୍ଣ ଶରାଘାତରେ ଭୟାନକ ଜ୍ୱାଳାରେ ଜୀବନ ଚାଲିଯାଇଛି । ସେ ନିଜେ ସ୍ୱୟଂ ମହାକାଳ ହୋଇବି ବିଧିର ବିଧାନକୁ ଏଡାଇ ପାରିନାହାଁନ୍ତି । କାହାରି ଚିହ୍ନ ବର୍ଣ୍ଣ ବି ମହାକାଳ ଚିରସ୍ଥାୟୀ କରି ରଖିନି, ସମସ୍ତଙ୍କୁ ବିଲୋପ କରିଦେଇଛି । ମହାକାଳର ଏ ବିନାଶର ମହାଯାତ୍ରା ଚାଲିଥିବ ଅନନ୍ତ କାଳ ପର୍ଯ୍ୟନ୍ତ ।

ଠିକ୍ ଏହିପରି ଏକ ବିଡମ୍ବନାର ଭୟାନକ କଳାବାଦଲ ଧୀରେ ଧୀରେ ସଙ୍ଗଠିତ ହୋଇ ଆସୁଛି କୁଜଙ୍ଗ ଗଡର ମହାକାଶକୁ । ଦୁର୍ଭାଗ୍ୟର କଥା ହେଲା ୧୬୬୭ବେଳକୁ ମଲ୍ଲିକ୍ ସାମନ୍ତ ନାମକ ଜଣେ କ୍ଷତ୍ରୀୟ ରାଜା ପୁରୀରେ ବାସ କରି ରାଜ ଶିକ୍ଷକର କାର୍ଯ୍ୟ କରୁଥାନ୍ତି । ଜନପଦୀୟ କାହାଣୀରେ କୁହାଯାଇଛିଯେ ଏକଦା କୁଜଙ୍ଗର ଏକ ଉନ୍ମତ୍ତ ଷଣ୍ଢର ଅତ୍ୟାଚାରରେ ଗଡବାସୀମାନେ ଅସ୍ତ ବ୍ୟସ୍ତ ହୋଇ ପଡୁଥିଲେ ମଧ୍ୟ ହିନ୍ଦୁମାନଙ୍କ ଧର୍ମୀୟ ଭାବନା ଗୋହତ୍ୟା ବିପକ୍ଷରେ ଥିବାରୁ ଉକ୍ତ ଷଣ୍ଢକୁ ଅନ୍ୟ କୌଣସି ମତେ ଜବତ କରାଯାଇପାରୁନଥିଲା । ତେଣୁ ରାଜା ଅନନ୍ୟୋପାୟ ହୋଇ ଘୋଷଣା କଲେ ଯେ, ଯେଉଁ ବ୍ୟକ୍ତି ଉକ୍ତ ଉନ୍ମତ୍ତ ଷଣ୍ଢକୁ ରାଜ୍ୟରୁ ବହିସ୍କାର କରିପାରିବେ,ସେ ରାଜ୍ୟର ଏକ ଚତୁର୍ଥାଂଶ ପୁରସ୍କାର ସ୍ୱରୂପ ତାଙ୍କୁ ଦେବେ । ଏହି ଷଣ୍ଢକୁ ପୁରୀର ସେହି ରାଜଶିକ୍ଷକ ମଲ୍ଲିକ୍ ସାମନ୍ତ ହିଁ ବଳ ପ୍ରୟୋଗ କରି କାବୁ କରି ପାରିଥିଲେ, ଯାହା ଫଳରେ କି ଷଣ୍ଢଟି ଭୟଭୀତ ହୋଇ ରାଜ୍ୟ ଛାଡି ପଳାଇଗଲା । ତାଙ୍କର ଏହି ଅସାଧାରଣ ପରାକ୍ରମ ପାଇଁ ସେ ରାଜାଙ୍କ ଠାରୁ ଷଣ୍ଢ ଉପାଧି ସହିତ ରାଜ୍ୟର ଏକ ଚତୁର୍ଥାଂଶ ପାଇଥିଲେ । ଘଟଣାର ଅଳ୍ପଦିନ ପରେ ପୁରୁଷୋତ୍ତମ ନରେନ୍ଦ୍ରଙ୍କ ବିରୁଦ୍ଧରେ ତାଙ୍କର ପ୍ରାୟ ଦୁଇହଜାର ପାଇକ ବିଦ୍ରୋହ କରି ରାଜାଙ୍କୁ ଗାଦିଚ୍ୟୁତ କରାଇ ତାଙ୍କୁ ହତ୍ୟା କରିଥିଲେ । ଏହି ବିଦ୍ରୋହ ପଛରେ ମଲ୍ଲିକ ଷଣ୍ଢଙ୍କର ହାତ ରହିଥିଲା ଓ ପୁରୁଷୋତ୍ତମ ନରେନ୍ଦ୍ରଙ୍କୁ ହତ୍ୟା କରି ସେ ନିଜେ ହେଲେ କୁଜଙ୍ଗର ରାଜା ତେଣୁ ଏହି ବିଶ୍ୱାସ ଘାତକ ମଲ୍ଲିକ ସାମନ୍ତହିଁ କୁଜଙ୍ଗ ଷଣ୍ଢ ବଂଶର ପ୍ରତିଷ୍ଠାତା ଅଟନ୍ତି । ସେ ରାଜା ହେବାପରେ ଅନ୍ୟ ସାତୋଟି ଦୁର୍ଗର ତାଙ୍କର ବଶ୍ୟତା ସ୍ୱୀକାର କରିଥିଲେ । ସେ ୧୬୬୭ରୁ୧୬୮୫ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ଏହି ଷଣ୍ଢବଂଶର ୧୩ପୁରୁଷ ପର୍ଯ୍ୟନ୍ତ ଅର୍ଥାତ୧୬୮୫ଠାରୁ କ୍ରମାନ୍ୱୟରେ ୧୩ ଜଣ ଉତ୍ତରାଧିକାରୀଭାବରେ କୁଜଙ୍ଗ ରାଜ୍ୟକୁ ଶାସନ କରି ଚାଲିଲେ ୧୬ବଂଶର ସମାପ୍ତି ପର୍ବର ଶେଷ ଦାୟାଦ ହେଉଛନ୍ତି ବିଦ୍ୟାଧର ଷଣ୍ଢ । ଏହି ବଂଶଧରମାନେ କୁଜଙ୍ଗର ରାଜା ହେବା ସମୟରେ କୁଜଙ୍ଗର ଆତଙ୍କରାଜ ଶୀର୍ଷ ସ୍ଥାନରେ ପହଁଞ୍ଚିଲା । ନାରୀମାନଙ୍କର ନିର୍ଯାତନା ଅତ୍ୟନ୍ତ ଚରମ ସ୍ଥାନରେ ପହଁଞ୍ଚିଯାଇଥିଲା । ବିଦ୍ୟାଧର ଷଣ୍ଢଙ୍କର ଦୁଇପୁରୁଷ ପୂର୍ବର ରାଜା ମଧୂସୁଦନ ଷଣ୍ଢଙ୍କ ରାଜତ୍ୱର ଶେଷ ଭାଗରେ କୁଜଙ୍ଗ ଓ କନିକା ଉପକୂଳରେ ଏକ ଭୟଙ୍କର ସାମୁଦ୍ରିକ ଝଡବାତ୍ୟା ଅନୁଭୂତ ହୋଇଥିଲା । ଯେଉଁଥିରେ ଶହ ଶହ ଗ୍ରାମବାସୀ ଓ ଗୋରୁ ଗାଈ ପୋକ ମାଛି ପରି ମରିଗଲେ । ଏହି ପ୍ରାକୃତିକ ବିପର୍ଯ୍ୟୟ କୁଜଙ୍ଗ ରାଜାଙ୍କ ମେରୁଦଣ୍ଡକୁ ଏପରି ଭାଙ୍ଗି ଦେଇଥିଲା ଯେ ପ୍ରଜାମାନଙ୍କ ମଧ୍ୟରୁ ଅନେକ ମୋଗଲ ବନ୍ଦୀ ଅଞ୍ଚଳକୁ ପଳାଇଗଲେ । ଯେଉଁମାନେ ବିରହରେ ସେମାନଙ୍କର ମଧ୍ୟ ଖଜଣା ଦେବାର ଶକ୍ତି ନଥିଲା । ତେଣୁ ଉପାୟହୀନ ହୋଇ ମଧୂସୁଦନ ଷଣ୍ଢ କେନ୍ଦ୍ରାପଡାର ଜମିଦାର ସଦାଶିବ ଜେନାଙ୍କ ଠାରୁ ୧୭୦୦୦ଟଙ୍କା ଋଣ ଆଣି କମ୍ପାନୀର ପ୍ରାପ୍ୟ ପ୍ରଦାନ କରିଥିଲେ । ଇଂରେଜ ରାଜତ୍ୱ କାଳରେ ଏହାହିଁ କୁଜଙ୍ଗ ରାଜ୍ୟର ପ୍ରଥମ ଋଣ ଯାହାକି ଏହି ରାଜବଂଶର ସମୁହ ବିନାଶର ବୀଜ ରୋପଣ କରିଥିଲା । ମଧୂସୁଧନ ଷଣ୍ଢ୧୮୩୫ମସିହାରେ ଅତ୍ୟନ୍ତ ଅବସନ୍ନ ଓ ଭଗ୍ନ ହୃଦୟରେ ପ୍ରାଣ ତ୍ୟାଗ କଲେ । ମଧୂସୂଧନ ଷଣ୍ଢଙ୍କ ମୃତ୍ୟୁ ପରେ ତାଙ୍କର ପୁତ୍ର ଜନାର୍ଦ୍ଦନ ଷଣ୍ଢ ରାଜ୍ୟ ଭାର ଗ୍ରହଣ କଲେ । ସେ ବଡ ଅତ୍ୟାଚାରୀ ଓ ଇନ୍ଦ୍ରିୟାସକ୍ତ ଥିବାରୁ ରାଜ୍ୟର ଦୁର୍ଦ୍ଦଶା ଅତ୍ୟନ୍ତ ଭୟାନକ ପରିସ୍ଥିତିରେ ପହଞ୍ଚି ଯାଇଥିଲା । ଅନେକ ସମୟରେ ସାମାନ୍ୟ ଅପରାଧ ପାଇଁ ଲୋକଙ୍କୁ ଅତି ବିଭତ୍ସ ଭାବରେ ହତ୍ୟା କରୁଥିଲେ । ଜନାର୍ଦ୍ଦନ ରାଜା ହେବା ପରେ ପୈତୃକ ଋଣକୁ ପରିଶୋଧ କରିବାରେ ତ ମନ ବଳାଇଲେନି ବରଂ ଋଣ ଭାରରେ ଅଧିକ ଛନ୍ଦି ହେବାକୁ ଲାଗିଲେ । ଜନାର୍ଦ୍ଦନ ଷଣ୍ଢଙ୍କ ମୃତ୍ୟୁ ପରେ ତାଙ୍କର ଜଣେ ବିବାହି ପତ୍ନୀଙ୍କ ପୁତ୍ର ବିଦ୍ୟାଧର ଷଣ୍ଢ କୁଜଙ୍ଗର ରାଜା ହେଲେ । ଏହି ବିଦ୍ୟାଧର ଷଣ୍ଢ ହିଁ କୁଜଙ୍ଗର ଶେଷ ରାଜା ।

# ବିଶ୍ୱରେ ବୌଦ୍ଧ ଧର୍ମର ପ୍ରଭାବ



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା
ମୋ-୮୮୯୫୧୯୦୪୭୫

ଭାରତ ବାହାରେ ପଶ୍ଚିମ ଏସିଆ, ତିବ୍ବତ, ଚୀନ, ସିଂହଳ, ବ୍ରହ୍ମଦେଶ, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଓ ଯାଭା ଦ୍ୱୀପରେ ବୌଦ୍ଧ କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ,ପ୍ରଭୃତିର ପ୍ରଭାବ ପଡିଥିଲା । ବୌଦ୍ଧଦର୍ଶନ, ତତ୍ତ୍ୱ ଓ ଚିନ୍ତାଧାରା ଗଭୀର ଭାବରେ ଏ ସମସ୍ତ ଦେଶର ନାଗରିକମାନଙ୍କୁ ଉଦ୍‌ବୁଦ୍ଧ କରିଥିଲା ନିଃସନ୍ଦେହ । ବୌଦ୍ଧଧର୍ମର ମାନବିକ ଆଦର୍ଶ ଯଥା-ଭେଦାଭେଦ ଶୂନ୍ୟ ସମାଜ, ଅହିଂସା ଓ ପବିତ୍ର ଜୀବନ ପ୍ରଭୃତି ଦେବ ଦୁର୍ଲ୍ଲଭ ଗୁଣାବଳୀ ଅନାୟସରେ ଆକୃଷ୍ଟ କରିଥିଲା । ବିଦେଶୀ ଶ୍ରଦ୍ଧାଳୁମାନଙ୍କୁ ବିଦେଶ ମାଟିରେ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର ହେବା ସଙ୍ଗେ ସଙ୍ଗେ ଅନେକ ବୌଦ୍ଧମଠ, ବିହାର, ସ୍ତୁପ ଓ ଚୈତ୍ୟ ନିର୍ମାଣ କରାଯାଇଥିଲା । ଭାରତର ସ୍ଥାପତ୍ୟ-ଶୈଳି ଦ୍ୱାରା ସେ ଦେଶର ସ୍ଥପତିମାନେ ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ପଶ୍ଚିମଏସିଆ ଓ ଇଣ୍ଡୋନେସିଆର କେତେକ ଅଞ୍ଚଳରୁ ଆବିଷ୍କୃତ ହୋଇଥିବା ଧ୍ୱଂସାବଶେଷରୁ ପ୍ରମାଣ ମିଳେ । ସେ ସବୁ ଅଞ୍ଚଳର ସ୍ଥାପତ୍ୟ ଭାରତୀୟ ବୌଦ୍ଧ ସ୍ଥାପତ୍ୟର ଅନୁକରଣରେ ଗଠିତ ହୋଇଥିଲା । ବୌଦ୍ଧ ସାହିତ୍ୟ ଓ ଦର୍ଶନ ମଧ୍ୟ ବିଦେଶୀ ଗବେଷକ,ଐତିହାସିକ, ପ୍ରାଜ୍ଞ, ବିଜ୍ଞ ଓ ଜିଜ୍ଞାସୁ ମାନଙ୍କ ମନ-ପ୍ରାଣକୁ ଅହେତୁକ ଭାବରେ ଆନ୍ଦୋଳିତ କରିଛି । ବୌଦ୍ଧଧର୍ମ ମାଧ୍ୟମରେ ଭାରତୀୟ ସଭ୍ୟତା ଓ ସଂସ୍କୃତି ସମଗ୍ର ଏସିଆରେ ପ୍ରସାରିତ ଓ ପ୍ରଚାରିତ ହୋଇଥିଲା । ୧୮୮୫ମସିହାରେ ସାର୍ ଏଡ୍ ୱିନ୍ ଆର୍ନୋଲଡଙ୍କ ବହୁ ଚର୍ଚ୍ଚିତ ତଥା ଆଦୃତ **'ଲାଇଟ୍ ଅଫ ଏସିଆ'** ପୁସ୍ତକ ବୁଦ୍ଧଙ୍କ ଜୀବନ ଦର୍ଶନକୁ ଆଧାର କରି ପ୍ରକାଶିତ ହେଲା । ଏହି କାଳଜୟୀ ପୁସ୍ତକ ପାଶ୍ଚାତ୍ୟବାସୀଙ୍କୁ ବୌଦ୍ଧ ଦର୍ଶନର ଅଧିକ ନିକଟବର୍ତ୍ତୀ କରାଇପାରିଥିଲା । ଏହା ଉଲ୍ଲେଖଯୋଗ୍ୟ ଯେ ବୌଦ୍ଧଧର୍ମ ମାଧ୍ୟମରେ ଭାରତୀୟ ସଭ୍ୟତା ସମଗ୍ର ଏସିଆରେ ପ୍ରସାରିତ ହୋଇଥିଲା । ସିଂହଳର ରାଜା ତିସାଙ୍କ ଅନୁରୋଧକ୍ରମେ ସମ୍ରାଟ ଅଶୋକ ନିଜପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତ୍ରା ସହିତ ଚାରିଜଣ ବୌଦ୍ଧଭିକ୍ଷୁଙ୍କୁ ସିଂହଳ ପଠାଇଥିଲେ । ସବୁ ଏସୀୟ ଦେଶକୁ ପ୍ରତ୍ୟକ୍ଷଭାବେ ଭାରତରୁ ବୌଦ୍ଧଧର୍ମ ଯାଇନାହିଁ । ଚୀନରୁ ବୌଦ୍ଧଧର୍ମ ମଙ୍ଗୋଲିଆ, କୋରିଆ ଓ ଜାପାନକୁ ଯାଇଅଛି । ସିଂହଳରୁ ବୌଦ୍ଧଧର୍ମ ବର୍ମା, କାମ୍ବୋଡିଆ, ଆଇଲ୍ୟାଣ୍ଡ, ଲାଓସେ, ଇଣ୍ଡୋନେସିଆ ପ୍ରଭୃତି ଦେଶକୁ ଆସିଥିଲା । ବୌଦ୍ଧଧର୍ମ ଗ୍ରହଣ କରିଥିବା ଦେଶମାନଙ୍କର ଶ୍ରଦ୍ଧାଳୁମାନେ ଧର୍ମ ଶିକ୍ଷା କରିବା, ବୌଦ୍ଧ ବିହାରରେ ଅଧ୍ୟୟନ କରିବା ଓ ଭାରତର ଧର୍ମଗୁରୁଙ୍କ ସହିତ ସଂପର୍କ ସ୍ଥାପନ କରିବା ପାଇଁ ଆଦିଭୂମି ଭାରତବର୍ଷକୁ ଆସିଥିଲେ । ବୌଦ୍ଧଧର୍ମର ମୌଳିକ ତତ୍ତ୍ୱ, ବ୍ୟାଖ୍ୟା ଏହି ଧର୍ମକୁ ନେଇ ବିଶ୍ୱବାସୀଙ୍କ ମନରେ ଉତ୍ସାହ ପ୍ରେରଣା ଓ ଉଦ୍ଦୀପନା ସୃଷ୍ଟି କରିଥାଏ । ଖ୍ରୀ.ପୂ ଷଷ୍ଠ ଶତାବ୍ଦୀରୁ ଆରମ୍ଭକରି ବର୍ତ୍ତମାନ ପର୍ଯ୍ୟନ୍ତ ବୌଦ୍ଧଧର୍ମର ନୀତି, ଆଦର୍ଶ, ଚିନ୍ତାଧାରା ଓ ଭାବନା ବିଶ୍ୱବାସୀଙ୍କ ମନରେ ଦୃଢ ସ୍ଥାନ ଅଧିକାର କରିଛି । 'ଏସିଆର ଆଲୋକ' ପୁସ୍ତକର ପ୍ରକାଶନର ଶହେ ବର୍ଷ ପରେ ୧୯୮୭ମସିହାରେ ଜନ୍ ସ୍ନେଲିଂଗଙ୍କ ରଚିତ ପୁସ୍ତକ ବୁଦ୍ଧିଷ୍ଟ ହ୍ୟାଣ୍ଡବୁକ୍‌ର ପ୍ରଥମ ସଂସ୍କରଣ ଲଣ୍ଡନରୁ ପ୍ରକାଶିତ ହୋଇଥିଲା। ପ୍ରାଚୀନ ସମୟରୁ ବିଂଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ବୌଦ୍ଧ ଗ୍ରନ୍ଥ, ବୌଦ୍ଧ ଇତିହାସ, ତତ୍ତ୍ୱ, ଦର୍ଶନ ବିଭିନ୍ନ ବିଷୟରେ ଅତି ମାର୍ମିକ ଶୈଳିରେ ବର୍ଣ୍ଣନା କରାଯାଇଅଛି । ପାଶ୍ଚାତ୍ୟ ଜଗତରେ ବୌଦ୍ଧଧର୍ମ ପ୍ରସାର ଓ ପ୍ରଚାର ଦିଗରେ ଏହି ପୁସ୍ତକର ଭୂମିକା ନିର୍ଣ୍ଣାୟକ ଏଥିରେ ସନ୍ଦେହ ନାହିଁ 'ଲାଇଟ୍ ଅଫ ଏସିଆ' ପୁସ୍ତକ ଇଂଲଣ୍ଡରେ ବେଷ୍ଟ ସେଲରର ମର୍ଯ୍ୟାଦା ପାଇବା ସହିତ ଇଂଲଣ୍ଡ, ଆମେରିକାରେ ଶତାଧିକବାର ପୁନଃ ମୁଦ୍ରିତ ହୋଇଅଛି । ଅନେକ ୟୁରୋପୀୟ ଭାଷାରେ ଏହି ପୁସ୍ତକ ଅନୁବାଦିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି । ଅନେକ ଭାରତୀୟଙ୍କ ସମେତ ଗାନ୍ଧୀଜୀ ଲଣ୍ଡନରେ ଅଧ୍ୟୟନ କରୁଥିବା ସମୟରେ ଏହି କାଳଜୟୀ ପୁସ୍ତକ ପଢିବାର ସୌଭାଗ୍ୟ ଲାଭ କରିଥିଲେ । ସୋପେନ୍ ହାୱାର (୧୭୮୮-୧୮୬୦)ଜର୍ମାନୀର ନୈରାଶ୍ୟବାଦୀ ଦାର୍ଶନିକଙ୍କ ତତ୍ତ୍ୱରେ ଭଗବାନ ବୁଦ୍ଧଙ୍କର ଧର୍ମ ଧାରଣାର ମୌଳିକ ବୈଶିଷ୍ଟ୍ୟ ଦେଖିବାକୁ ମିଳେ। ଥିଓ ସଫିକାଲ୍ ସୋସାଇଟିର ଅବଦାନ ବୌଦ୍ଧଧର୍ମକୁ ପାଶ୍ଚାତ୍ୟ ଜଗତରେ ପ୍ରବେଶ କରାଇବାରେ ଅତୁଳନୀୟ ଅଟେ । ହିନ୍ଦୁଙ୍କର କର୍ମବାଦ, ଅବତାରବାଦ ଓ ବୌଦ୍ଧଧର୍ମର ନିର୍ବାଣକୁ ଥିଓ ସଫିକାଲ୍ ସୋସାଇଟ୍ ଗ୍ରହଣ କରିଅଛି । ୧୮୯୩ମସିହାରେ ଅନୁଷ୍ଠିତ ଅନ୍ତର୍ଜାତିକ ଧର୍ମ ସଭାରେ ବୌଦ୍ଧଧର୍ମର ପ୍ରତିନିଧିତ୍ୱ କରିଥିଲେ ଧର୍ମପାଳ । ସେ ଥିଲେ ଜଣେ ପଣ୍ଡିତ ଓ ବାଗ୍ମୀ । ବକ୍ତୃତା ଦ୍ୱାରା ସମସ୍ତଙ୍କୁ ମୁଗ୍ଧ କରିଥିବା ଦୃଷ୍ଟିରୁ ଧର୍ମପାଳଙ୍କ ସ୍ଥାନ ଥିଲା ଦ୍ୱିତୀୟ । ସେହି ଚିକାଗୋ ବିଶ୍ୱଧର୍ମ ସମ୍ମିଳନୀରେ ଶ୍ରେଷ୍ଠ ବକ୍ତା ଓ ମୁଖ୍ୟ ଆକର୍ଷଣ ଥିଲେ ସ୍ୱାମୀ ବିବେକାନନ୍ଦ । ପାଶ୍ଚାତ୍ୟ ଜଗତରେ ଚିକାଗୋ ସମ୍ମିଳନୀର ୨୫ବର୍ଷ ପୂର୍ବରୁ ବୌଦ୍ଧଧର୍ମ ସଂପର୍କରେ ବୌଦ୍ଧିକ ଆଲୋଚନା ହେଉ ନଥିଲେ ସମ୍ମିଳନୀରେ ଭାଗ ନେବାକୁ ଏଧର୍ମକୁ ନିମନ୍ତ୍ରଣ କରାଯାଇ ନଥାନ୍ତା । ପ୍ରଖ୍ୟାତ ଐତିହାସିକ ରାଜେନ୍ଦ୍ରଲାଲ ମିତ୍ର ଓ ହରପ୍ରସାଦ ଶାସ୍ତ୍ରୀ ନେପାଳରୁ ଅନେକ ବୌଦ୍ଧଗ୍ରନ୍ଥ ସଂଗ୍ରହ କରିଥିଲେ । ପ୍ରଖ୍ୟାତ ଅନୁସନ୍ଧାନକାରୀ ଶରତ ଚନ୍ଦ୍ର ଦାସ ତିବ୍ବତର ଅନେକ ଅଜ୍ଞାତ ଅଞ୍ଚଳ ବୁଲି ଉପାଦେୟ ବୌଦ୍ଧଗ୍ରନ୍ଥମାନ ସଂଗ୍ରହ କରିଥିଲେ ବୌଦ୍ଧଗ୍ରନ୍ଥ ଗୁଡିକ ଅଧ୍ୟୟନ କରିବା ପାଇଁ ଉନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ପଣ୍ଡିତମାନେ ପାଲି, ସଂସ୍କୃତ ଓ ତିବ୍ବତୀୟ ଭାଷା ଶିଖିଲେ । ବୌଦ୍ଧଧର୍ମ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ କେତେକ ପାଶ୍ଚାତ୍ୟ ପଣ୍ଡିତ ଚୀନ୍, ଜାପାନ ଓ ସିଂହଳ ଭାଷା ମଧ୍ୟ ଶିକ୍ଷାଲାଭ କଲେ । ଯାହାଫଳରେ ପାଶ୍ଚାତ୍ୟ ବିଦ୍ୱାନ, ଗବେଷକ ଓ ଐତିହାସିକମାନେ ପ୍ରାଚୀନ ଦୁର୍ଲ୍ଲଭ ବୌଦ୍ଧଗ୍ରନ୍ଥ ଗୁଡିକ ମୁଖ୍ୟତଃ ଇଂଗ୍ରାଜୀ, ଫରାସୀ ଓ ଜର୍ମାନୀ ଭାଷାରେ ଅନୁବାଦ କଲେ । ଡେନମାର୍କର ଫାସବୋଲ ଓ ଜର୍ମାନୀର ମାକ୍ସ ମୁଲର ପ୍ରଭୃତି ବୌଦ୍ଧ ସାହିତ୍ୟ ଉପରେ କାର୍ଯ୍ୟକରି ବୌଦ୍ଧଧର୍ମକୁ ପାଶ୍ଚାତ୍ୟ ଜଗତରେ ଲୋକପ୍ରିୟ କରାଇଛନ୍ତି । ନାଗାର୍ଜ୍ଜୁନ, ଅଶ୍ୱଘୋଷଙ୍କ ପରି ଅନ୍ୟାନ୍ୟ ବିଖ୍ୟାତ ବୌଦ୍ଧ ପଣ୍ଡିତମାନଙ୍କର କୃତିକୁ ଜର୍ମାନୀ, ଇଂଗ୍ରାଜୀ, ଫରାସୀ ଓ ଅନ୍ୟାନ୍ୟ ୟୁରୋପୀୟ ଭାଷାରେ ଅନୁବାଦ କରାଯାଇଅଛି । ଇଂଲଣ୍ଡର ଗର୍ଡନ ଡଗଲସ୍ ୧୮୯୭ମସିହାରେ ପ୍ରଥମ ପାଶ୍ଚାତ୍ୟ ଜଗତର ବୌଦ୍ଧଭିକ୍ଷୁ ଭାବେ ଦୀକ୍ଷା ନେଇଥିଲେ । ୧୯୫୪ମସିହାରେ ଶ୍ରୀଲଙ୍କାର ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଲଣ୍ଡନରେ ଗୋଟିଏ ବୌଦ୍ଧ ବିହାର ସ୍ଥାପନ କରିଥିଲେ । ଲଣ୍ଡନରେ ଏକ ବୌଦ୍ଧବିହାର ଓ ମନ୍ଦିର ଥାଇଲ୍ୟାଣ୍ଡ ସରକାର ନିର୍ମାଣ କରିଥିଲେ ଯାହାକୁ୧୯୬୬ମସିହାରେ ଥାଇଲ୍ୟାଣ୍ଡର ରାଜାରାଣୀ ଉଦ୍‌ଘାଟନ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କିଛି ସୈନିକ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ ପ୍ରାଚୀନ ଚୀନ୍‌ର ଅନ୍ୟତମ ଦାର୍ଶନିକ ଲା.ଓ.ସେଙ୍କ ମତବାଦ ତାଓ ନାମରେ ଖ୍ୟାତ । ତାଓ ଶବ୍ଦର ଅର୍ଥ ପଥ । ଲା.ଓ.ସେ ଙ୍କର ଚିନ୍ତାଧାରା ଓ ବୌଦ୍ଧ ଦର୍ଶନ ମଧ୍ୟରେ ଯଥେଷ୍ଟ ସାମଞ୍ଜସ୍ୟ ରହିଛି । ତେଣୁ ଲା.ଓ.ସିଙ୍କୁ ଚୀନର ଗୌତମ ବୁଦ୍ଧ ବୋଲି ଅଭିହିତ କରାଯାଏ । ପ୍ରାଚୀନ ଭାରତରେ ଚାରୋଟି ବୌଦ୍ଧ ସମ୍ମିଳନୀ ହୋଇଥିଲା । ଯାହାର ପ୍ରତ୍ୟେକ୍ଷ ପ୍ରଭାବ ବିଭିନ୍ନ ଦେଶ ଓ ମାନବ ଗୋଷ୍ଠୀ ମଧ୍ୟରେ ଦେଖିବାକୁ ମିଳିଥିଲା । ପ୍ରଥମ ବୌଦ୍ଧ ସମ୍ମିଳନୀ ଖ୍ରୀ.ପୂ୪୮୩ରେ ରାଜଗୃହଠାରେ ଅନୁଷ୍ଠିତ ହୋଇଥିଲା । ମଗଧ ସମ୍ରାଟ ଅଜାତଶତ୍ରୁଙ୍କ ପୃଷ୍ଠ ପୋଷକତାରେ ଏହା ଆରମ୍ଭ ହୋଇଥିଲା । ମହାକଶ୍ୟପ ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ । ଖ୍ରୀ.ପୂ୩୮୩ରେ ଦ୍ୱିତୀୟ ବୌଦ୍ଧ ସମ୍ମିଳନୀ ବୈଶାଳୀଠାରେ ଅନୁଷ୍ଠିତ ହୋଇଥିଲା। ମଗଧ ସମ୍ରାଟ କଳାଶୋକଙ୍କ ପୃଷ୍ଠପୋଷକତାରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ସର୍ବକାମିନୀ ଏହି ସମ୍ମିଳନୀର ସଭାପତି ଥିଲେ । ତୃତୀୟ ବୌଦ୍ଧ ସମ୍ମିଳନୀରେ ସମ୍ରାଟ ଅଶୋକ ପୃଷ୍ଠପୋଷକତା ପ୍ରଦାନ କରିଥିଲେ । ଖ୍ରୀ.ପୂ ୨୫୦ରେ ପାଟଳିପୁତ୍ରଠାରେ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲା । ମୋଗଲି ପୁତ୍ତତିସା ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ । କୁଣ୍ଡଳବନଠାରେ ଚତୁର୍ଥ ବୌଦ୍ଧ ସମ୍ମିଳନୀ ଖ୍ରୀ ପ୍ରଥମ ଶତାବ୍ଦୀରେ ଅନୁଷ୍ଠିତ ହୋଇଥିଲା । କୁଶାଣ ସମ୍ରାଟ କନିଷ୍କ ଏହି ସମ୍ମିଳନୀକୁ ସମସ୍ତ ରାଜକୀୟ ସହାୟତା ପ୍ରଦାନ କରିଥିଲେ । ପ୍ରସିଦ୍ଧ ବୌଦ୍ଧ ସନ୍ୟାସୀ ବସୁମିତ୍ରଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ଚିକାଗୋ ବିଶ୍ୱଧର୍ମ ସମ୍ମିଳନୀରେ ଦୁଇଜଣ ପ୍ରଖ୍ୟାତ ବୌଦ୍ଧ ସନ୍ୟାସୀ ଅଂଶ ଗ୍ରହଣ କରିଥିଲେ । ସିଂହଳର ଧର୍ମପାଳ ଓ ଜେନ ଧର୍ମଗୁରୁ ସୋୟେନ୍‌ସାକୁ । ଆମେରିକାରେ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର ଦିଗରେ ସୋୟେନ୍‌ସାଙ୍କୁ ଅବଦାନ ପ୍ରଣିଧାନ ଯୋଗ୍ୟ । ଗିସ୍‌ପେଲ୍ ଅଫ ବୁଦ୍ଧର ସୁପରିଚିତ ଲେଖକ ପଲକରସ୍‌ଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ବୌଦ୍ଧଧର୍ମକୁ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇବାରେ ଥେରିଗାଥା(ବୌଦ୍ଧ ଭିକ୍ଷୁଣୀମାନଙ୍କର ସ୍ତୋତ୍ର, ଭଜନ, ଜଣାଣ)କୁ ଶ୍ରୀମତି ଡାଭିଡ ଅନୁବାଦ କରିଥିଲେ ଓ ଏହା ୧୯୦୯ରେ ପ୍ରକାଶ ପାଇଥିଲା । ୧୯୧୩ରେ ଡାଭିଡ ଥେରିଗାଥା(ବୌଦ୍ଧ ଭିକ୍ଷୁ ସ୍ତୋତ୍ର ଇତ୍ୟାଦି)ପ୍ରକାଶ ପାଇଲା । ସେ ମଧ୍ୟ ଆଉ ଆଠ ଖଣ୍ଡ ପାଲିଗ୍ରନ୍ଥ ଅନୁବାଦ କରି ଅକ୍ଷୟ କୀର୍ତ୍ତି ସ୍ଥାପନ କରିଛନ୍ତି । ବ୍ରିଟିଶ ନାଗରିକ ହଡ୍‌ସନ ନେପାଳରେ ଦୀର୍ଘକାଳ(୧୮୬୧-୪୩) ଅବସ୍ଥାନ କରିଥିଲେ । ପାଲି ଓ ସଂସ୍କୃତ ଭାଷାରେ ରଚିତ ଅନେକ ବୌଦ୍ଧଧର୍ମ ଗ୍ରନ୍ଥ ସେ ସଂଗ୍ରହ କରିଥିଲେ। ଏହି ପାଣ୍ଡୁଲିପି ଗୁଡିକୁ ସେ ଲଣ୍ଡନ, ପ୍ୟାରିସ ଓ କଲିକତା ବିଶ୍ୱବିଦ୍ୟାଳୟକୁ ଦାନ କରିଥିଲେ । ପ୍ୟାରିସ ବିଶ୍ୱବିଦ୍ୟାଳୟ ଭାଗରେ ପଡିଥିବା ପାଣ୍ଡୁଲିପିକୁ ପ୍ରଫେସର ବୁଷ୍ଟୋଫ ଓ ତାଙ୍କର ସହଯୋଗୀମାନେ ଏହାର ସଦ୍‌ବ୍ୟବହାର କରିଥିଲେ । ଲଣ୍ଡନ ଭାଗରେ ପଡିଥିବା ପାଣ୍ଡୁଲିପିକୁ ଲେଫ୍‌ମନ୍ ପ୍ରସିଦ୍ଧ 'ଲଳିତ ବିସ୍ତର'କୁ ଦୁଇଖଣ୍ଡରେ ଅନୁବାଦ କରିଥିଲେ । ହଡ୍‌ସନ କଲିକତା ବିଶ୍ୱବିଦ୍ୟାଳୟକୁ ପାଣ୍ଡୁଲିପି ଦେବାର କାରଣ ପାଶ୍ଚାତ୍ୟରେ ବୌଦ୍ଧଧର୍ମ ପ୍ରତି ପ୍ରବଳ ଆଗ୍ରହ ସୃଷ୍ଟି ହେଉଥିବାରୁ କଲିକତା ବିଶ୍ୱବିଦ୍ୟାଳୟ ଏଥିରେ ଉତ୍ସାହିତ ହୋଇ ବୌଦ୍ଧଧର୍ମରେ ଅଧିକ ଗବେଷଣାତ୍ମକ କାର୍ଯ୍ୟ କରିବ । ଲଣ୍ଡନର ପାଲି ଟେକ୍ସଟ୍ ସୋସାଇଟି ନାମାନୁସାରେ କଲିକତାରେ ୧୮୯୨ମସିହାରେ ବୁଦ୍ଧିଷ୍ଟ ଟେକ୍ସଟ୍ ସୋସାଇଟ ଗଠନ କରାଯାଇଥିଲା । ଆଣ୍ଟନ ବୁଏଥ ନାମକ ଜଣେ ସୀତାରବାଦକ ଜର୍ମାନୀର ପ୍ରଥମ ଭିକ୍ଷୁ ଭାବେ ୧୯୦୩ରେ ରେଙ୍ଗୁନରେ ଦୀକ୍ଷା ନେଇଥିଲେ । ସେ ରେଙ୍ଗୁନରୁ ସିଂହଳ ଯାଇ ସେଠାରେ ବୌଦ୍ଧଧର୍ମ ପ୍ରଚାର ଓ ପ୍ରସାର ପାଇଁ କାମ କଲେ। ୧୯୧୧ରେ ସେ ଜର୍ମାନୀ ଫେରିଆସି ୟୁରୋପ ମାଟିରେ ସେ ଜଣେ ଶ୍ରମଣକୁ ଦୀକ୍ଷା ଦେଲେ(ପ୍ରଥମେ ଶ୍ରମଣ ପରେ ଭିକ୍ଷୁ) । ବୌଦ୍ଧଙ୍କ ସଂଖ୍ୟା ଜର୍ମାନୀରେ ବଢିଚାଲିଲା । ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ୟୁରୋପରେ ପ୍ରଥମ ବୌଦ୍ଧବିହାର ଜର୍ମାନୀରେ ପ୍ରତିଷ୍ଠିତ ହେଲା । ଜର୍ଜ ଗ୍ରିମ୍ ନାମକ ଜଣେ ଜର୍ମାନ ବ୍ୟକ୍ତି ୧୯୨୩ମସିହାରେ ଉଟିଂଗ୍ ନାମକ ସ୍ଥାନରେ ପ୍ରତିଷ୍ଠା କରିଥିବା 'ବୁଦ୍ଧିଷ୍ଟ କମ୍ୟୁନିଟି', ଯାହା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ କରୁଅଛି । ଏହା ୟୁରୋପର ପ୍ରାଚିନ ତମ ବୌଦ୍ଧ ସଂଗଠନ । ବିଦେଶ ମାଟିରେ ବୌଦ୍ଧ ସଂସ୍କୃତିର ଅଭିବୃଦ୍ଧି ଘଟି ମାନବ ଜାତିକୁ ସତ୍ୟ,ଶାନ୍ତି ଓ ଅହିଂସାର ପଥ ପ୍ରଦର୍ଶନ କରିଆସୁଅଛି ।

# ମଇ ପହିଲା : ବିଶ୍ୱ ଶ୍ରମିକ ଦିବସ



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ପୃଥିବୀର କେତେ ନଦୀରେ କେତେ ଜଳ ବହିଗଲାଣି । ଦେଶେ ଦେଶେ କେତେ ଯେ ମୌସୁମୀ ପ୍ରବାହିତ ହୋଇଗଲାଣି ଏବଂ ଶ୍ରମିକ ଓ ମାଲିକ ମଧ୍ୟରେ କେତେ ଯେ ତ୍ୟାଗପୂତ ଲଢେଇ, ରକ୍ତକ୍ଷୟୀ ସଂଗ୍ରାମ ହୋଇଯାଇଛି, ତା'ର ପଟାନ୍ତର ନାହିଁ । ଆଜି ମଧ୍ୟ ପୁଞ୍ଜିପତି ଶ୍ରେଣୀ ଓ ସାମ୍ରାଜ୍ୟବାଦୀ ଶାସନର ଯଜ୍ଞବେଦୀରେ ଲକ୍ଷ ଲକ୍ଷ ଶ୍ରମିକ କୃଷକ ଖଟିଖିଆ ମଣିଷ ବଳି ପଡୁଛନ୍ତି । ଏହି ଶୋଷଣ ବିରୁଦ୍ଧରେ ଅଗଣିତ ମୁକ୍ତି ପିପାସୁ ଶ୍ରମଜୀବୀ ମଣିଷ ଘୋଷଣା କରିଛି ମରଣପଣ ରକ୍ତକ୍ଷୟୀ ସଂଗ୍ରାମ । ସାରା ବିଶ୍ୱରେ ୧୮୮୬ ମସିହାରେ ରକ୍ତରଞ୍ଜିତ ମଇ ପହିଲା କୋଟି କୋଟି ନିପୀଡିତ ନିଷ୍ପେସିତ ଜନଗଣଙ୍କୁ ଆଲୋକର ସନ୍ଧାନ ଦେଇଆସିଛି । ବାସ୍ତବରେ ଏହି ଦାବି ହାସଲ ହେବା ପଛରେ ବିଭିନ୍ନ ଦେଶରେ ଶହ ଶହ ଶ୍ରମିକର ଆତ୍ମତ୍ୟାଗର ମର୍ମସ୍ପର୍ଶୀ ଓ ଆପୋଷହୀନ ସଂଗ୍ରାମର ଇତିହାସ ରକ୍ତର ଅକ୍ଷରରେ ଲେଖାଯାଇଛି । ପୁଞ୍ଜିପତି ମାଲିକମାନେ ଶ୍ରମିକମାନଙ୍କୁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ବାରରୁ ଚଉଦ ଏପରିକି ଅଠର ଘଂଟା କାର୍ଯ୍ୟ କରିବାକୁ ବାଧ୍ୟ କରୁଥିଲେ । ଏହି ଅମାନୁଷିକ ନିର୍ମମ ନିଷ୍ଠୁର ଶୋଷଣ ଉପରେ ପୁଞ୍ଜିବାଦ ସମୃଦ୍ଧିର ସୌଧ ନିର୍ମାଣ ହୋଇଛି । ମଇ ଦିବସ ସେହି ଇତିହାସର ସାକ୍ଷୀ । ସେଦିନ ଓ ଆଜି ମଧ୍ୟରେ ଅନେକ ତଫାତ୍ । ସମଗ୍ର ବିଶ୍ୱର ପରିସ୍ଥିତ ଦିନକୁ ଦିନ ଜଟିଳ ଆଡକୁ ଗତି କରୁଛି । ପ୍ରତିନିୟତ ପରିବର୍ତ୍ତନର ଧାରା ପ୍ରବାହିତ ହେବାରେ ଲାଗିଛି । କାଲି ଯାହା ସତ୍ୟ, ପ୍ରଗତିଶୀଳ ଏବଂ ସର୍ବାଧୁନିକ ଥିଲା - ଆଜି ତାହା ପୁରୁଣା ହୋଇଯାଉଛି । ନୂଆ ନୂଆ ଘଟଣା ପ୍ରତ୍ୟେକ ମୁହୂର୍ତ୍ତରେ ଘଟିଚାଲିଛି । ଅଭିନବ ଉଦ୍‌ଭାବନ ଅହରହ ସୃଷ୍ଟି ହେଉଛି । ବିଶ୍ୱର କୋଣେ ଅନୁକୋଣେ ଯେକୌଣସି ସାଧାରଣ - ଅସାଧାରଣ ଘଟଣା - ଅଘଟଣା ଘଟିଯାଉଛି, ଆଖି ପିଛୁଳାକେ ସମୁଦ୍ରର ଢେଉ ଭଳି ଜନମାନସରେ ପ୍ରତିଧ୍ୱନିତ ହେଉଛି । ଗଣମାଧ୍ୟମର ଦ୍ରୁତ ବିକାଶ ଘଟିଚାଲିଛି ଯାହା ଯୋଗୁଁ ଅଛପାବୋଲି କିଛି ରହୁନାହିଁ । ଶ୍ରମିକମାନେ ଆଠଘଂଟା ଶ୍ରମଦିବସ ଘୋଷଣାପାଇଁ ଦିନେ ରକ୍ତର ନଈ ବୁହେଇ ଦେଇଥିଲେ । ଶେଷରେ ବିଜୟ ମଣ୍ଡିତ ହେଲେ । କିନ୍ତୁ ଆଜି ପ୍ରତିଦିନ ରକ୍ତନଦୀ ବୋହିଗଲେ ମଧ୍ୟ ସାମାନ୍ୟତମ ଦାବି ପୂରଣ ହେବା ଅସମ୍ଭବ ହୋଇପଡିଛି । ଶ୍ରମିକଶ୍ରେଣୀ ରାଷ୍ଟ୍ରର ଅଧଃପତନ ହେବା ସଂଗେ ସଂଗେ ମାନବଶକ୍ତି ବଦଳରେ ଯନ୍ତ୍ରଶକ୍ତିର ବ୍ୟବହାର ବହୁଳ ଭାବେ ଦେଖାଦେଇଛି । ବର୍ତ୍ତମାନର ସଂକଟଗ୍ରସ୍ତ ବିଶ୍ୱ ପୁଞ୍ଜିବାଦର ଅଙ୍ଗ ଭାବେ ଭାରତୀୟ ପୁଞ୍ଜିବାଦୀ ଅର୍ଥନୀତି ଚରମ ସଂକଟରେ ଜର୍ଜରିତ । ନିଜକୁ ରକ୍ଷା କରିବା ପାଇଁ ସର୍ବାତ୍ମକ ଫାସୀବାଦ ଆଡକୁ ମୁହାଁଇଛି । ଏକଥା ଦୁଃଖଦାୟକ ହେଲେବି ସତ୍ୟ ଯେ ଆଜିକାର ପରିସ୍ଥିତିରେ ଯେତେବେଳେ ଐକ୍ୟବଦ୍ଧ ଟ୍ରେଡ୍ ୟୁନିୟନ୍ ଆନ୍ଦୋଳନ ଅତ୍ୟନ୍ତ ଜରୁରୀ, ସେତେବେଳେ ଏହି ଆନ୍ଦୋଳନ ବହୁ ଭାଗରେ ବିଭକ୍ତ । ଅଧିକାଂଶ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ କେବଳ ଆନ୍ଦୋଳନର ପଥ ପରିତ୍ୟାଗ କରିନାହାନ୍ତି, ଅଧିକନ୍ତୁ ଆନ୍ଦୋଳନକୁ ଆଇନର ଚଉହଦୀ ଭିତରେ ଆବଦ୍ଧ କରି ରଖୁଛନ୍ତି । ଏହାଦ୍ୱାରା ସେମାନେ ଜାଣତରେ ହେଉ କିମ୍ବା ଅଜାଣତରେ ହେଉ ପୁଞ୍ଜିପତି ଶ୍ରେଣୀର ଶ୍ରମିକଶ୍ରେଣୀ ବିରୋଧୀ ଘୃଣ୍ୟ ଚକ୍ରାନ୍ତକୁ ସହାୟତା କରୁଛନ୍ତି ଓ ଏହାଦ୍ୱାରା ଶ୍ରମିକଶ୍ରେଣୀ ଆନ୍ଦୋଳନ ଭିତରେ ବିଭେଦ ସୃଷ୍ଟି କରୁଛନ୍ତି । ଫଳରେ ଆମ ଦେଶରେ ଓ ଅନ୍ୟାନ୍ୟ ପୁଞ୍ଜିବାଦୀ ଦେଶରେ ଫାସିବାଦର କରାଳଛାୟା ମାଡିଯାଇଛି । ସଂକଟଗ୍ରସ୍ତ ଜର୍ଜରିତ ଭାରତୀୟ ପୁଞ୍ଜିପତି ଶ୍ରେଣୀ ବିଶ୍ୱୀକରଣ, ଉଦାରୀକରଣ, ଘରୋଇକରଣ ପଥରେ ଯାଇ ସଂକଟର ସମସ୍ତ ବୋଝକୁ ଶ୍ରମିକଶ୍ରେଣୀ ମୁଣ୍ଡରେ ଲଦି ଦେଇଛନ୍ତି । ସାଧାରଣ ମଣିଷ ସୀମାହୀନ ଦୁଃଖଦୁର୍ଦ୍ଦଶା, ନିର୍ଯାତନା ଭୋଗ କରୁଛନ୍ତି । ସମସ୍ତ ନୀତି ନୈତିକତା ମାନବିକ ମୂଲ୍ୟବୋଧ ପ୍ରତିଦିନ ଅବକ୍ଷୟ ହେବାରେ ଲାଗିଛି । ସରକାର ଓ ଦେଶୀ-ବିଦେଶୀ ପୁଞ୍ଜିପତିଙ୍କ ଅଶୁଭ ମୈତ୍ରୀ ଗଣତାନ୍ତ୍ରିକ ପରମ୍ପରାକୁ ଧ୍ୱଂସ କରି ଫାଶୀବାଦୀ ଆକ୍ରମଣ ଚଳାଇଛନ୍ତି । ଯୁବ ସମ୍ପ୍ରଦାୟ ମଧ୍ୟରେ ମାଦକ ଦ୍ରବ୍ୟ ଓ ଯୌନ ପ୍ରବଣରେ ବୁଡେଇ ରଖି ଅନ୍ଧ ଉନ୍ମାଦନା ଭାବନାରେ ହତାଶ ଓ ଶକ୍ତହୀନ କରିପକାଇଛି । ଅଭାବ-ଦାରିଦ୍ର୍ୟ ହିଁ ସବୁ ବେଆଇନ କାର୍ଯ୍ୟକଳାପର ମୂଳ କାରଣ । ଦାରିଦ୍ର୍ୟ ପରିବାରରେ ଛୋଟବଡ ସବୁ ମେମ୍ବର ରୋଜଗାର ନକଲେ ଚୁଲିକୁ ହାଣ୍ଡି ଯିବନି । ଗ୍ୟାରେଜଠାରୁ ଆରମ୍ଭ କରି ଘରୋଇ କାମରେ ସବୁଠି ଶିଶୁଶ୍ରମିକଙ୍କୁ ନିୟୋଜିତ କରାଯାଉଛି । ଅସଂଗଠିତ ଓ ସଂଗଠିତ କ୍ଷେତ୍ରରେ ଶିଶୁଶ୍ରମିକ ପ୍ରଥା ନିଶିଦ୍ଧ କରାଯାଇଛି - ଏହି କାର୍ଯ୍ୟ ଯେଉଁମାନେ କରୁଛନ୍ତି - ସେମାନଙ୍କୁ ଶ୍ରମବିଭାଗ ଆଇନ ଅନୁଯାୟୀ ଦଣ୍ଡ ଦେବାକୁ ଚେଷ୍ଟା ଚଳାଇଛି - ହେଲେ - ଆଇନରେ ଅଛି - ଶିଶୁମାନଙ୍କୁ ଶିକ୍ଷା, ଖାଦ୍ୟ, ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବାକୁ । ଆଇନ୍ ଥିଲେ ବି ସେଥିପ୍ରତି କେହି ନିଘା ଦେଇ ନାହାଁନ୍ତି । ଖାଦ୍ୟଅଭାବରେ ଗରିବ ପରିବାର ଭିକ ମାଗିବାକୁ ପସନ୍ଦ କରନ୍ତି ନାହିଁ - ବାପ ମା' ଶିଶୁମାନଙ୍କୁ କାମଦେବା ପାଇଁ ମାଲିକମାନଙ୍କୁ ଗୁହାରି କରନ୍ତି । ଅସଂଗଠିତ କ୍ଷେତ୍ରରେ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅନେକ କାର୍ଯ୍ୟକ୍ରମ ନିଆଯାଇଛି । ଯେଉଁସବୁ କାମ ଶ୍ରମିକମାନେ କରିବା କଥା ସେ ସବୁକୁ ମେସିନ୍ ସାହାଯ୍ୟରେ କରାଯାଉଛି । ଏପରିକି ଅସଂଗଠିତ କ୍ଷେତ୍ରରେ ଶିଶୁଶ୍ରମିକ ଉଚ୍ଛେଦ ପାଇଁ ଆଇନ୍ ଥିଲେ ବି ତାହା କାର୍ଯ୍ୟକାରୀ କରିବା ପାଇଁ ଅନେକ ବାଧା । ଦୋଷୀ ମାଲିକମାନଙ୍କୁ ଦଣ୍ଡ ଦେବା ଦୂରେ ଥାଉ, ଶିଶୁ ଶ୍ରମିକଙ୍କୁ କାମରୁ ବନ୍ଦ କଲେ - ସମାଜରେ ଅନେକ ସମସ୍ୟା ଦେଖା ଦେଉଛି । ସମାଜ ଶିଶୁଶ୍ରମିକଙ୍କ ମୌଳିକ ଅଧିକାର ପୂରଣ କରିବାରେ ସକ୍ଷମ ନୁହେଁ । ସମ୍ବିଧାନର ୨୪ ଧାରାରେ ଶିଶୁଶ୍ରମିକ ପ୍ରଥାକୁ ନିଷିଦ୍ଧ କରାଯାଇଥିବାବେଳେ କେହି ସମ୍ବିଧାନ ମାନୁଛି କି ? ଶିଶୁମାନଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାଦେବା ବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉଛି କି ? ଶିଶୁଶ୍ରମିକମାନେ ଦୈନିକ ଅଠରଘଂଟା ହାଡଭଙ୍ଗା ପରିଶ୍ରମ କରୁଛନ୍ତି, ସେହି ହିସାବରେ ତାଙ୍କୁ ମଜୁରୀ - ସୁବିଧାସୁଯୋଗ ମିଳୁନି । ଶିଶୁଶ୍ରମିକ ସମସ୍ୟା ଏକ ପରାଧୀନସଭ୍ୟତାରେ ପରିଗଣିତ ହେଉଛି । ଏହା ଏକ ସାମାଜିକ ବ୍ୟାଧି । ଶିଶୁଶ୍ରମିକମାନେ ଦେଶର ଭବିଷ୍ୟତ । ଏହା କଣ୍ଠ ଫଟାଇ ଆମେ ସଭାସମିତିରେ ଭାଷଣ ଦେଇପାରୁ । କିନ୍ତୁ କାର୍ଯ୍ୟରେ ଓଲଟା ହୁଏ । ପଶୁ, ପକ୍ଷୀ, କୀଟପତଙ୍ଗ, ତରୁଲତାଠାରୁ ଆରମ୍ଭ କରି ବନ୍ଦୀ ଅପରାଧୀମାନଙ୍କୁ ନିରାପଦରେ ରଖିବାପାଇଁ ସମ୍ବିଧାନିକ ବ୍ୟବସ୍ଥା ଅଛି । କିନ୍ତୁ ଶିଶୁମାନେ ସେ ଅଧିକାରରୁ ବଂଚିତ । ସେମାନେ ଅନ୍ଧକାର ମଧ୍ୟରେ ରହିଯାଉଛନ୍ତି । ଏହି ଘୃଣ୍ୟପ୍ରଥାର ସଂପୂର୍ଣ୍ଣ ବିଲୋପ ପାଇଁ ପ୍ରତ୍ୟେକ ସଭ୍ୟ ଗଣତନ୍ତ୍ର ପ୍ରେମୀ ଜନସାଧାରଣଙ୍କ ଆନ୍ତରିକ ଉଦ୍ୟମ ଏକାନ୍ତ ଆବଶ୍ୟକ । ଆଜି ତମାମ୍ ଭାରତବର୍ଷ ଏକ ଏରକା ଅରଣ୍ୟ ଏବଂ ଭାରତୀୟ ମହାଜାତି ନବ୍ୟ ଯଦୁବଂଶରେ ପରିଣତ । ବିଶ୍ୱାସହୀନତାର ବିଷାକ୍ତ ବଳୟ ମଧ୍ୟରେ ଅଟକବନ୍ଦୀ ଭାରତବର୍ଷର ଆତ୍ମା । ତା' ମନରେ ମରଣାତ୍ମକ ମହାଦେଶର ଚାପା କାନ୍ଦଣା, ପ୍ରାଣରେ ପ୍ରାଣରେ ହତାଶାର ହାହାକାର, ଆଗକୁ ଚାଲିବାର ପଣ ଓ ରଣହୁଙ୍କାର ସବୁ ଆଜି ଆସନ୍ନ ପରାଜୟର ଆର୍ତ୍ତନାଦ । ଚାରିପଟର ଚିତ୍ରରେ କଦର୍ମାକ୍ତ କଳଙ୍କର କାଳିମା । ଏ କଳଙ୍କ ଆଜି ଆମ ସମସ୍ତଙ୍କ ପକ୍ଷରେ ଏକ ଆତଙ୍କ.... ଚରିଯାଇଛି ଶିରା ପ୍ରଶିରାରେ, ସ୍ନାୟୁ ଓ ସତାରେ । ଦୁର୍ନୀତି, ଜାଲିଆତି, ଭ୍ରଷ୍ଟାଚାର, ଘୋଟେଲା, କେଲେଙ୍କାରୀ, ଧୋକାବାଜି - ସ୍କାମ୍ କରୁଛନ୍ତି ଥୋକେ-ମରୁଛନ୍ତି ଲୋକେ । ଏଇ ଥୋକେ ହେଲେ ଆଜିର ତଥାକଥିତ ନବ୍ୟନିୟନ୍ତା, ନେତୃବର୍ଗ ଏବଂ ତାଙ୍କରି ପୃଷ୍ଠପୋଷକତା କଳାକୁବେର ଶ୍ରେଣୀ । ତେଣୁ ଶ୍ରମିକଶ୍ରେଣୀ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ସମ୍ପର୍କରେ ସଚେତନ ହୋଇ ଶ୍ରମିକ ଶ୍ରେଣୀ ଗଣଆନ୍ଦୋଳନରେ ସ୍ୱେଚ୍ଛାକୃତ ଭାବେ ସକ୍ରିୟ ଭାଗ ନେଲେ ଦେଶରେ ଗଣତାନ୍ତ୍ରିକ ପରିବେଶ ସୃଷ୍ଟି ହେବ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପ୍ରସାରିତ ଓ ପୂର୍ଣ୍ଣ ପ୍ରତିଷ୍ଠିତ ହେବ । ଭାରତର ଅଗଣିତ ଶୋଷିତ ମେହନତି ମଣିଷକୁ ସମସ୍ତ ପ୍ରକାର ଶୋଷଣ, କଷଣ, ଜୁଲୁମ ଓ ଅତ୍ୟାଚାରର ନାଗଫାସ କବଳରୁ ମୁକ୍ତ କରିବା ପାଇଁ ଶ୍ରମିକ ଶ୍ରେଣୀ ଐକ୍ୟବଦ୍ଧ ହେବା ପାଇଁ ଆଗେଇ ଆସନ୍ତୁ । ହେ ମୋର ପ୍ରିୟ ଶ୍ରମିକ ଭାଇ ଭଉଣୀଏ, ଆଉ ମୁଣ୍ଡରେ ହାତ ଦେଇ ବସିବାର ବେଳ ନୁହେଁ - ଅଧିକାର ଛିଣ୍ଡାଇ ଆଣିବାର ସମୟ ଆସିଯାଇଛି । କଷ୍ଟ କିମ୍ବା ମୃତ୍ୟୁକୁ ଭୟ କରନା । ସଚ୍ଚା ନେତୃତ୍ୱ ଓ ସଠିକ୍ ମାର୍ଗରେ ପ୍ରାଣମୂର୍ଚ୍ଛା ଲଢେଇ କର । ଜୟ ସୁନିଶ୍ଚିତ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ଏକ ଅଜ୍ଞାତ ଅନୁରାଗ



**ଡ. ସନ୍ତୋଷ କୁମାର ପଣ୍ଡା**

ନୀଳଗିରି ପାହାଡ଼ର ପାଦଦେଶରେ ସନ୍ଧ୍ୟା ନଇଁ ଆସୁଥିଲା। ମନ୍ଦିର ବେଢ଼ାରେ ବସି ଅଜୟ ନିଜ ଡାଏରୀରେ କିଛି ଲେଖୁଥିଲା। ହଠାତ୍ ମହୁରୀର ସେହି ସୁମଧୁର ମୂର୍ଚ୍ଛନା ତାକୁ ସ୍ତବ୍ଧ କରିଦେଲା। ସେ ସାମ୍ନାରେ ଦେଖିଲା ରାଧାକୁ- ଯିଏ ନିଜ ସ୍ୱରର ଯାଦୁରେ ପୁରା ପରିବେଶକୁ ମନ୍ତ୍ରମୁଗ୍ଧ କରି ରଖିଥିଲା।

କିଛି ସମୟ ପରେ ମହୁରୀର ସ୍ୱର ଥମିଗଲା। ଅଜୟ ପାଖକୁ ଯାଇ ଧୀରେ କହିଲା–

ଅଜୟ: 'ତୁମ ମହୁରୀର ସ୍ୱରରେ ଏମିତି କିଛି ଅଛି, ଯାହା ମୋ କଲମକୁ ରୋକିଦେଉଛି। ଲାଗୁଛି ଯେମିତି ଶବ୍ଦ ଅପେକ୍ଷା ତୁମ ସଙ୍ଗୀତରେ ଅଧିକ ଗଭୀରତା ଅଛି।'

ରାଧା କିଛି କହିଲାନି, କେବଳ ଏକ ମୃଦୁ ହସ ହସିଲା। ତା'ର ସେହି ନୀରବତା ଅଜୟକୁ ଆହୁରି ଆକର୍ଷିତ କରୁଥିଲା। ସେହି ସମୟରେ ଗାଁର ମୁଖିଆ ସେପଟେ ଯାଉଥିଲେ, ସେ ଅଟକି ଯାଇ କହିଲେ–

ମୁଖିଆ: 'ବାବୁ, ଏ ଝିଅ କଥା କହିପାରେନି ସତ, କିନ୍ତୁ ଏ ଗାଁର ପଥର ବି ତା' ମହୁରୀ ସ୍ୱର ଚିହ୍ନନ୍ତି। ହେଲେ ଦୁଃଖର କଥା, ଏ ପାହାଡ଼ ଆଉ ଏ ମନ୍ଦିର ଶୀଘ୍ର ଭାଙ୍ଗିଯିବ। ସହରରୁ କୁଆଡ଼େ ବଡ଼ ଲୋକ ଆସୁଛନ୍ତି ହୋଟେଲ କରିବାକୁ।'

ରାଧାର ଆଖି ଛଳଛଳ ହୋଇଗଲା। ସେ ନିଜ ମହୁରୀକୁ ଛାତିରେ ଚାପି ଧରିଲା। ଅଜୟ ତା'ର ବ୍ୟକୁଳତା ବୁଝିପାରି ଦୃଢ଼ ସ୍ୱରରେ କହିଲା–

ଅଜୟ: 'ରାଧା, ତୁମେ ଡର ନାହିଁ। ଯେଉଁ ସ୍ୱର ପ୍ରକୃତି ସହ କଥା ହୁଏ, ତାକୁ କେହି ନୀରବ କରିପାରିବେ ନାହିଁ। ମୁଁ ପ୍ରତିଜ୍ଞା କରୁଛି, ମୋ ଲେଖନୀ ଆଜି ତୁମ ସ୍ୱର ପାଇଁ ଲଢ଼ିବ।'

ସେହି ରାତିରେ ଅଜୟ ଶୋଇପାରିଲା ନାହିଁ। ସେ ରାଧାର ସେହି ବ୍ୟଥାକୁ ନେଇ ଏକ ହୃଦୟସ୍ପର୍ଶୀ ପ୍ରବନ୍ଧ ଲେଖିଲା। କିଛି ଦିନ ପରେ ଯେତେବେଳେ ପ୍ରଶାସନ ତରଫରୁ କାମ ରୋକିବାକୁ ନିର୍ଦ୍ଦେଶ ଆସିଲା, ଅଜୟ ଖୁସିରେ ଧାଇଁଗଲା ରାଧା ପାଖକୁ।

ଅଜୟ: 'ଦେଖ ରାଧା ! ଆମେ ଜିତିଗଲେ। ଏ ପାହାଡ଼, ଏ ମନ୍ଦିର ସବୁ ସୁରକ୍ଷିତ। ଏବେ ତୁମ ମହୁରୀର ସ୍ୱର କେବଳ ଏହି ପାହାଡ଼ରେ ନୁହେଁ, ବରଂ ସାରା ଦୁନିଆର ହୃଦୟରେ ଗୁଞ୍ଜରିତ ହେବ।'

ରାଧା କୃତଜ୍ଞତାର ସହ ଅଜୟର ହାତ ଧରିଲା। ସେ ମହୁରୀକୁ ଓଠରେ ଲଗାଇ ଏକ ଅତି ସୁନ୍ଦର 'ପ୍ରେମର ସ୍ୱର' ବଜାଇଲା। ତା'ର ସଂଳାପ ନଥିଲା, କିନ୍ତୁ ତା'ର ଭାବଭଙ୍ଗୀ ଯେମିତି କହୁଥିଲା–

ରାଧା (ନୀରବ ସଂଳାପ): 'ତୁମେ କେବଳ ମୋ ସଙ୍ଗୀତକୁ ବଞ୍ଚାଇ ନାହଁ, ତୁମେ ମୋ ଜୀବନକୁ ଏକ ନୂଆ ମାର୍ଗ ଦେଇଛ।'

ସେଦିନ ବସନ୍ତର ପବନରେ ମହୁରୀର ସ୍ୱର ସହ ଅଜୟର ହୃଦୟର ସ୍ପନ୍ଦନ ମିଶି ଏକ ନୂଆ ପ୍ରେମ କାହାଣୀର ଆରମ୍ଭ ହେଲା।

*କଟକ*

## ଏକତାରା



**ସୁଧାଂଶୁ ଶେଖର ଦ୍ୱିବେଦୀ**

ସନ୍ଧ୍ୟାର ଆଗମନ ପୂର୍ବରୁ ଚନ୍ଦ୍ରଭାଗାର ଲହଡ଼ିରେ ଥକିପଡିଥିବା ସୂର୍ଯ୍ୟ ଅସ୍ତ ଯାଉଥାନ୍ତି। ସେ ବି ତୁକାରାମଙ୍କ ଦୁଃଖକୁ ସହିପାରୁନଥାନ୍ତି। ଚନ୍ଦ୍ରଭାଗା କୂଳରେ ବସିଥିବା ତୁକାରାମଙ୍କ ନିକଟରେ ନା ଆଜି ଶବ୍ଦ ଅଛି ନା ଶବ୍ଦ ରଚନା ଅଛି ! ପାଖରେ ପଡିଥିବା ଏକତାରା ବି ତାଙ୍କ ମୌନ ରୋଦନକୁ ଦେଖି ଭୟଭୀତ ହୋଇପଡିଛି।

ସେ ପିନ୍ଧିଥିବା ଫଟା-ଚିରା ଧୋତି ଏବଂ ଥରଥର ହେଉଥିବା ହାତରେ ତୁଳସୀ ମାଳ ସାକ୍ଷୀ ଦେଉଥାଏ କି ସଂସାର ତାଙ୍କ ସହିତ କେତେ ଛଳନା କରିଛି। ଲୋକମାନେ ତାଚ୍ଛଲ୍ୟ କଲେ, ପଥର ଫିଙ୍ଗିଲେ, ତାଙ୍କ ରଚିତ ଅଭଙ୍ଗ ଗାଥାକୁ ନଦୀରେ ଭସେଇଦେଲେ। ହେଲେ ତୁକାରାମ ଭାଙ୍ଗିପଡି ନାହାନ୍ତି। ମାତ୍ର ତାଙ୍କ ଧୈର୍ଯ୍ୟର ବନ୍ଧ ସୀମାତୀତ ହୋଇ ଭୁଶୁଡି ପଡିଛି।

ବିଠଲ !ତୁମେ ବି କଣ ମୋ ପାଇଁ ପଥର ପାଲଟିଗଲ ?

ତାଙ୍କ ଭିତରୁ କଣ୍ଠରୁଦ୍ଧ ଶବ୍ଦଟେ ଶୁଭିଲା। ଆଖିରୁ ବହୁଥିବା ଗରମ ଲୁହ ଶୁଖିଲା ଭୂମିରେ ପଡିଲା। ହଠାତ୍ ଧରିତ୍ରୀ କମ୍ପି ଉଠିଲା। ସେ ଲୁହର ଅଭିପ୍ରାୟ ଅଭିଯୋଗ ନୁହେଁ ବରଂ ଜଣେ ବାଳକର ନିଜ ପିତା ପ୍ରତି ଅନ୍ତିମ ନିବେଦନ ଥିଲା।

ଆକସ୍ମିକ ଧରିତ୍ରୀ ନିରବ ହୋଇଗଲା। ପବନର ବେଗ ବନ୍ଦ ହୋଇଗଲା। ଜଳର କଳକଳ ଶବ୍ଦ ଶାନ୍ତ ହୋଇଗଲା। ଏଭଳି ଏକ ସୁଗନ୍ଧ ଚାରିଆଡେ ମହକି ଉଠିଲା ଯାହା ଭୂପୃଷ୍ଠରେ ନଥିଲା। ତତ୍ କ୍ଷଣାତ୍ ତୁକାରାମଙ୍କ ମୁଦ୍ରିତ ଚକ୍ଷୁ ମଧ୍ୟରେ ଏକ ଆଲୌକିକ ପ୍ରକାଶପୁଞ୍ଜ ଚମକି ଉଠିଲା। ସେ ଆଖିମିଟିକା ମାରିଲେ। ସମ୍ମୁଖରେ କିଛି କଳ୍ପନା ନୁହେଁ ସ୍ୱୟଂ ପାଣ୍ଡୁରଙ୍ଗା ଦଣ୍ଡାୟମାନ। ହେଲେ ସେତେବେଳେ ଭଗବାନଙ୍କ ଚକ୍ଷୁରେ ପ୍ରତିଦିନ ପରି ସ୍ଥିରତା ନଥିଲା। ତାଙ୍କ ଚକ୍ଷୁରେ ଲୁହ ଛଳଛଳ ହୋଇ ବହି ପଡ଼ିବାକୁ ଆତୁର ହେଉଥାଏ। ନିଜର ଭକ୍ତକୁ ଏତେ ଭାଙ୍ଗି ପଡିଥିବା ଦେଖି ଜଗତର ସ୍ୱାମୀ ମଧ୍ୟ ଦ୍ରବିତ ହୋଇପଡ଼ିଥାନ୍ତି। ତୁକାରାମଙ୍କ ମୁହଁରୁ କିଛି ବି ଶବ୍ଦ ବାହାରୁ ନଥାଏ।

କେବଳ ଏକ ଚିତ୍କାର ଶୁଭିଲା– ମୋ ବିଠଲ ! ମୋ ବିଠଲରେ.... ! !

ସେ ଟଳମଳ ପଦପାଦରେ ଦୌଡିଯାଇ ପାଣ୍ଡୁରଙ୍ଗାଙ୍କ ଚରଣ ତଳେ ଲୋଟିଗଲେ। ପାଣ୍ଡୁରଙ୍ଗା ନଇଁପଡ଼ି ତୁକାରାମଙ୍କୁ ଉଠେଇ ଧରି ନିଜ ଛାତିରେ ଭିଡି ଧରିଲେ। ସେ ଆଲିଙ୍ଗନରେ ସଂସାରର ସମସ୍ତ ଦୁଃଖ, ସମସ୍ତ ଉପେକ୍ଷା, ସମସ୍ତ ଅପମାନ କ୍ଷଣକରେ କର୍ପୂର ପରି ଉଡ଼ିଗଲା।

ପାଣ୍ଡୁରଙ୍ଗାଙ୍କର କୋମଳ କଣ୍ଠ ସ୍ୱର ଶୁଭିଲା–ତୁକା ! ତୁମେ ମୋତେ ଡାକିଲ ଅଥଚ ମୁଁ ଆସିବି ନାହିଁ କେମିତି ? ତୁମର ପ୍ରତିଟି ଲୁହ ଟୋପାର ହିସାବ ମୋ ପାଖରେ ଅଛି। ଦୁନିଆ ତୁମକୁ ବହିଷ୍କାର କରିପାରେ ହେଲେ ମୁଁ ତୁମକୁ ସ୍ୱୀକାର କରିପାରିଛି। ବୈକୁଣ୍ଠର ସୁଖ ଶଯ୍ୟା ପରିତ୍ୟାଗ କରି ତୁମ ଆକୁଳ ନିବେଦନରେ ମୁଁ ଦୌଡ଼ି ଆସିଛି।

ତା'ପରଠାରୁ ତୁକାରାମ ଏ ଧରାମଣ୍ଡଳରେ ରହିପାରିଲେ ନାହିଁ। ସେ ତ ବିଠଲଙ୍କର ହୋଇଯାଇଥିଲେ। ବିଦାୟ ସମୟରେ କୌଣସି ମୃତ୍ୟୁର ରୋଦନ ନଥିଲା କି କୌଣସି ଚିତା ଜଳିଲାନାହିଁ। ଆକାଶ ମାର୍ଗରୁ ଦିବ୍ୟ ବିମାନ ତଳକୁ ଓହ୍ଲେଇଲା। ପୁଷ୍ପର ବର୍ଷା ହେଲା। ପୂରା ପଣ୍ଡରପୁର ଆଶ୍ଚର୍ଯ୍ୟ ଚକିତ ହୋଇ ଦେଖୁଥାଏ ସନ୍ଥ ତୁକାରାମ ନିଜର ନଶ୍ୱର ଶରୀର ସହିତ ସାକ୍ଷାତ୍ ବୈକୁଣ୍ଠକୁ ପ୍ରସ୍ଥାନ କଲେ। ପଛରେ ରହିଗଲା ତାଙ୍କ ଏକତାରା। ଆଜି ବି ତା'ର ଧ୍ୱନି ଚନ୍ଦ୍ରଭାଗା ନଦୀର ଲହଡିରେ ଶୁଣିବାକୁ ମିଳୁଛି।

*ବିସି-୭୪, ସଲ୍ଟ ଲେକ୍,*
*କଲକତା-୬୪*
*ମୋ-୯୬୮୧୩୭୩୫୧୨*

## ଘରଣୀ



**ଡ. ଚନ୍ଦ୍ରକଳା ନାୟକ**

ଆରତୀ ଦେବୀ ସର୍ବଦା କର୍ମତତ୍ପର। ଘରକରଣାରେ ଧୁରନ୍ଧର। ରୋଷେଇ ଠାରୁ ଆରମ୍ଭ କରି ଘର ସଜାଇବା, ଠାକୁର ପୂଜା, ସବୁକିଛି ତାଙ୍କ ବାଁ ହାତ ଖେଳ। କେବଳ ସେ ଜଣେ ଭଲ ଘରଣୀ ନୁହନ୍ତି, ଜଣେ ସଫଳ ମା' ବି। ଏକମାତ୍ର ପୁଅ ଇଶ୍ୱରର ପ୍ରେରଣାଦାୟୀ ଜନନୀ। ବାଲ୍ୟ ସମୟରୁ ପୁଅ ପ୍ରତି କୌଣସି କର୍ତ୍ତବ୍ୟରେ ଅବହେଳା କରିନାହାନ୍ତି। ବନ୍ଧୁ ବାନ୍ଧବ, ସାହି ପଡ଼ିଶା, ସ୍ୱାମୀଙ୍କ ଅଫିସର କର୍ମଚାରୀ ସମସ୍ତଙ୍କର ସେ ଆଦରଣୀୟା। ଇଶ୍ୱର ପିଲା ଦିନରୁ ତା' ମା'ଙ୍କର କର୍ତ୍ତବ୍ୟ ପରାୟଣତା ନେଇ ଯଥେଷ୍ଟ ଅବଗତ ଥାଏ। ସେଥିପାଇଁ ସେ ଆଜି ଗୋଟିଏ ପ୍ରତିଷ୍ଠିତ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର। ବାଲ୍ୟ ସମୟରୁ ଆରତୀ ଦେବୀଙ୍କୁ ଅନୁକରଣ କରି ଆଜି ଯୁବକ ଅବସ୍ଥାରେ ଜଣେ ସଫଳ ବ୍ୟକ୍ତି ହୋଇପାରିଛି। ଇଶ୍ୱର ନାମର ଯଥାର୍ଥକୁ ସେ ପ୍ରତିପାଦିତ କରିଛି। ଜନ୍ମରୁ ସେ ଭଗବାନଙ୍କୁ ପ୍ରବଳ ବିଶ୍ୱାସ କରେ। ଆଶ୍ଚର୍ଯ୍ୟର ବିଷୟ ଆରତୀ ଦେବୀଙ୍କ ସ୍ୱାମୀ ଅଜିତ ପଟ୍ଟନାୟକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ଅଜିତ ବାବୁଙ୍କର ଏକ ଭିନ୍ନ ଦୁନିଆ। ଅଫିସର କର୍ମଚାରୀ ମାନଙ୍କ ସହିତ ତାଙ୍କର ଅନେକ ସମୟ କଟିଯାଏ। ଅବସର ନେବା ପରେ ଅଫିସର କ୍ଲବର ମେମ୍ବର ହୋଇ ପ୍ରାୟ ସମୟ ସେହି ବନ୍ଧୁମାନଙ୍କ ଗ୍ରହଣରେ କଟାଇଥାନ୍ତି। ଏକ ଚିରାଚରିତ ରୁଟିନ୍ ଜୀବନ। ଇଶ୍ୱର, ବାପାଙ୍କର ଏହି ଦୃଷ୍ଟିଭଙ୍ଗୀକୁ ପିଲାଟି ଦିନରୁ ଦେଖିଆସିଛି। କେବଳ ଅର୍ଥ ଓ ସାଙ୍ଗସାଥୀକୁ ବାଦ୍ ଦେଲେ, ଅଜିତ ବାବୁ ପରିବାର ପ୍ରତି କୌଣସି ପ୍ରକାର କର୍ତ୍ତବ୍ୟକୁ ସେ ତୁଲାଇ ନାହାନ୍ତି। ଇଶ୍ୱର ପ୍ରତିଷ୍ଠିତ ବ୍ୟକ୍ତି ଭାବେ ସମାଜସେବାରେ ଦୀର୍ଘ ୪ ବର୍ଷ ହେବ ନିଜକୁ ନିୟୋଜିତ କରିଛି। ଯେଉଁ ସଭାକୁ ଇଶ୍ୱର ଯାଏ, ତା' ସଫଳତା ପଛରେ ତା' ମା'ଙ୍କ ପ୍ରେରଣା ବା ହାତ ଅଛି, ଏ କଥା କହିବାକୁ ଇଶ୍ୱର କେବେବି ଭୁଲେନାହିଁ। ଅନେକ ଥର ତା' ଭାଷଣରେ ଜୀବନର ସମସ୍ତ ଶ୍ରେୟ ସେ ତା'ର ମା'ଙ୍କୁ ହିଁ ଦେଇଥାଏ। ଇଶ୍ୱରଙ୍କ ମା'ଙ୍କ ପ୍ରତି ଏତେ ଆନୁଗତ୍ୟ, ଅଜିତ ବାବୁଙ୍କୁ ଆଦୌ ଭଲ ଲାଗେନାହିଁ। ସର୍ବଦା ତାଙ୍କ ମନଟା ଉଣା ହୋଇଯାଏ। ମନେ ମନେ ଚିନ୍ତା କରନ୍ତି, ମୁଁ କଣ ପୁଅ ପାଇଁ କିଛି କରିନାହିଁ। ଦିନେ ତ କୋଉଠି ପୁଅ ଧାଡିଟିଏ ମୋ ବିଷୟରେ କହିଲାନାହିଁ। ମନରେ ଗଭୀର କ୍ଷୋଭ ନେଇ ଘର ଭିତରେ ଚୁପ୍ ରୁହନ୍ତି।

ଦିନକର କଥା। ଏକ ଟିଭି ଚ୍ୟାନେଲ୍‌ରେ ପୁଅ ଇଶ୍ୱରଙ୍କ ଏକ ସାକ୍ଷାତକାର ନିଆଗଲା। ଅଜିତବାବୁ ଓ ଆରତୀ ଦେବୀ ଏହି ସାକ୍ଷାତକାରକୁ ଘରେ ବସି ଦେଖୁଥିଲେ। ପୂର୍ବବତ ଇଶ୍ୱର ନିଜର ସମସ୍ତ ସଫଳତାର ଶ୍ରେୟ ଆରତୀ ଦେବୀଙ୍କ ପାଦତଳେ ସମର୍ପି ଦେଇଥିଲା। ଅଜିତବାବୁ ଭାବପ୍ରବଣ ହୋଇ ଟିଭି ସୁଇଚ୍ ବନ୍ଦ କରିଦେଲେ। ମୁହଁ କଳାକାଠ ପଡିଗଲା। ହୃଦୟ ଭିତରଟା ଯେମିତି ଓଟାରି ହୋଇଗଲା। ଘୁମ ଖାଇ ବସି ପଡିଲେ। ଘରକୁ ଇଶ୍ୱର ଯେତେବେଳେ ଫେରିଲେ, ଦେଖିଲେ ବାପା ମନ ଦୁଃଖରେ ବସିଛନ୍ତି। କିଛି ବୁଝିପାରିଲେ ନାହିଁ। ପୁଅର ଏତେବଡ ଟିଭି ଚ୍ୟାନେଲ୍‌ରେ ସାକ୍ଷାତକାର। କିନ୍ତୁ ବାପା କାହିଁକି ଖୁସି ନାହାନ୍ତି ? ଇଶ୍ୱର ମନେ ମନେ ସବୁକଥା ବୁଝିଗଲା। ବାପାଙ୍କର ଦୁଃଖକୁ ଲାଘବ କରିବା ପାଇଁ ବାପାଙ୍କ ପାଖରେ ଗେଞ୍ଜି ହୋଇ ବସିଲା। ବାପାଙ୍କ ମନ ଭୁଲାଇବା ପାଇଁ ଆଡୁ ସାଢୁ ଅନେକ କଥା ଗପି ଚାଲିଲା। କିନ୍ତୁ ସେଥିରେ ବାପାଙ୍କ ଭାବର ପରିବର୍ତ୍ତନ ହେଲାନାହିଁ। ଏଥର ଇଶ୍ୱର ବାପାଙ୍କୁ ମୁହଁ ଖୋଲି ସତକଥା କହିବା ଆରମ୍ଭ କଲା। ବାପା, ସତକଥା କହିଲ, ମା' ମୋ ପାଇଁ ଯେତିକି ପରିଶ୍ରମ ଓ ତ୍ୟାଗ କରିଛି, ତା' ପାଇଁ ଏ ଶବ୍ଦପୁଞ୍ଜି କଣ ଯଥେଷ୍ଟ ? ଆପଣ ଅର୍ଥ ରୋଜଗାର କରିଛନ୍ତି ସତ, ହେଲେ ମୋ ମା' ସାରା ପରିବାରର ଭାର ବହନ କରିଛି। ମୁଁ ଦେଖିଛି ଦିନରାତି ଏକ କରି ସେ ଆମ ଦିଜଣଙ୍କ କେତେ ଯତ୍ନ ନିଏ, ସେବା କରେ। ବାପା ତୁମେ କଣ ଦୁଇ ବର୍ଷ ତଳର ଘଟଣାକୁ ଭୁଲି ଯାଇଛ ? ଅଫିସରୁ ଫେରିବା ସମୟରେ ଦୁର୍ଘଟଣାରେ ଗୋଡ଼ ଭାଙ୍ଗି ଯାଇଥିବା ଘଟଣା। ଦିନରାତି ତୁମ ପାଖେ ପାଖେ ସେ ସେବା କରିଛି। ସାରା ରାତି ତୁମ ଯନ୍ତ୍ରଣା ଲାଘବ ପାଇଁ ଅନିଦ୍ରା ରହିଛି। ଘରର ସମସ୍ତ କାର୍ଯ୍ୟ ହସି ହସି କରିଛି। ଦିନେ ତ ପ୍ରତିବାଦ କରିନି। ଦିନେ ତ ପ୍ରଶଂସା ଖୋଜିନି।

ଆଚ୍ଛା ବାପା, ମୋତେ ସତ କଥା କହିଲ, ମା'ର ଏହି ମହାନତା ପାଇଁ ତାକୁ ତୁମେ କେବେ ପ୍ରଶଂସା କରିଛ ? ପ୍ରଶଂସା ଛାଡ ବାପା, କେବେ ତା' ମନର ଭାବକୁ ପଢିବାକୁ ଚେଷ୍ଟା କରିଛ ? କିନ୍ତୁ ମୁଁ ଦେଖିଛି ବାପା, ତୁମ ମୁହଁରୁ ପ୍ରଶଂସା ଶୁଣିବାକୁ ସେ ବ୍ୟାକୁଳ ଥାଏ। ମୋ ଛାତିରେ ହାତ ରଖି କୁହନ୍ତୁ ବାପା, ସେ କଣ ପ୍ରଶଂସା ପାଇବାକୁ ଯୋଗ୍ୟ ନୁହେଁ କି ? ଗୋଟିଏ ନାରୀର ହାଡଭଙ୍ଗା ପରିଶ୍ରମକୁ ସାରା ସମାଜ ଆଗରେ ପ୍ରକାଶ କରିବା କଣ ମୋର ଭୁଲ୍ ? ଆପଣ ଓ ମା' ଗୋଟିଏ ପବିତ୍ର ବନ୍ଧନରେ ୪୦ ବର୍ଷ ହେଲା ବାନ୍ଧି ହୋଇ ରହିଛନ୍ତି। ଅତୁଟ ଏ ବନ୍ଧନ । ତେବେ ନିଜ ସ୍ତ୍ରୀ ପ୍ରତି ଏପରି ଅବିଚାର ଓ ଅସହିଷ୍ଣୁତା କଣ ପାଇଁ ? ଜାଣିଛନ୍ତି ବାପା, ପ୍ରତ୍ୟେକ ସଭାରେ ଏହା କେବଳ ମୁଁ ମୋ ମା' ପାଇଁ କୁହେ ନାହିଁ। ଏହା ପ୍ରତ୍ୟେକ ପରିବାରର ଘରଣୀଟିଏ ପାଇଁ କୁହେ । ଦୁଇପଦ ମିଠା କଥାରେ ସେମାନଙ୍କ ଜୀବନ ସାଧନାର ମୂଲ୍ୟ ମିଳେ। ସେମାନଙ୍କ ଅକ୍ଲାନ୍ତ ପରିଶ୍ରମର ନାର୍ଯ୍ୟ ହକ୍ ମିଳିବା ଅପରିହାର୍ଯ୍ୟ। ସେମାନେ ତ କେବେ ଦରମା ଚାହାନ୍ତିନି । କେବଳ ଚାହାନ୍ତି ପରିବାରରୁ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଓ ଆପଣା ପଣିଆ। ଇଶ୍ୱରଙ୍କ ମୁହଁରୁ ମାତୃଜାତି ପ୍ରତି ଏଭଳି ଗଭୀର ଭାବାବେଗକୁ ଦେଖି ଅଜିତ ବାବୁ ହତବାକ ହୋଇଯାଇଥିଲେ।

ବାପା, ଅନେକ ସମୟରେ ଏକପାଖିଆ ବିଚାର ମଣିଷକୁ ସ୍ୱେଚ୍ଛାଚାରୀ କରେ। ଅନେକ ପରିବାରରେ ପରୁଷ ପ୍ରାଧାନ୍ୟ ପରମ୍ପରାରେ ଏହି ସ୍ୱେଚ୍ଛାଚାରିତା ନାରୀର ଜୀବନକୁ ଦୁର୍ବିସହ କରିଦିଏ। ଅନେକ ନାରୀଙ୍କ ପାଇଁ ଏହି ଅକୁହା ଯନ୍ତ୍ରଣା ତା ଜୀବନର ସବୁ ସପନକୁ ଜାଳି ପୋଡି ଛାରଖାର କରିଦିଏ। ହେଲେ ସେ ବାପା, ଶ୍ୱଶୁର, ସ୍ୱାମୀ, ଦିଅର କିମ୍ବା ପୁଅ ହେଉ ପଛେ, ସେ ଅନୁଭବୀ କିମ୍ବା ବିବେକୀ ହୋଇଥିଲେ, ନାରୀର ଭୂମିକାକୁ ସ୍ୱୀକାର କରି ମର୍ଯ୍ୟାଦା ପ୍ରଦାନ କରିଥାଏ। ଏଥିପାଇଁ ପୁରୁଷ ରୂପକ ମଣିଷ ଭିତରେ ମଣିଷ ପଣିଆ ଅତ୍ୟାବଶ୍ୟକ ହୋଇଥାଏ। ଏହି ସ୍ୱୀକୃତି ଏବଂ ମର୍ଯ୍ୟାଦା ତା' ଜୀବନବ୍ୟାପୀ ସାଧନାର ଶ୍ରେଷ୍ଠ ପୁରସ୍କାର ହୋଇଥାଏ। ଏହାପରେ ବାପାଙ୍କ ମନରେ ଜମାଟ ବାନ୍ଧିଥିବା ଅସନ୍ତୋଷଗୁଡାକ ଏକବାର ଥମି ଯାଇଥିଲା। ନିଜ ଘରଣି ପ୍ରତି କରିଥିବା ଅବିଚାରରୁ କିପରି ନିସ୍ତାର ପାଇବେ ସେଇ ଚିନ୍ତାରେ ଘୁମ ଖାଇ ବସିଥିଲେ।

*ଅଧାପିକା,ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,ଛତିଆ, ଯାଜପୁର*
*ମୋ-୯୪୩୭୯୫୭୬୧୭*

## ଅପରିଚିତ



**ସତ୍ୟନାରାୟଣ ପ୍ରଧାନ**

ପୁଅବୋହୂ ଗାଁ ଲୋକଙ୍କ ଆଗରେ ସଭା ବସାଇ ବୁଢା ବାପା ମାଆ ଦୁଇ ଜଣଙ୍କୁ ଅଲଗା ରାନ୍ଧି ଖାଇବାକୁ ସିଧା ଜଣାଇ ଦେଲେ । ସେମାନେ କାଳେ କାହାକୁ କିଛି ନ ଜଣାଇ ନିଜ ଘର ଜିନିଷ ପଡୋଶୀଙ୍କୁ ହଜାର ଥର ମନା କଲା ପରେ ବି ନେଇ ଦେଉଛନ୍ତି । ସେମାନଙ୍କୁ କହିଲେ ବି ଏ କଥା ସତ ବୋଲି ମାନିଗଲେ ।

ତେଣୁ ଆଉ ବିବାଦର କୌଣସି ପ୍ରଶ୍ନ ଉଙ୍କି ମାରୁନଥିଲା । ବୁଢ଼ା ବାପା ମାଆ ଏ ବୟସରେ ରୋଷେଇ କରିନପାରି ଖାଲି ଭାଗ୍ୟକୁ ଆଦରି ନେଇଥିଲେ । ବାପା ମାଆ ଦୁଇ ଜଣ ପୂର୍ବରୁ ଅଭାବ ଅସୁବିଧା ଥିଲାବେଳେ ପାଖ ପଡୋଶୀ ଘରୁ ଅନେକ ଥର ଧାନ ଚାଉଳ ନେଇ ରାତିରେ ରାନ୍ଧି ଖାଇଛନ୍ତି । ଆଜି ସେମାନଙ୍କ ଚଳିବା ଖରାପ ହୋଇଗଲା ବୋଲି କିପରି ସାହାଯ୍ୟ ସହଯୋଗକୁ ଭୁଲିପାରିବେ ।

ପୁଅ ବୋହୂ କିନ୍ତୁ ତାହା ବୁଝିବା ପାଇଁ ପ୍ରସ୍ତୁତ ନଥିଲେ । ବୁଢା ବାପା ମାଆ ଲୋକହସା ହେବା ଆଗରୁ ମୁଠେ ଭାତ ପାଇଁ ଭୋକରେ ଆଉଟ ପାଉଟ ହେବା ଅପେକ୍ଷା ସବୁଦିନ ଲାଗି ଘରକୁ ସ୍ୱର୍ଗ ଭାବି ଆସୁଥିବା ସେଇ ଭିଟାମାଟିକୁ ଛାଡି ରାତିର ଅନ୍ଧାରେ ଆଗକୁ ପଡ଼ିଥିବା ଅଜଣା ରାସ୍ତାର ପଥିକ ହେବାକୁ ବାଛିଲେ ।

ଗ୍ରୀଷ୍ମ ଦାଉକୁ ଖାତିର ନ କରି ସ୍ୱାମୀ ସ୍ତ୍ରୀ ଦୁହେଁ ରାସ୍ତା କଡରେ ଥିବା ଦୋକାନରେ କାମ ଯୋଗାଡ଼ କରିବାକୁ ବାହାରି ପଡିଲେ । ସେମାନଙ୍କ ବୟସ ଦେଖି କିଏ ଅବା କୌଣସି କାର୍ଯ୍ୟ କରିବା ପାଇଁ ନିୟୋଜିତ କରିବ । ଯେତେ ନେହୁରା ହେଲେ ବି କେହି ସେମାନଙ୍କ କଥା ଶୁଣୁ ନଥିଲେ । ପେଟର ଭୋକକୁ ଆଉ ସହି ନପାରି ଅନ୍ୟତ୍ର ଯିବା ପାଇଁ ଷ୍ଟେସନ୍‌ରେ ଲାଗିଥିବା ଟ୍ରେନ୍‌ରେ ଯାଇ ବସିପଡିଲେ । ସମୟ ଚକରେ ସଂସାର ରଥ କେତେବେଳେ କାହାର ଅଟକି ଯିବ କାହାରିକୁ ଜଣାନଥିଲା । ଟ୍ରେନ୍ କିଛି ବାଟ ଯାଇଛି କି ନାହିଁ ପୋଲ ତଳକୁ ଖସି ପଡିଲା ।

ମୃତ ବ୍ୟକ୍ତି ମାନଙ୍କ ପାଇଁ ସରକାରଙ୍କ ତରଫରୁ ସହାୟତା ରାଶି ଘୋଷଣା କରାଯାଇଥିଲା । ମୃତକ ପରିଚୟ ଚିହ୍ନଟ କରାଯିବା ଲାଗି ପରିବାର ଲୋକଙ୍କ ଭିଡ଼ ସହ କାନ୍ଦ ବୋବାଳିରେ ପୁରା ସହରଟା ଫାଟି ପଡୁଥିଲା । ଗାଁରୁ ବିତାଡିତ କରିଥିବା ସେଇ ପୁଅ ବୋହୂ ଟଙ୍କା ଲୋଭରେ ମିଛ କାନ୍ଦଣାର ଅଭିନୟର ନାଟକ ପୁରା ନିଖୁଣ ଭାବେ ପ୍ରତିପାଦନ କରିବାରେ ସଫଳ ହୋଇଥିଲେ ।

ଟ୍ରେନ୍ ଦୁର୍ଘଟଣାର କେଇ ମାସ ଭିତରେ ଅନୁକମ୍ପା ରାଶି ମୃତକଙ୍କ ପ୍ରମାଣ ପତ୍ର ଯାଞ୍ଚ କରି ପରିବାର ଲୋକଙ୍କୁ ମିଳିଯାଇଥିଲା । ସେଇ ସ୍ୱାମୀ ସ୍ତ୍ରୀଙ୍କ ଭିତରୁ ସୌଭାଗ୍ୟ ବଶତଃ ସ୍ତ୍ରୀ ଲୋକଟି ବଞ୍ଚିଯାଇ ନଦୀର ଆରପରେ ଉଦ୍ଧାର ହୋଇଥିଲା । ସେ କିନ୍ତୁ ନିଜର ସ୍ମୃତି ଶକ୍ତି ହରାଇ ବସି ପରିବାର ଲୋକଙ୍କୁ ଖୋଜିବାର ଅନେକ ପ୍ରୟାସ ଜାରି ରଖି ପୁଣି ଗୋଟେ ଦୁର୍ଘଟଣା ତା' ଆଗରେ ଘଟିବାରୁ ଶେଷରେ ସବୁ ତାର ମନେ ପଡିଲା ।

ସେ ବହୁ କଷ୍ଟରେ ନିଜ ଘରକୁ ଫେରିବା ପରେ ପୁଅ ବୋହୂ ସତ କଥା ଗାଁ ଲୋକମାନେ ଜାଣିଯିବା ଭୟରେ ତାଙ୍କୁ ଗୋଟେ ଭଙ୍ଗା ଅବ୍ୟବହୃତ ଘରେ ରହିବା ପାଇଁ ବାଧ୍ୟ କରାଇଲେ । କାଳେ ସରକାର ଜାଣିପାରିଲେ ଦେଇଥିବା ଟଙ୍କା ଫେରସ୍ତ ନେଇଯିବେ ବୋଲି । ସେ ଆଉ କେତେଦିନ ବଞ୍ଚି ଥାଉଁ ଥାଉଁ ମରିବା ଲୋକର ଅଭିନୟ କରିବ ସେଥିପାଇଁ ରାତିର ଅନ୍ଧାରେ ଅପରିଚିତ ଲୋକଙ୍କ ଭଳି ପୁଣି ଘର ଛାଡି ଅଜଣା ବାଟକୁ ଚିରସାଥୀ ବୋଲି ବାଛି ନେଇଥିଲା ।

*ଅଣ୍ଡିଆ, ଯାଜପୁର*
*ମୋ-୯୧୭୮୩୧୩୬୪୪*

## ମାଆର ଅସଲି ଶିକ୍ଷା

**ନଗେନ୍ଦ୍ର ନାଥ ପଟ୍ଟନାୟକ**

ସେଦିନମାନଙ୍କରେ ଆମେରିକାରେ କ୍ରୀତଦାସ ପ୍ରଥା ପ୍ରଚଳିତ ଥିଲା । ସେ କାଳରେ ଆମେରିକାରେ ରହୁଥିଲେ ଜଣେ ଧନୀଲୋକ । ଗୋଲାମ କିଣା-ବିକା ହେଉଥିବା ବଜାର ଯାଇ ସେ ଦଳଙ୍କ ଭିତରୁ ସେ ବାଛିବାଛି ଜଣେ ଦାସକୁ କିଣି ନେଇଥିଲେ । ସେଇ ଦାସଟିର ନାଁ ଥିଲା ବେଙ୍କର । କ୍ରୀତଦାସ ବେଙ୍କର ଥିଲା ଖୁବ୍ ପରିଶ୍ରମୀ, ସେଥିପାଇଁ ମାଲିକ ବେଶ୍ ଖୁସି ଆନନ୍ଦରେ କାଳ ଯାପନ କରୁଥିଲେ । ମାଲିକ ଆଉ ଜଣେ ଦାସକୁ ନିଜ ଘରେ ରଖିବା ପାଇଁ ଇଚ୍ଛା ପ୍ରକାଶ କଲେ । ସେଥିପାଇଁ ଦିନେ ବେଙ୍କର ମାଲିକଙ୍କୁ ସାଙ୍ଗରେ ଘେନି ଗଲେ ଗୋଲାମ ଦଳଙ୍କ ନିକଟକୁ । ସେମାନଙ୍କ ଭିତରୁ ଜଣେ ବୁଢ଼ା ଦାସକୁ କିଣିବାପାଇଁ ମାଲିକ ଆଗ୍ରହ କଲେ । ତାପରେ ସେ ତାକୁ କିଣିକରି ଉଆସକୁ ନେଇଗଲେ । ବେଙ୍କର ସେଇ ବୁଢା ଚାକରଟିକୁ ଖୁବ୍ ଦେଖାରେଖା କଲା । ତାର ଏତେ ସେବା ଯତ୍ନ କଲା ଯେ ମାଲିକ ବିସ୍ମିତ ଚକିତ ହୋଇ ଦିନେ ପଚାରିଲେ- ବୁଢ଼ା ଚାକରଟି କଣ ତୁମର ରକ୍ତ ସମ୍ପର୍କୀୟ । ବେଙ୍କର କହିଲେ- ନା, ତା ସାଙ୍ଗେ ମୋର କୌଣସି ସମ୍ପର୍କ ନାହିଁ ନା ସେ ମୋର ଆତ୍ମୀୟ ସ୍ୱଜନ ନା ବନ୍ଧୁ ପରିଜନ । ଏମିତିକି ସେ ମୋର ଚିହ୍ନା ଜଣା ଲୋକ ମଧ୍ୟ ନୁହେଁ । ବରଂ ସେଇ ବୁଢାଟା ତ ମୋର ଶତ୍ରୁ । ସେଇ ଗୋଲାମ ବଜାରରେ ମୂଳଚାଲ କରି ସେ ମତେ ଦଶ ଟଙ୍କା ଦାମରେ ଆପଣଙ୍କୁ ବିକି ଦେଇଥିଲା । ପରେ ପରେ ନିଜେ ମଧ୍ୟ ଧରା ପଡ଼ିଗଲା । ତାପରେ ପୁଣି ସେ ବିକ୍ରି ହୋଇଗଲା । ଏବେ ସେ କ୍ରିତଦାସ । ତାପରେ ମାଲିକ ପୁଣି କୌତୁହଳରେ ପଚାରିଲେ- ତା ହେଲେ ତୁମେ ତାକୁ କାଇଁକି ସାହାଯ୍ୟ ସହାୟତାର ହାତ ବାଢୁଛ ? କଣ ଭାବି ତୁମେ ତାର ଏତେ ତତ୍ତ୍ୱ ନେଉଛ, ଆଉ ହେପାଜତରେ ରଖୁଛ। ଟିକେ ସମୟ ନିରବ ରହିବା ପରେ ବେଙ୍କର ଖୁବ୍ ନମ୍ରତାର ସହିତ ହାତଯୋଡ଼ି କହିଲା- ମୋ ସ୍ନେହ ମମତାମୟୀ ମା' ମତେ ଶିକ୍ଷା ଦେଲାବେଳେ କହିଥିଲେ- 'ଯଦି ଜଣେ ଶତ୍ରୁ ଭୋକିଲା ଥିବ ତାହେଲେ ତୁ ତା' ମୁହଁରେ ଦାନା ଗଣ୍ଡାଏ ଦେବୁ; ଲଙ୍ଗଳା ଫୁଙ୍ଗୁଳା ହୋଇଥିଲେ କନା ଖଣ୍ଡେ ଦେବୁ, ତୃଷାର୍ତ୍ତ ଥିଲେ ପାଣି ମୁନ୍ଦାଏ ପିଆଇଦେବୁ । ମୋ କଥାକୁ ସଦାବେଳେ ହେଜରେ ରଖିଥିବୁ, କେବେ ଭୁଲିବୁନି ।' ମା'ଙ୍କ ସେଇ ଶିକ୍ଷାକୁ ଅନୁପାଳନ କରି ମୁଁ ବିଚରା ସେଇ ବାସ୍ତୁହରା ଓ ଅସହାୟ ବୁଢ଼ା ଦାସର ସେବା ଯତ୍ନ କରୁଛି । ବିଶ୍ୱସ୍ତ ଓ ସ୍ପଷ୍ଟବାଦୀ କ୍ରୀତଦାସ ବେଙ୍କର ତୁଣ୍ଡରୁ ମଞ୍ଜକଥା କେଇପଦ ଶୁଣି ମାଲିକ ତାକୁ ସ୍ନେହଭିଜା ଗଳାରେ ଲଗାଇଲେ ଆଉ ଦୁଇଜଣକୁ ଏକାବେଳକେ ମୁକ୍ତ କରିଦେଲେ ।



*ଲକ୍ଷ୍ମୀ ସାଗର କେନାଲ ରୋଡ, ଭୁବନେଶ୍ୱର*
*ମୋ- ୯୪୩୮୩୩୨୧୩୮*

## କୁଆଡ଼େ ଆସିଛ

**(ମନୁଆର ଗପ ପେଡ଼ି - ୧୬)**

**ମନୋରଞ୍ଜନ ଦାଶ**



କୁଆଡ଼େ ଆସିଛ... ?

ଗମ୍ଭୀର ଶବ୍ଦରେ ଏ ପ୍ରଶ୍ନ ଶୁଣି ବେହେରା ଆଜ୍ଞା ଚମକି ଗଲେ।

ଭଲ କି ନିରିଖି ଦେଖିଲେ... ଦେଖିଲେ ... ବିଶାଳକାୟ ଭଗବାନଙ୍କ ମୂର୍ତ୍ତି ତାଙ୍କ ଆଡ଼କୁ ଦେଖି ଏ ପ୍ରଶ୍ନ ପଚାରୁଛି ।

ଡରି ଡରି ବେହେରା ଆଜ୍ଞା କହିଲେ, ପ୍ରଭୁ ମୁଁ ଗୋଟିଏ ସୁନା ଚେନ୍ ଆପଣଙ୍କୁ ଭେଟି ଦେବାକୁ ଚାହୁଁଥିଲି, ହେଲେ ଆପଣଙ୍କ ପୂଜକ ଆଉ ଗୋଟିଏ ଆଣିବାକୁ କହିଲେ... କହିଲେ ମୋ ଝିଅର ବାହାଘର, ମହାଶୟ ମୋତେ ଆଉ ଗୋଟିଏ ଦିଅନ୍ତୁ । ନହେଲେ ଏଇ ହାରଟିକୁ ଫେରେଇ ନିଆହେଉ ...

ପ୍ରଭୁ... ମୁଁ କଣ କରିବି... ?

ମୋ ଘରେ ଯେ କୌଣସି ଦିନ CBI Raid କରିପାରେ, ସେଥିପାଇଁ ମୁଁ ଆଗରୁ ଆପଣଙ୍କ ପାଖକୁ ଏଇ ହାରଟିକୁ ଦେବାକୁ ଆସିଛି।

ପଥର ମୂର୍ତ୍ତିଟି ସ୍ମିତ୍ ହାସ୍ୟ କଲେ...

ବସ୍... ଗୋଟିଏ ଛୋଟ କାମ କର ! ତୁମ ସହରରେ ଛୋଟ ବଡ଼ ହେଇ ମୋର ଅନେକ ଏଇ ଭଳି ପଥର ପ୍ରତିମା ଅଛନ୍ତି। ତୁମେ ସମସ୍ତଙ୍କୁ କିଛି କିଛି ସ୍ୱର୍ଣ୍ଣ ଅଳଙ୍କାର ଦେଲା ପରେ ସର୍ବ ଶେଷରେ ମୋ' ପାଖକୁ ଆସିପାରିବ।

ବେହେରା ବାବୁଙ୍କ ମୁଣ୍ଡ ଘୁରେଇଗଲା, ଭାବିଲେ ସେ ଏବେ କଣ କରିବେ ?

ତାପରଦିନ ତାଙ୍କ ଘରେ CBI Raid ହେଲା, ବଡ଼ ଆଶ୍ଚର୍ଯର କଥା ତାଙ୍କ ଲକ୍କରରୁ କିଛିବି ମିଳିଲାନାହିଁ !

ତାଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ମଧ୍ୟ ହେଇପାରିଲାନାହିଁ । ଦୀର୍ଘ ୭ ଦିନ RAID ଚାଲିଲା, କିନ୍ତୁ CBI କିଛି ପାଇଲା ନାହିଁ । CBI Team ଫେରିଲା ପରେ, ବେହେରା ବାବୁ କାନ୍ଦି କାନ୍ଦି ମୂର୍ତ୍ତିଙ୍କ ଗୋଡ ତଳେ ପଡିଗଲେ।

ପ୍ରଭୁ କି ଚମତ୍କାର କଲେ !!!

କିନ୍ତୁ... ଆଉ ମୂର୍ତ୍ତିଙ୍କ ପାଖରୁ କିଛି ଶୁଣାଗଲାନାହିଁ...

ବେହେରା ବାବୁ ଆଗକୁ କଣ କରିବାକୁ ହେବ ବୁଝିଗଲେ...

ତାଙ୍କର ସବୁ ସ୍ଥାବର-ଅସ୍ଥାବର ସମ୍ପତ୍ତି ସେଇ ମନ୍ଦିରକୁ ଦାନ କରି ନିଜର ଗ୍ରାମର ଆଶ୍ରମକୁ ଚାଲିଗଲେ।

ତାଙ୍କର ଗତ ବର୍ଷ ତିରୋଧାନ ହେଇଯାଇଛି । ସ୍ୱର୍ଗରେ ତାଙ୍କର ଆତ୍ମାକୁ ପ୍ରଭୁ ନିଶ୍ଚୟ ପଚାରିଥିବେ ...

ବସ୍, ତୁମେ ଆସିଯାଇଛ !! ସଦା ସର୍ବଦା ଏବେ ତୁମର ଆତ୍ମା ମୋ ପାଖରେ ରହିଥାଉ ।

*ରସାୟନ ଶାସ୍ତ୍ର*

# ମହଙ୍ଗା ପଡ଼ିଲା ଇ-ସିଗାରେଟ୍ ଟାଣିବା ନିଆଗଲା କଡ଼ା କାର୍ଯ୍ୟାନୁଷ୍ଠାନ



**ନୂଆଦିଲ୍ଲୀ**

ପଞ୍ଜାବ ବିପକ୍ଷ ମ୍ୟାଚ୍ ସମୟରେ ଇ-ସିଗାରେଟ୍ ଟାଣି ବେଶ ଚର୍ଚ୍ଚରେ ରହିଥିଲେ ରାଜସ୍ଥାନ ରୟାଲ୍ସର ଅଧିନାୟକ ରିୟାନ୍ ପରାଗ। ନ୍ୟୁ ଚଣ୍ଡିଗଡ଼ରେ ମ୍ୟାଚ୍ ସମୟରେ ସେ ଇ-ସିଗାରେଟ ଟାଣିଥିବା ନଜରକୁ ଆସିଥିଲା। ଭିଡିଓ ବେଶ୍ ଭାଇରାଲ ହେବା ପରେ ଆକ୍ସନ ନେବାକୁ ସୋସିଆଲ ମିଡିଆରେ ଦାବି ହୋଇଥିଲା। ଆଉ ଏବେ ହୋଇଛି କାର୍ଯ୍ୟାନୁଷ୍ଠାନ।

ଡ୍ରେସିଂ ରୁମ୍‌ରେ ବସି ଇ-ସିଗାରେଟ ଟାଣିଥିଲେ। ଯାହା ଉପରେ ଗ୍ରହଣ କରାଯାଇଛି କାର୍ଯ୍ୟାନୁଷ୍ଠାନ। ଫଳ ସ୍ୱରୂପ ତାଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ କଟାଯିବ। ତାଙ୍କୁ ୨୫ ପ୍ରତିଶତ ଜରିମାନା କରାଯାଇଛି। ଏହାସହ ଗୋଟିଏ ଡି-ମେରିଟ୍ ପଏଣ୍ଟ ମଧ୍ୟ ତାଙ୍କ ନାମରେ ଯୋଡ଼ି ହୋଇଯାଇଛି। ଯଦିଓ ଆଇପିଏଲରେ ଏଭଳି ଅନେକ ଅଧିନାୟକଙ୍କୁ ଦଣ୍ଡିତ କରାଯାଇଛି ଏବଂ ମ୍ୟାଚ୍ ଫି' କଟାଯାଇଛି କିନ୍ତୁ ଏହା ପ୍ରଥମ ଘଟଣା। ଇ-ସିଗାରେଟ୍ ବା ଭେପିଂ କରିବାରେ ପରାଗ ପ୍ରଥମ ଖେଳାଳି।

ରିୟାନ ପରାଗ ଆଇପିଏଲ ଆଚରଣ ସଂହିତାର ଧାରା ୨.୨୨ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହାସହ ମ୍ୟାଚ୍ ରେଫରି ଅମିତ ଶର୍ମାଙ୍କ ନିକଟରେ ନିଜର ଦୋଷକୁ ମାନିଛନ୍ତି। ଭାରତରେ ୨୦୧୯ ମସିହାରୁ ଭେପିଂ ବା ଇ-ସିଗାରେଟ୍ ଉପରେ ପ୍ରତିବନ୍ଧକ ଲଗାଯାଇଛି। ବିସିସିଆଇ ନିୟମ ଅନୁଯାୟୀ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳ ବ୍ୟତୀତ ଧୂମପାନ ଏବଂ ଭେପିଂକୁ କଡ଼ାକଡ଼ି ନିଷେଧ କରାଯାଇଛି। ତଥାପି, ରିୟାନ୍ ପରାଗ ଡ୍ରେସିଂ ରୁମ୍‌ରେ ଏପରି କରୁଥିବାର ଦେଖାଯାଇଥିଲା। ଫଳସ୍ୱରୂପ ତାଙ୍କୁ ଏବେ ୨୫ ପ୍ରତିଶତ ଜରିମାନା କରାଯାଇଛି। ତଥାପି ରିୟାନ୍ ପରାଗ ଏକମାତ୍ର କ୍ରିକେଟର ନୁହନ୍ତି ଯିଏ ସିଗାରେଟ୍ କିମ୍ବା ଇ-ସିଗାରେଟ୍ ଟାଣିଥିଲେ। ତାଙ୍କ ପୂର୍ବରୁ, ଆରୋନ୍ ଫିଞ୍ଚ ମଧ୍ୟ ୨୦୨୦ ମସିହାରେ ଏପରି କରୁଥିବାର ଧରାପଡ଼ିଥିଲେ ଏବଂ ଏବି ଡିଭିଲିୟର୍ସଙ୍କୁ ମଧ୍ୟ ଝଇ୨୦ ମ୍ୟାଚ୍ ସମୟରେ ଏପରି କରୁଥିବାର ଦେଖାଯାଇଥିଲା।

# ବେଙ୍ଗାଲରୁକୁ ୪ ୱିକେଟରେ ହରାଇଲା ଗୁଜୁରାଟ

**ଅହମଦାବାଦ**

ଘରୋଇ ମାଟିରେ ଗୁଜରାଟ ଟାଇଟନ୍ସ ଗୁରୁବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୪ ୱିକେଟ୍‌ରେ ପରାସ୍ତ କରିଛି। ୧୫୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଶୁବମନ ଗିଲ୍‌ଙ୍କ ଦଳ ୧୫.୫ ଓଭରରେ ୬ ୱିକେଟ୍ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା। ଶୁବମନ ଗିଲ ଦଳ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଛନ୍ତି। ଗିଲ୍ ୧୮ଟି ବଲ୍‌ର ସାମ୍ନା କରିଥିଲେ, ଯେଉଁଥିରେ ସେ ୪ଟି ଚୌକା ଏବଂ ୩ଟି ଛକା ମାରିଥିଲେ।

ରଣନୀତି ହିସାବରେ ଗୁଜରାଟ ବ୍ୟାଟିଂ କରିଥିଲା। ପ୍ରଥମ ୱିକେଟ୍ ପାଇଁ ସାଇ ସୁଦର୍ଶନ ଏବଂ ଶୁବମନ ଗିଲ ୪୨ ରନ୍‌ର ଭାଗିଦାରୀ କରିଥିଲେ। ଏଥିରେ ସୁଦର୍ଶନଙ୍କର ବ୍ୟକ୍ତିଗତ ସ୍କୋର ୬ ରନ୍ ଥିଲା। ସେ ଗୋଟିଏ ଚୌକା ମାରିଥିଲେ। ବେଙ୍ଗାଲୁରୁର ଦ୍ୱିତୀୟ ଶିକାର ହୋଇଥିଲେ ଶୁବମନ ଗିଲ। ସେତେବେଳକୁ ଦଳର ସ୍କୋର ୫୭ ରନ୍‌ରେ ପହଞ୍ଚିଥିଲା। ଗୁଜରାଟ ୯୨ ରନ୍‌ରେ ଜୋସ ବଟଲର, ୧୦୯ ରନ୍‌ରେ ଶାହରୁଖ ଖାନ ଏବଂ ୧୧୫ ରନ୍‌ରେ ୱାସିଂଟନ ସୁନ୍ଦରଙ୍କୁ ହରାଇଥିଲା।



ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୨ତମ ମ୍ୟାଚ୍‌ରେ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗୁରୁବାର ସନ୍ଧ୍ୟାରେ ବେଙ୍ଗାଲୁରୁ ୧୯.୨ ଓଭରରେ ସମସ୍ତ ୱିକେଟ ହରାଇ ୧୫୫ ରନ୍ କରିଥିଲା। ବେଙ୍ଗାଲୁରୁ ପାଇଁ ଜାକୋବ ବେଥେଲ ଏବଂ ବିରାଟ କୋହଲି ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି ପ୍ରଥମ ୱିକେଟ ପାଇଁ ୩୪ ରନ୍ ଭାଗିଦାରୀ କରିଥିଲେ। ଏଥିରେ ଜାକୋବଙ୍କ ବ୍ୟକ୍ତିଗତ ସ୍କୋର ୫ ରନ୍ ଥିଲା, ଯିଏକି ଗୋଟିଏ ଚୌକା ମାଧ୍ୟମରେ ଏହା ସଂଗ୍ରହ କରିଥିଲେ। ଗୁଜରାଟର ଦ୍ୱିତୀୟ ଶିକାର ହୋଇଥିଲେ ବିରାଟ କୋହଲି। ସେ ଆଉଟ୍ ହୋଇ ପାଭିଲିଅନ ଫେରିଯିବା ପୂର୍ବରୁ ବ୍ୟକ୍ତିଗତ ଭାବେ ୨୮ ରନ୍ ସଂଗ୍ରହ କରିଥିଲେ। ସେ ୧୩ଟି ବଲ୍‌ର ସାମ୍ନା କରି ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ।

ବେଙ୍ଗାଲୁରୁ ପାଇଁ ଦେବଦତ୍ତ ପଡ୍ଡିକଲ ସର୍ବାଧିକ ବ୍ୟକ୍ତିଗ ସ୍କୋର କରିଥିଲେ। ସେ ୨୪ଟି ବଲ୍ ଖେଳିଥିଲେ ଏବଂ ୪୦ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୨ଟି ଛକା ସାମିଲ ଥିଲା। ଅଧିନାୟକ ରଜତ ପଟିଦାର ୧୯ ରନ୍, ରୋମାରିଓ ସିଫର୍ଡ ୧୭ ରନ୍, ଭୁବନେଶ୍ୱର କୁମାର ୧୫ ରନ୍ ଏବଂ ଭେଙ୍କଟେଶ ଆୟର ୧୨ ରନ୍ ସଂଗ୍ରହ କରିଥିଲେ।

ଶୁବମନ ଗିଲଙ୍କ ପରେ ଗୁଜରାଟ ପାଇଁ ବଟଲର ଦ୍ୱିତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୧୯ଟି ବଲ୍ ଖେଳି ୨ଟି ଚୌକା ଏବଂ ୪ଟି ଛକା ମାଧ୍ୟମରେ ୩୯ ରନ୍ ସଂଗ୍ରହ କରିଥିଲେ। ୱାସିଂଟନ ସୁନ୍ଦର ୧୨ଟି ବଲ୍ ସାମ୍ନା କରି ୧୨ ରନ୍ କରିଥିଲେ। ଗୁଜରାଟ ପାଇଁ ଅର୍ସଦ ଖାନ ଶ୍ରେଷ୍ଠ ବୋଲିଂ କରିଥିଲେ। ସେ ୩.୨ ଓଭର ବୋଲିଂ କରିଥିଲେ ଏବଂ ୨୨ ରନ୍ ଖର୍ଚ୍ଚ କରି ୩ଟି ୱିକେଟ ନେଇଥିଲେ। ଜାସନ ହୋଲଡର ଏବଂ ରସିଦ ଖାନଙ୍କୁ ୨-୨ ୱିକେଟ ନେଇଥିଲେ। ଦ୍ରୁତବୋଲର ମହମ୍ମଦ ସିରାଜ ଏବଂ କାଗିସୋ ରାବଡ଼ାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

# ଇସ୍ତଫା ଦେଲେ ଶ୍ରୀଲଙ୍କା କ୍ରିକେଟ୍ ମୁଖ୍ୟ ଶାମି ସିଲ୍‌ଭା

**କଲମ୍ବୋ**

ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେଙ୍କ ଅନୁରୋଧ ପରେ ଶ୍ରୀଲଙ୍କା କ୍ରିକେଟ୍ (ଏସ୍‌ଏଲ୍‌ସି) ମୁଖ୍ୟ ଶାମି ସିଲ୍‌ଭା ଓ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଏକ ସ୍ୱତନ୍ତ୍ର ବୈଠକରେ ସେମାନଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ୩ ଘଣ୍ଟା ଧରି ଚାଲିଥିବା ବୈଠକରେ ଖୁବ୍ ବିଚାରବିମର୍ଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ସିଲ୍‌ଭାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ କ୍ରୀଡ଼ାମନ୍ତ୍ରୀ ସୁନୀଲ କୁମାର ଗାମେଜଙ୍କୁ ଇସ୍ତଫାପତ୍ର ପଠାଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଶ୍ରୀଲଙ୍କା ଦଳର ଖରାପ ପ୍ରଦର୍ଶନ ଓ ଖେଳାଳିଙ୍କଠାରୁ ଅଭିଯୋଗ କାରଣରୁ ସରକାର ଗତ ମାର୍ଚ୍ଚରୁ ସିଲ୍‌ଭାଙ୍କୁ ହଟାଇବାକୁ ଚାହୁଁଥିଲେ।

ଅନ୍ତରୀଣ ଭାବେ ଏସ୍‌ଏଲ୍‌ସିର ଦୈନନ୍ଦିନ କାର୍ଯ୍ୟକଳାପ ପରିଚାଳନା ଲାଗି ସରକାର ନାମ ନିର୍ଦ୍ଧାରଣ କରିସାରିଛନ୍ତି। ସିଲ୍‌ଭା ୨୦୧୯ରେ ଏସ୍‌ଏଲ୍‌ସି ସଭାପତି ଭାବେ ବହୁମତରେ ପ୍ରଥମେ ନିର୍ବାଚିତ ହୋଇଥିଲେ। ଏହାପରେ ନିର୍ଦ୍ୱନ୍ଦ୍ୱରେ ୨୦୨୧, ୨୦୨୩ ଓ ୨୦୨୫ରେ ନିର୍ବାଚିତ ହୋଇଥିଲେ। ୨୦୨୫ରେ ଭାରତର ଜୟ ଶାହାଙ୍କ ବିଦାୟ ପରେ ସିଲ୍‌ଭା ଏସିଆନ୍ କ୍ରିକେଟ୍ କାଉନ୍‌ସିଲ ସଭାପତି ଦାୟିତ୍ୱରେ ରହିଛନ୍ତି।

# ବିଶ୍ୱ ଟିଟି: ୟୁକ୍ରେନକୁ ହରାଇଲା ଭାରତ



**ଲଣ୍ଡନ**

ଇଂଲଣ୍ଡର ଲଣ୍ଡନଠାରେ ଚାଲିଥିବା ଆଇଟିଟିଏଫ୍ ବିଶ୍ୱ ଦଳଗତ ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ଭାରତ ରୋମାଞ୍ଚକ ଢଙ୍ଗରେ ୟୁକ୍ରେନ୍‌କୁ ୩-୨ରେ ପରାସ୍ତ କରିଛି। ତା' ସହିତ ଗ୍ରୁପ୍-୬ରେ ନିଜ ସ୍ଥିତିକୁ ପୂର୍ବାପେକ୍ଷା ଆହୁରି ସୁଦୃଢ଼ କରି ନେଇଛି। ଏହି ତୀବ୍ର ସଂଘର୍ଷପୂର୍ଣ୍ଣ ମୁକାବିଲାର ପ୍ରଥମ ମ୍ୟାଚ୍‌ରେ ଅଭିଜ୍ଞ ମନିକା ବାତ୍ରା ପ୍ରତିପକ୍ଷ ତେତୟାନା ବିଲେଙ୍କୋଙ୍କୁ ୧୧-୯, ୭-୧୧, ୧୧-୬, ୧୧-୫ରେ ହରାଇ ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ୟୁକ୍ରେନ୍‌ର ମାର୍ଗାରିଟା ପେସୋତ୍‌ସ୍କା ଭାରତର ଯଶସ୍ୱିନୀ ଘୋରପଡ଼େଙ୍କୁ ହରାଇ ସ୍ଥିତି ୧-୧ କରି ନେଇଥିଲେ। ସେହିଭଳି ଦିୟା ଚିତାଲେ ତୃତୀୟ ମ୍ୟାଚ୍‌ରେ ଭେରୋନିକା ମାତିୟୁନାଙ୍କୁ ହରାଇ ଭାରତକୁ ପୁଣି ଥରେ ୨-୧ରେ ଆଗୁଆ କରି ଦେଇଥିଲେ। ହେଲେ ମନିକା ଦୁର୍ଭାଗ୍ୟଜନକ ଭାବେ ଚତୁର୍ଥ ମୁକାବିଲାରେ ଭାବେ ମାର୍ଗାରିଟାଙ୍କ ଠାରୁ ହାରି ଯାଇଥିଲେ। ଏଣୁ ସ୍ଥିତି ୨-୨ରେ ବରାବର ହୋଇଯାଇଥିଲା। ପଞ୍ଚମ ତଥା ନିର୍ଣ୍ଣାୟକ ମୁକାବିଲାରେ ଘୋରପଡ଼େ ଅସୀମ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ପରିଚୟ ଦେଇ ତେତୟାନାଙ୍କୁ ହରାଇବା ସହ ଭାରତକୁ ବିଜୟୀ କରାଇଥିଲେ।

# ଫିଫା ବିଶ୍ୱକପ୍ ପାଇଁ ଲାଗୁ ହେଲା କଠୋର ନିୟମ

**ଜୁରିଖ**

ଆସନ୍ତା ଜୁନ୍ ଓ ଜୁଲାଇରେ ହେବାକୁ ଥିବା ଫିଫା ବିଶ୍ୱକପ୍ ପାଇଁ କିଛି କଠୋର ନିୟମ ଲାଗୁ କରାଯାଇଛି। ମ୍ୟାଚ୍ ସମୟରେ କୌଣସି ଖେଳାଳି ଗ୍ରାଉଣ୍ଡ ଭିତରେ ମୁହଁରେ ହାତ ଦେଲେ କିମ୍ବା ଜର୍ସିରେ ପାଟିକୁ ଘୋଡ଼ାଇ ପ୍ରତିପକ୍ଷ ଦଳର ଖେଳାଳିଙ୍କୁ କିଛି କହିଲେ ସିଧା ସଳଖ ରେଡ୍ କାର୍ଡ ପାଇ ବିଦା ହେବେ। ଅନ୍ତର୍ଜାତୀୟ ଫୁଟବଲ୍ ଆସୋସିଏସନ ବୋର୍ଡ (ଆଇଏଫଏବି) ପକ୍ଷରୁ କାନାଡ଼ାର ଭାଙ୍ଗୋଭର ଠାରେ ଆୟୋଜିତ ବୈଠକ ଅବସରରେ ଏହି ନିଷ୍ପତ୍ତି ନିଆଯାଇଛି। କେବଳ ସେତିକି ନୁହେଁ, ରେଫରୀଙ୍କ ନିଷ୍ପତ୍ତିର ବିରୋଧ କରି କୌଣସି ଖେଳାଳି ପ୍ରତିବାଦ କଲେ ମଧ୍ୟ ସିଧା ସଳଖ ରେଡ୍ କାର୍ଡ ପାଇବେ।



ସୂଚନାଯୋଗ୍ୟ, ମରୋକ୍କୋ ଓ ସେନେଗାଲ ମଧ୍ୟରେ ଅନୁଷ୍ଠିତ ଆଫ୍ରିକା କପ୍ ଓ ନେସନ୍ସ ଫାଇନାଲ ମୁକାବିଲାରେ ଘଟିଥିବା ଅଭାବନୀୟ ଘଟଣାକୁ କେନ୍ଦ୍ର କରି ଏଭଳି ନୂଆ ନିୟମ ଲାଗୁ କରାଯାଇଛି। ଉକ୍ତ ମ୍ୟାଚରେ ମରକ୍କୋ ଦଳକୁ ରେଫରି ଏକ ପେନାଲ୍ଟି ପ୍ରଦାନ କରିବା ପ୍ରତିବାଦରେ ସେନେଗାଲ୍ ଦଳ ଗ୍ରାଉଣ୍ଡ ଛାଡ଼ି ଡ୍ରେସିଂରୁମ୍‌କୁ ଫେରି ଯାଇଥିଲା। ପରେ ପରେ ଦଳ ଗ୍ରାଉଣ୍ଡକୁ ଫେରିଥିଲା ଓ ମରକ୍କୋ ପକ୍ଷରୁ ବ୍ରାହିମ ଡାଏଜ ପେନାଲ୍ଟିକୁ ଗୋଲ୍‌ରେ ପରିଣତ କରିବାରେ ବିଫଳ ହୋଇଥିଲେ। ୯୫ତମ ମିନିଟ୍‌ରେ ଗୋଲ୍ କରିଥିବା ସେନେଗାଲ୍ ଚାମ୍ପିଅନ୍ ହୋଇଥିଲା। ପରେ ଆଫ୍ରିକା ଫୁଟବଲ ମହାସଂଘ ଏହି ଘଟଣାର ତଦନ୍ତ କରି ସେନେଗାଲକୁ ଦଣ୍ଡିତ କରିଥିଲା। ମରକ୍କୋକୁ ୩-୦ ଗୋଲ୍‌ରେ ବିଜୟୀ ଘୋଷଣା କରାଯାଇଥିଲା ଓ ସେନେଗାଲ୍ ଠାରୁ ଟ୍ରଫି ଫେରାଇ ମରକ୍କୋକୁ ପ୍ରଦାନ କରାଯାଇଥିଲା।

ସେହିପରି ଗତ ଫେବୃୟାରୀ ମାସରେ ଅନୁଷ୍ଠିତ ଚାମ୍ପିଅନ୍ସ ଲିଗ୍ ମ୍ୟାଚ୍‌ରେ ବେନଫିକା ପକ୍ଷରୁ ଖେଳୁଥିବା ଆର୍ଜେଣ୍ଟିନା ଖେଳାଳି ଗିଆନଲୁକା ପ୍ରେଷ୍ଟିଆନି ମୁହଁରେ ଜର୍ସି ଘୋଡ଼ାଇ ରିୟଲ ମାଡ୍ରିଦ ଫରୱାର୍ଡ୍ ବ୍ରାଜିଲର ଭିନିସିୟସ ଜୁନିୟରଙ୍କୁ କିଛି କହିଥିଲେ। ତାଙ୍କ ବିପକ୍ଷରେ ଜାତିଗତ ଆକ୍ଷେପ କରିଥିବା ଭିନିସିୟସ ଜୁନିୟର ଅଭିଯୋଗ କରିଥିଲେ। ପ୍ରେଷ୍ଟିଆନିଙ୍କୁ ସଙ୍ଗେ ସଙ୍ଗେ ଗୋଟିଏ ମ୍ୟାଚ୍‌ରୁ ନିଲମ୍ବିତ କରାଯାଇଥିଲା। ପରେ ୟୁଇଏଫଏ ଏହି ଘଟଣାର ତଦନ୍ତ କରିବା ପରେ ପ୍ରେଷ୍ଟିଆନି ଦୋଷୀ ସାବ୍ୟସ୍ତ ହୋଇଥିଲେ। ଫଳ ସ୍ୱରୂପ ତାଙ୍କୁ ମୋଟ୍ ୬ଟି ମ୍ୟାଚ୍‌ରୁ ବାସନ୍ଦ କରାଯାଇଥିଲା।

# ୩୯ ବର୍ଷରେ ପଦାର୍ପଣ କଲେ ହିଟ୍‌ମ୍ୟାନ୍

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ବିଶ୍ୱ କ୍ରିକେଟରେ 'ହିଟମ୍ୟାନ' ଭାବରେ ଜଣାଶୁଣା ରୋହିତ ଶର୍ମା ୩୯ ବର୍ଷରେ ପାଦ ଥାପିଛନ୍ତି। ୧୯୮୭ ମସିହାରେ ଜନ୍ମଗ୍ରହଣ କରିଥିବା ରୋହିତ ଶର୍ମାଙ୍କୁ ଦେଶ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରୁ ଜନ୍ମଦିନର ଶୁଭେଚ୍ଛା ଛୁଟିଛି। ପ୍ରଶଂସକମାନେ ତାଙ୍କ କ୍ରିକେଟ କ୍ୟାରିଅର ଏବଂ ଅବଦାନକୁ ପ୍ରଶଂସା କରୁଛନ୍ତି। ଡାହାଣହାତୀ ବ୍ୟାଟର ଅନ୍ତର୍ଜାତୀୟ କ୍ରିକେଟରେ ଏପରି ରେକର୍ଡ ସ୍ଥାପନ କରିଛନ୍ତି ଯାହାକୁ କୌଣସି ଖେଳାଳି ଭାଙ୍ଗିବା ପ୍ରାୟତଃ ଅସମ୍ଭବ। ଏମିତିରେ ରୋହିତଙ୍କୁ ହିଟମ୍ୟାନ୍ ଟ୍ୟାଗ୍ ମିଳିନାହିଁ। ଚାମ୍ପିଅନ୍ସ ଟ୍ରଫି, ଟି-ଟ୍ୱେଣ୍ଟି ବିଶ୍ୱକପ ଅଧିନାୟକ ରୋହିତ ଶର୍ମା ଦିନିକିଆରେ ମୋଟ ୧୧୫୭୭ ରନ୍ କରିଛନ୍ତି। ଟେଷ୍ଟରେ ତାଙ୍କ ଖାତରେ ୪୩୦୧ ରନ୍ ରହିଛି। ଟି-ଟ୍ୱେଣ୍ଟିରେ ୪୨୩୧ ରନ୍। କ୍ୟାରିୟରରେ ମୋଟ୍ ୫୦ ଥର ଶତକ ମାରିଛନ୍ତି ଯେଉଁଥିରେ ୩ଟି ଦିନିକିଆ ଡବଲ ସେଞ୍ଚୁରୀ ରହିଛି। କ୍ୟାରିୟରରେ ମୋଟ ୨୦୧୦୯ ରନ୍ କରିଛନ୍ତି। ଟେଷ୍ଟ ଏବଂ ଟି-ଟ୍ୱେଣ୍ଟିରୁ ଅବସର ନେଇଥିବା ରୋହିତ ବର୍ତ୍ତମାନ କେବଳ ଦିନିକିଆ ଖେଳୁଛନ୍ତି। ୨୦୨୭ ବିଶ୍ୱକପ ଜିତିବା ତାଙ୍କର ସ୍ୱପ୍ନ। ବର୍ତ୍ତମାନ ଆଇପିଏଲ ଖେଳୁଛନ୍ତି ହିଟମ୍ୟାନ୍। ତାଙ୍କ ନେତୃତ୍ୱରେ ମୁମ୍ବାଇ ୫ ଥର ଆଇପିଏଲ ଟ୍ରଫି ଜିତିଛି।



# ୬ ମ୍ୟାଚ୍ ହାରିବା ସତ୍ତ୍ୱେ ପ୍ଲେଅଫ୍‌ରେ ହୋଇପାରେ ମୁମ୍ବାଇର ପ୍ରବେଶ

**ନୂଆଦିଲ୍ଲୀ**

ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୨୪୩ ରନ କରିବା ପରେ ବି ୬ ଉଇକେଟରେ ପରାଜିତ ହେଲା ମୁମ୍ବାଇ ଇଣ୍ଡିଆନ୍ସ। ଚଳିତ ସିଜନରେ ୮ଟି ମ୍ୟାଚ୍‌ରୁ ମୁମ୍ବାଇର ଷଷ୍ଠ ପରାଜୟ ହୋଇଛି। ଏହି ପରାଜୟ ସହିତ ମୁମ୍ବାଇ ପଏଣ୍ଟ ଟେବୁଲରେ ୯ମ ସ୍ଥାନରେ ପହଞ୍ଚିଛି। ଏମିତିରେ ପ୍ରଶ୍ନ ହେଉଛି ଯେ ପାଞ୍ଚଥରର ଚାମ୍ପିଅନ ମୁମ୍ବାଇ କ'ଣ ଚଳିତ ବର୍ଷ ପ୍ଲେଅଫରେ ପହଞ୍ଚିପାରିବ ନା ନାହିଁ? କ'ଣ ମୁମ୍ବାଇର ଆଇପିଏଲ୍ ୨୦୨୬ରେ ଯାତ୍ରା ଶେଷ ହୋଇଯାଇଛି ଏହି ସବୁ ପ୍ରଶ୍ନର ଉତ୍ତର ହେଉଛି 'ନା'। କାରଣ ମୁମ୍ବାଇ ଇଣ୍ଡିଆନ୍ସ ନିକଟରେ ଏବେ ବି ପ୍ଲେଅଫ ଖେଳିବାର ସୁଯୋଗ ଅଛି।

ମୁମ୍ବାଇ ଇଣ୍ଡିଆନ୍ସର ପ୍ରଦର୍ଶନ ଚଳିତ ସିଜନରେ ବହୁତ ଖରାପ ରହିଛି। ଏହି ଟିମ୍ କ୍ରମାଗତ ୪ଟି ମ୍ୟାଚ୍ ନିଜ ଘରୋଇ ଗ୍ରାଉଣ୍ଡ ୱାଙ୍ଖେଡେରେ ହାରିସାରିଛି। କିନ୍ତୁ ବିଶ୍ୱାସ କରନ୍ତୁ, ଏହି ଟିମ୍ ପାଖରେ ଏବେ ବି ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ଅଛି। ଯଦି ମୁମ୍ବାଇ ଇଣ୍ଡିଆନ୍ସକୁ ପ୍ଲେଅଫରେ ସ୍ଥାନ ପକ୍କା କରିବାର ଅଛି, ତେବେ ତାକୁ ଏବେ ଅବଶିଷ୍ଟ ସମସ୍ତ ୬ଟି ମ୍ୟାଚ୍ ଜିତିବାକୁ ପଡ଼ିବ। ସମସ୍ତ ୬ଟି ମ୍ୟାଚ୍ ଜିତିଲେ ତା'ର ପଏଣ୍ଟ ୧୬ ହୋଇଯିବ, ଏବଂ ତା' ପାଖରେ ପ୍ଲେଅଫ୍‌ରେ ପହଞ୍ଚିବାର ପୂରା ସୁଯୋଗ ରହିବ। ଯଦି ଟିମ୍ ଏବେ ଗୋଟିଏ ବି ମ୍ୟାଚ୍ ହାରେ, ତେବେ ଏହି ଟିମ୍‌ର ମାତ୍ର ୧୪ ପଏଣ୍ଟ ହେବ ଏବଂ ତା'ପରେ ପ୍ଲେଅଫରେ ପହଞ୍ଚିବା ପାଇଁ ଅନ୍ୟ ଟିମ୍‌ର ଫଳାଫଳ ଉପରେ ନିର୍ଭର କରିବାକୁ ପଡ଼ିବ। ଏଣୁ ସବୁଠାରୁ ସହଜ ରାସ୍ତା ହେଉଛି, ଏହି ଟିମ୍ ବାକି ସମସ୍ତ ୬ଟି ମ୍ୟାଚ୍ ଜିତୁ।

ମୁମ୍ବାଇ ଇଣ୍ଡିଆନ୍ସକୁ ଆଗାମୀ ୬ଟି ମ୍ୟାଚ୍ ମଧ୍ୟରୁ ତିନୋଟି ମ୍ୟାଚ୍ ଆରସିବି, ପଞ୍ଜାବ କିଙ୍ଗସ ଏବଂ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିବ। ମୁମ୍ବାଇ ଇଣ୍ଡିଆନ୍ସକୁ ଏହା ବ୍ୟତୀତ ଚେନ୍ନାଇ ସୁପରକିଙ୍ଗସ, ଲକ୍ଷ୍ନୌ ଏବଂ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ମ୍ୟାଚ୍ ଖେଳିବାକୁ ହେବ। ଏହି ଟିମ୍‌ଗୁଡିକ ବିପକ୍ଷରେ ମୁମ୍ବାଇ ପାଖରେ ଜିତିବାର ସୁଯୋଗ ଅଛି। ବର୍ତ୍ତମାନ ମୁମ୍ବାଇକୁ ପ୍ରତି ମ୍ୟାଚକୁ ନକ୍‌ଆଉଟ ଭଳି ଖେଳିବାକୁ ହେବ। ଏହି ଟିମ୍‌ର ଆଗାମୀ ମୁକାବିଲା ୨ ମଇରେ ଚେନ୍ନାଇ ସୁପରକିଙ୍ଗ୍‌ସ ସହିତ ଅଛି ଏବଂ ଏହିଠାରୁ ମୁମ୍ବାଇକୁ ନୂଆ ଆରମ୍ଭ କରିବାକୁ ହେବ।

ମୁମ୍ବାଇ ଇଣ୍ଡିଆନ୍ସର ଏତେ ଖରାପ ପ୍ରଦର୍ଶନ ପରେ ଏବେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ ପଦରୁ ହଟାଇବା ପାଇଁ ଦାବି ହେଉଛି। ହାର୍ଦ୍ଦିକ ବର୍ଷ ୨୦୨୪ରେ ଟିମ୍‌ର ଅଧିନାୟକ ହୋଇଥିଲେ। ଗତ ଦୁଇ ସିଜନରେ ଟିମ୍‌ର ଅବସ୍ଥା ଖରାପ ଥିଲା। ଏଥର ମଧ୍ୟ ସେମିତି ହେଉଛି। ନ୍ୟୁଜିଲାଣ୍ଡର ପୂର୍ବତନ ଦ୍ରୁତ ବୋଲର ଏବଂ ଆଇପିଏଲରେ କମେଣ୍ଟ୍ରି କରୁଥିବା ସାଇମନ ଡୁଲଙ୍କ ମତରେ, ହାର୍ଦ୍ଦିକ ଏକୁଟିଆ ମୁମ୍ବାଇର ଏହି ଅବସ୍ଥା ପାଇଁ ଦାୟୀ ନୁହନ୍ତି। ସେ କହିଛନ୍ତି ଯେ, 'ମୁଁ ଭାବୁଛି ଏଠାରେ ସମସ୍ତଙ୍କର ଭୁଲ ଅଛି। ପ୍ରଥମେ ଟିମ୍ ମ୍ୟାନେଜମେଣ୍ଟର ଦାୟିତ୍ୱ ଥାଏ, କାରଣ ସେମାନେ ହିଁ ରୋହିତ ଶର୍ମାଙ୍କ ସ୍ଥାନରେ ପାଣ୍ଡ୍ୟାଙ୍କୁ ଅଧିନାୟକ କଲେ। ଅକ୍ସନରେ ଏହି ଟିମ ଭଲ କରିଥିଲା, ଏହି ଟିମ୍ ପେପର ଉପରେ ଭଲ ଦେଖାଯାଉଛି। କିନ୍ତୁ ଗୋଟିଏ ବର୍ଷ ଖରାପ ହେବା ଚଳିବ, ଦ୍ୱିତୀୟ ବର୍ଷ ଏହା ଚିନ୍ତାର ବିଷୟ ହୋଇଥାଏ, କିନ୍ତୁ ତୃତୀୟ ଥର ଏହା ବହୁତ ଖରାପ।'

# ଦୁଇ ଦଶନ୍ଧି ପୂର୍ଣ୍ଣ କଲା ବ୍ରହ୍ମପୁରର ଆର୍ଯ୍ୟଭଟ୍ଟ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁର ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ଆର୍ଯ୍ୟଭଟ୍ଟ ତା'ର ୨୦ ବର୍ଷ ପୂର୍ତ୍ତି କରିଛି। ଯେଉଁ ସଙ୍କଳ୍ପର ସହ ଆର୍ଯ୍ୟଭଟ୍ଟର ଆରମ୍ଭ କରାଯାଇଥିଲା ତାହା ଅନେକାଂଶରେ ପୂର୍ଣ୍ଣ ହୋଇଛି। ୨୦୦୬ ମହା ବିଷୁବ ସଂକ୍ରାନ୍ତି ଦିନ ବ୍ରହ୍ମପୁରର କିଛି ଅଭିଭାବକ ବନ୍ଧୁଙ୍କ ଅନୁରୋଧକ୍ରମେ ଆର୍ଯ୍ୟଭଟ୍ଟର ପରିକଳ୍ପନା କରାଯାଇଥିଲା। ବ୍ରହ୍ମପୁରର ଛାତ୍ରଛାତ୍ରୀମାନେ ଉପଯୁକ୍ତ ପ୍ରଶିକ୍ଷଣ ଅଭାବରୁ ପ୍ରାୟତଃ ଆଇ.ଆଇ.ଟି ପାଉନଥିବା ବେଳେ ଅନିଷ୍ଠାନର ମୁଖ୍ୟ ସୁଧୀର ରାଉତ ଆନ୍ଧ୍ରପ୍ରଦେଶରେ ଏକ ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନରେ ଅଧକ୍ଷ ପଦ ଛାଡ଼ି ବ୍ରହ୍ମପୁରରେ ଆଇ.ଆଇ.ଟି ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ ପାଇଁ ଅଣ୍ଟା ଭିଡ଼ିଥିଲେ।

ବନ୍ଧୁମାନଙ୍କ ଅନୁରୋଧ ରକ୍ଷା କରି ଅନୁଷ୍ଠାନଟି ଖୋଲା ଯାଇ ୧ ମଇ ୨୦୦୬ ଦିନ ମୋ ନିଜ ସହ ସର୍ବଭାରତୀୟ ସ୍ତରର କିଛି ବଛା ବଛା ଶିକ୍ଷକଙ୍କୁ ନେଇ ପାଠ ପଢ଼ା ଆରମ୍ଭ କରାଗଲା। ଆରମ୍ଭରୁ କିଛି ସଙ୍କଳ୍ପ ନିଆଯାଇଥିଲା। ଅନୁଷ୍ଠାନଟି ସମାଜ ସେବା ଭିତ୍ତିକ ରହିବ ଓ ସମାଜ ଗଠନ ଓ ସାମାଜିକ ନ୍ୟାୟ ପାଇଁ ଉତ୍ସର୍ଗୀତ ରହିବ। ଅନୁଷ୍ଠାନଟି ପାଇଁ ଛାତ୍ରଛାତ୍ରୀଙ୍କ ହିତ ସର୍ବୋପରି ରହିବ। ଆର୍ଥିକ ଅନଗ୍ରସର ବର୍ଗର ପିଲାଙ୍କୁ ମାଗଣା ଶିକ୍ଷାଦାନ ସହ ଆବଶ୍ୟକସ୍ଥଳେ ଆର୍ଥିକ ସହାୟତା ଦିଆଯିବ। ପିଲାମାନଙ୍କ ପାଠପଢ଼ା ସହ ଚରିତ୍ର ଗଠନ ପ୍ରତି ଧ୍ୟାନ ଦିଆଯିବା ସହ ସାମାଜ ପ୍ରତି ଅଙ୍ଗୀକାର ବଦ୍ଧତା ପାଇଁ ପ୍ରେରିତ କରାଯିବ। ଅନୁଷ୍ଠାନଟିର ବ୍ୟବସାୟିକ ଉଦ୍ଦେଶ୍ୟ ରହିବ ନାହିଁ। ତେଣୁ ଏହାର ପ୍ରଚାର ଭିତ୍ତିକ ବିଜ୍ଞାପନ ଦିଆଯିବ ନାହିଁ କି ମାର୍କେଟିଂ କରାଯିବ ନାହିଁ। ଜିଲ୍ଲାର ଶିକ୍ଷା ଓ ସାମାଜିକ ବିକାଶ ଦିଗରେ ଅନୁଷ୍ଠାନ କାର୍ଯ୍ୟ କରିବ। ଅନୁଷ୍ଠାନର ପ୍ରଥମ ବର୍ଷରେ ହିଁ ୭ ଜଣ ଆଇ.ଆଇ.ଟି ପ୍ରବେଶିକାରେ ଓ ଆଉ ୨୨ ଜଣ ଏନ୍.ଆଇ.ଟି ପାଇଲେ। ପରବର୍ତ୍ତୀ ବର୍ଷମାନଙ୍କରେ ଲଗାତାର ଆଇ.ଆଇ.ଟି ଓ ଏନ୍.ଆଇ.ଟି, ଆଇ.ଆଇ.ଏସ୍.ଟି, ନାଇଜର, ଆଇଜର ଓ କେ.ଭି.ପି.ୱାଇ ପରୀକ୍ଷାରେ ଉତ୍କର୍ଷ ଫଳ ପ୍ରଦର୍ଶନ କରି ଆସିଥିଲେ। ଅଭିଭାବକଙ୍କ ଅନୁରୋଧ କ୍ରମେ ୨୦୧୨ରୁ ମେଡିକାଲ୍ ପ୍ରବେଶିକା ପ୍ରଶିକ୍ଷଣ ଆରମ୍ଭ କରାଗଲା। ୨୦୧୩ରୁ ହିଁ ଅନେକ ପିଲା ଏ.ଆଇ.ଆଇ.ଏମ୍.ଏସ୍, ଓ ରାଜ୍ୟ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ସଫଳତାର ସହ କୃତିତ୍ୱ ହାସଲ କରିଥିଲେ। ଅନେକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଆସିଛନ୍ତି। ଅଦ୍ୟାବଧି ଅନ୍ତତଃ ୧୦୦ ଜଣ ଆଇ.ଆଇ.ଟି, ୪୦୦ ରୁ ୪୫୦ ଜଣ ଏନ୍.ଆଇ.ଟି, ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏ.ଆଇ.ଆଇ.ଏମ୍.ଏସ୍, ଜିପ୍ ମର ଓ ରାଜ୍ୟ ମେଡିକାଲ କଲେଜରୁ ଡାକ୍ତର, ଆଇଜର, ନାଇଜର ଓ ଆଇ.ଆଇ.ଏସ୍.ଟିରୁ ଅନେକ ଛାତ୍ର ବୈଜ୍ଞାନିକ ହୋଇ ଦେଶ ତଥା ବିଶ୍ୱର ବିଭିନ୍ନ ପ୍ରାନ୍ତରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି। ଖୁସିର କଥା ବର୍ତ୍ତମାନ ସୁଦ୍ଧା ୨୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଭାରତ ବାହାରେ ବିଶ୍ୱର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ମାନଙ୍କରେ ଉଚ୍ଚଶିକ୍ଷା ଲାଭ କରି ଭାରତ ବାହାରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି। ସେଥିମଧ୍ୟରୁ ଅଭିପ୍ସା ପଣ୍ଡା, ଅଦ୍ୟାଶା ମହାରଣା, ସୁଜାତା ମହାପାତ୍ର, ପ୍ରତ୍ୟାଶା ପଟ୍ଟନାୟକ, ନୌଶିତା ଶର୍ମା ଅନ୍ୟତମ, ଶୁଭାଣୀ ଶୁଭ ଦର୍ଶୀନୀ ଅନ୍ୟତମ। ଏହା ସହ ଅନେକ ଛାତ୍ର ମଧ୍ୟ ଭାରତ ବାହାରେ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଯଥା ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସ, ଟେକ୍ସାସ ୟୁନିଭର୍ସିଟି, ଆରବିକ୍ ୟୁନିଭର୍ସିଟି, ୱାଶିଂଟନ ୟୁନିଭର୍ସିଟି, ତାଇୱାନ୍ ୟୁନିଭର୍ସିଟି ଇତ୍ୟାଦି ବିଶ୍ୱ ପ୍ରସିଦ୍ଧ ଅନୁଷ୍ଠାନମାନଙ୍କରେ ଉଚ୍ଚତର ଶିକ୍ଷା ଗ୍ରହଣ କରି ସେଠାରେ ଅବସ୍ଥାପିତ ରହି ରାଜ୍ୟ ତଥା ଦେଶର ଟେକ ରଖିବାରେ ସମର୍ଥ ହୋଇ ପାରିଛନ୍ତି। ସେଥିରୁ ବହୁ ଛାତ୍ରଛାତ୍ରୀ ଗ୍ରାମାଞ୍ଚଳରୁ ଓ କିଛି ଆର୍ଥିକ ଅନଗ୍ରସର ଶ୍ରେଣୀରୁ ଅଟନ୍ତି। ଆର୍ଯ୍ୟଭଟ୍ଟ ନେଇଥିବା ସଙ୍କଳ୍ପ ରକ୍ଷାକରିବା ପାଇଁ ଅନେକାଂଶରେ ସଫଳ ହୋଇ ପାରିଛି।

ଛାତ୍ରଛାତ୍ରୀମାନେ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନର ସ୍ୱେଚ୍ଛାସେବୀଙ୍କ ସହ ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମାନଙ୍କରେ ଯୋଗ ଦେଇଛନ୍ତି। ଅନେକ ଆର୍ଥିକ ଅନଗ୍ରସର ଛାତ୍ର ଛାତ୍ରୀମାନଙ୍କୁ ଦେୟ ମୁକ୍ତ ଶିକ୍ଷାସହ ଆବଶ୍ୟକ ସ୍ଥଳେ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଅଛି। ଅନୁଷ୍ଠାନର ଆର୍ଥିକ ସଙ୍କଟ ବେଳେ ମଧ୍ୟ ଏହି ସହାୟତା କାର୍ଯ୍ୟକ୍ରମ ଜାରି ରହିଛି। ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ନିର୍ଦ୍ଦେଶକ ସୁଧୀର ରାଉତ ଓ ଶୁଭେଚ୍ଛୁ ଇଂ. ଲଡ୍ଡୁ କିଶୋର ସାବତ ମଞ୍ଚାସୀନ ଥିଲେ।

# ଗୋଟିଏ ଓଭରରେ କ୍ରମାଗତ ୫ଟି ଚୌକା ମାରି ଇତିହାସ ରଚିଲେ ବିରାଟ

**ନୂଆଦିଲ୍ଲୀ**

ଗୁଜରାଟ ଟାଇଟାନ୍ସ ବିପକ୍ଷ ମ୍ୟାଚ୍‌ରେ ବିରାଟ କୋହଲି ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। କାଗିସୋ ରାବାଡାଙ୍କ ଦ୍ୱାରା ବୋଲ୍ଡ ହୋଇଥିବା ଗୋଟିଏ ଓଭରରେ ସେ ଲଗାତାର ପାଞ୍ଚଟି ଚୌକା ମାରିଥିଲେ, ଏହି ଓଭରରେ ମୋଟ ୨୧ ରନ କରିଥିଲେ। ପୂର୍ବରୁ ଅନେକ ବ୍ୟାଟସମ୍ୟାନ ଓଟଖ ମ୍ୟାଚରେ ଗୋଟିଏ ଓଭରରେ ପାଞ୍ଚ କିମ୍ବା ତା'ଠାରୁ ଅଧିକ ଚୌକା ମାରିବାର ସଫଳତା ପାଇଛନ୍ତି। ତଥାପି, ଆରସିବି ପାଇଁ କେବଳ ଦୁଇଜଣ ବ୍ୟାଟ୍‌ସମ୍ୟାନ ଏପରି କରିପାରିଛନ୍ତି।

ଆଇପିଏଲ ଇତିହାସରେ, ବିରାଟ କୋହଲି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ କେବଳ ତୃତୀୟ ବ୍ୟାଟ୍‌ସମ୍ୟାନ ଯିଏକି ଗୋଟିଏ ଓଭରରେ ପାଞ୍ଚ କିମ୍ବା ତା'ଠାରୁ ଅଧିକ ଚୌକା ମାରିଛନ୍ତି। ତାଙ୍କ ପୂର୍ବରୁ କେବଳ କ୍ରିସ ଗେଲ ଏବଂ ସେନ ୱାଟସନ ଏହି ସଫଳତା ପାଇଥିଲେ। ବିରାଟ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଇନିଂସର ଦ୍ୱିତୀୟ ଓଭରରେ ଏହି ସଫଳତା ପାଇଥିଲେ। କାଗିସୋ ରାବାଡାଙ୍କ ଦ୍ୱାରା ବୋଲ୍ଡ ହୋଇଥିବା ପ୍ରଥମ ପାଞ୍ଚଟି ବଲରେ ସେ ଲଗାତାର ପାଞ୍ଚଟି ଚୌକା ମାରିଥିଲେ। ବିରାଟ କୋହଲି କାଗିସୋ ରାବାଡାଙ୍କ ଗୋଟିଏ ଓଭରରେ ଲଗାତାର ପାଞ୍ଚଟି ଚୌକା ମାରିଥିବେ, କିନ୍ତୁ ଏହି ମହାରଥୀଙ୍କ ଯୁଦ୍ଧରେ ରାବାଡା ବିଜୟୀ ହୋଇଥିଲେ। ପରବର୍ତ୍ତୀ ଓଭରରେ, ତାଙ୍କ ହାତରେ ବିରାଟ କୋହଲିଙ୍କୁ କ୍ୟାଚ କରାଇଥିଲେ ରସିଦ ଖାନ। ବିରାଟ ୧୩ ବଲରୁ ୨୮ ରନ କରି ଆଉଟ ହୋଇଥିଲେ।



କିଙ୍ଗ କୋହଲିଙ୍କ ପାଖରେ ଅରେଞ୍ଜ କ୍ୟାପ ଜିତିବାର ଆଉ ଏକ ସୁଯୋଗ ଥିଲା। ତଥାପି, ଏହା ହାସଲ କରିବା ପାଇଁ ତାଙ୍କୁ ଏକ ଦୃଢ଼ ଅର୍ଦ୍ଧଶତକ ଆବଶ୍ୟକ ଥିଲା। ବିରାଟ ନଅଟି ମ୍ୟାଚରେ ୩୭୯ ରନ କରି ଅରେଞ୍ଜ କ୍ୟାପ ଦୌଡ଼ରେ ରହିଛନ୍ତି। ସେ ବର୍ତ୍ତମାନ ଓଟଖ ୨୦୨୬ରେ ସର୍ବାଧିକ ରନ ସ୍କୋରରଙ୍କ ତାଲିକାରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି, ଏବଂ ଅରେଞ୍ଜ କ୍ୟାପ ଅଭିଷେକ ଶର୍ମା (୪୨୫ ରନ)ଙ୍କ ପାଖରେ ଅଛି।

# ବନ୍ଦାଳ ଗ୍ରା.ପ.ରେ ୧୫ କୋଟିର ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟିତ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରେଇ ବ୍ଲକ୍ ଅନ୍ତର୍ଗତ ବନ୍ଦାଳ ଗ୍ରାମ ପଞ୍ଚାୟତରେ ୨ ଗୋଟି ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୩ ଗୋଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ କୋରେଇର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଆକାଶ ଦାସନାୟକ। ବିଧାୟକ ଶ୍ରୀ ଦାସନାୟକଙ୍କୁ କର୍ମୀମାନେ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ଗମ୍ଭାରିଆ ଠାରୁ ଦୁଲାଖାପାଟଣା ମେଲଣ ପଡିଆ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପ୍ରଥମେ ମାନ୍ୟବର ବିଧାୟକ ମକୁନ୍ଦପୁର ଠାରୁ ରେଲୱେ ଲାଇନ୍ ପର୍ଯ୍ୟନ୍ତ ବୈତରଣୀ ନଦୀ ଡାହାଣ ପାର୍ଶ୍ୱର୍ ନଦୀବନ୍ଧର ସୁଦୃଢ଼ୀକରଣ ନିମନ୍ତେ ଶିଳାନ୍ୟାସ କରିଥିଲେ। ଓଡ଼ିଶା ସରକାରଙ୍କର ଜଳସମ୍ପଦ ବିଭାଗ ଏହି ପ୍ରକଳ୍ପ ପାଇଁ ୬ କୋଟି ୪୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସେହିଠାରେ ମକୁନ୍ଦପୁର ଠାରୁ ଗମ୍ଭାରିଆ ଗ୍ରାମ୍ୟ ଉନ୍ନୟନ ରାସ୍ତାର ପ୍ରଶସ୍ତିକରଣ ଏବଂ ଉନ୍ନତିକରଣ ନିମନ୍ତେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ପ୍ରକଳ୍ପ ପାଇଁ ୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ତା'ପରେ ଦୁଲାଖାପାଟଣା ପି.ଏଚ୍.ସି.ର ନୂତନ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପର ଅଟକଳ ପରିମାଣ ୧ କୋଟି ୩ ଲକ୍ଷ ଟଙ୍କା। ସେହିଠାରେ ଦୁଲାଖାପାଟଣା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପର ଅଟକଳ ପରିମାଣ ୩୨ ଲକ୍ଷ ଟଙ୍କା। ତା'ପରେ ଦୁଲାଖାପାଟଣା ମେଲଣ ପଡ଼ିଆ ଠାରେ ବିଧାୟକଙ୍କ ହାତପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ମଞ୍ଚ ନିର୍ମାଣ କରାଯାଇଥିଲା। ସେହି ମଞ୍ଚକୁ ବିଧାୟକ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଗୁଡିକ ନିର୍ମାଣ ହେଉଥିବା ଜାଣି ବନ୍ଦାଳ ଗ୍ରାମପଞ୍ଚାୟତବାସୀ ବହୁତ ଖୁସି ପ୍ରକଟ କରିଛନ୍ତି। ବନ୍ଦାଳ ଗ୍ରାମ ପଞ୍ଚାୟତର ଗମନାଗମନ, ସ୍ୱାସ୍ଥ୍ୟ, ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଏକ ନୂତନ ଫର୍ଦ୍ଦ ଯୋଡ଼ି ହୋଇ ପ୍ରଗତିର ନୂଆ ଅଧ୍ୟାୟ ଦେଖିଲା କୋରେଇ। ଆଗାମୀ ଦିନରେ ବନ୍ଦାଳ ଗ୍ରାମପଞ୍ଚାୟତରେ ଏକ କଲ୍ୟାଣ ମଣ୍ଡପ ଏବଂ ମା' ହିଙ୍ଗୁଳା ଷ୍ଟାଡିୟମର ଉନ୍ନତିକରଣ ନିମନ୍ତେ ଅର୍ଥ ମଞ୍ଜୁର କରାଯାଇଛି। ଖୁବ୍ ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ ବୋଲି ଶ୍ରୀ ଦାସନାୟକ କହିଥିଲେ। ବନ୍ଦାଳ ଗ୍ରାମପଞ୍ଚାୟତର ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ବନ୍ୟା ନିୟନ୍ତ୍ରଣ, କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ ପ୍ରକାର ପ୍ରକଳ୍ପ ନିର୍ମାଣ କରି ବନ୍ଦାଳ ଗ୍ରାମପଞ୍ଚାୟତକୁ ଏକ ସୁନ୍ଦର ପଞ୍ଚାୟତରେ ଗଢ଼ି ତୋଳିବା ପାଇଁ ପ୍ରତିଶୃତି ଦେଇଥିଲେ ବିଧାୟକ ଶ୍ରୀ ଦାସନାୟକ। ସେହି ପରିପ୍ରେକ୍ଷୀରେ କହିଥିଲେ ଯାଜପୁର ଜିଲ୍ଲା ବନ୍ଦାଳ ଠାରୁ ଭଦ୍ରକ ଜିଲ୍ଲା ବନ୍ଦାଳକୁ ଅସଂପୂର୍ଣ୍ଣ ଥିବା ବ୍ରିଜଟି ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ। ଏହି ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ ଉତ୍ସବରେ ଜଳସଂପଦ ବିଭାଗର ଉଚ୍ଚପଦାଧିକାରୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ପଦାଧିକାରୀ, ସ୍ୱାସ୍ଥ୍ୟ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ବନ୍ଦାଳ ଗ୍ରାମପଞ୍ଚାୟତ ସରପଞ୍ଚ ବିଷ୍ଣୁ ଚରଣ ରଥ, ନାଏବ ସରପଞ୍ଚ ମନୋରମା ସାହୁ, ବନ୍ଦାଳ ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ମହାରଣା, ବନ୍ଦାଳ ଗ୍ରାମପଞ୍ଚାୟତର ଶିକ୍ଷାବିତ୍ ବିଜୟ କୁମାର ପଣ୍ଡା, ବନ୍ଦାଳ ପଞ୍ଚାୟତ ବିଜେପି ସଭାପତି ବଳରାମ ରଥ, ବନ୍ଦାଳ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ସୁଶାନ୍ତ କୁମାର ସାହୁ, ଜଗବନ୍ଧୁ ଜେନା, ଅଲେଖ କୁମାର କୁଣ୍ଡୁ, ଗୟାଧର ସେଠୀ, ନିରାକାର ସାହୁ, ହିମାଂଶୁ ପାଢୀ, ବୀରକିଶୋର ଦାସ, ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ କୁମାର ଧଳ, ବୈତରଣୀ ମଣ୍ଡଳ ସଭାପତି ଆଲୋକ କୁମାର ମଲ୍ଲିକ, ତୁଳତୀ ପୂର୍ବତନ ସରପଞ୍ଚ ଦୀପ୍ତିମୟୀ କୁଅଁର, ବରୁଣ୍ଡେଇ ସରପଞ୍ଚ ଲିପ୍ସା ପରିଡ଼ା, କନ୍ତୋର ପୂର୍ବତନ ସମିତି ସଭ୍ୟ ଅଶୋକ କୁମାର ବାରିକ, ବିଧାୟକ ପ୍ରତିନିଧି ଧନେଶ୍ୱର ବାରିକ, ଉଦୟ ପରିଡା, ମହେନ୍ଦ୍ର ସେନାପତି, ପ୍ରତାପ ସାହୁ, ପ୍ରଫୁଲ୍ଲ ମାଝୀ, ଲକ୍ଷ୍ମୀଧର କରଣ, ଅଭୟ ଜେନା, ପ୍ରତାପ ସାହୁ, ବନ୍ଦାଳ ଗ୍ରାମପଞ୍ଚାୟତ ମହାସଂଘ ସଭାପତି ଗୀତାଞ୍ଜଳୀ ବିଶ୍ୱାଳ, ସଂଜୀବ ନାୟକ, ବିଦ୍ୟାଧର ସାହୁ, ମୂଳାପାଳ ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ଅଶୋକ ନାୟକ, ଜଗନ୍ନାଥ ସାହୁ, ନେପାଳ ପୁରୀ, ଗଣେଶ କବି, ପ୍ରଫୁଲ୍ଲ ଦାସ, ଗଦାଧର ସେନାପତି ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ।





# ଗ୍ରୀଷ୍ମକାଳୀନ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅତିରିକ୍ତ କୋଚ୍ ସଂଯୋଗ ନିଷ୍ପତ୍ତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗ୍ରୀଷ୍ମ ଋତୁରେ ଯାତ୍ରୀଙ୍କ ଅତ୍ୟଧିକ ଚାହିଦାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଏବଂ ସମ୍ବଲପୁରରୁ ଛାଡୁଥିବା ଅନେକ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତି ନିଆଯାଇଛି।



ଭୁବନେଶ୍ୱର- କେଏସଆର ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୪୬୩) - : ଏହି ଟ୍ରେନରେ ୧ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ।

ବେଙ୍ଗାଲୁରୁ- ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୪୬୪) - : ଏଥିରେ ୨ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ଯୋଡ଼ାଯିବ।

ଭୁବନେଶ୍ୱର- ଆନନ୍ଦ ବିହାର ଟର୍ମିନାଲ ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୨୮୧୯) - : ଏହି ଟ୍ରେନରେ ୩ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ଆନନ୍ଦ ବିହାର ଟର୍ମିନାଲ -ଭୁବନେଶ୍ୱର ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୨୮୨୦) - : ଏଥିରେ ୫ ମଇରୁ ୨ ଜୁନ୍ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ଭୁବନେଶ୍ୱର- ତିରୁପତି ସୁପରଫାଷ୍ଟ ଏକ୍ସପ୍ରେସ (ଟ୍ରେନ୍ ନଂ. ୨୨୮୭୯): ୨ ମଇରୁ ୩୦ ମଇ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସହିତ ଚାଲିବ। ତିରୁପତି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ (ଟ୍ରେନ୍ ନଂ. ୨୨୮୮୦): ୩ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୩୦୧/ ୧୮୩୦୨): ୧ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏକ ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସହିତ ଚାଲିବ। ସମ୍ବଲପୁର- ଶାଳିମାର ମହିମା ଗୋସାଇଁ ଏକ୍ସପ୍ରେସ (ଟ୍ରେନ୍ ନଂ. ୨୦୮୩୨) - : ୩ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏଥିରେ ଏକ ଅତିରିକ୍ତ ସ୍ଲିପର କୋଚ୍ ସଂଯୋଗ କରାଯିବ। ଶାଳିମାର-ସମ୍ବଲପୁର (ଟ୍ରେନ୍ ନଂ. ୨୦୮୩୧): ୪ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ଏକ ଅତିରିକ୍ତ ସ୍ଲିପର କୋଚ୍ ସହିତ ଚାଲିବ। ଭୁବନେଶ୍ୱର-ପୁରୁଣାକଟକ ଇଂଟରସିଟି ସୁପରଫାଷ୍ଟ ଏକ୍ସପ୍ରେସ (ଟ୍ରେନ୍ ନଂ. ୧୨୮୯୩): ୧ ମଇରୁ ୩୧ ମଇ ପର୍ଯ୍ୟନ୍ତ ଦୁଇଟି ଅତିରିକ୍ତ ସାଧାରଣ ଶ୍ରେଣୀ କୋଚ୍ ସଂଯୋଗ କରାଯିବ। ସେହିପରି ପୁରୁଣାକଟକ-ଭୁବନେଶ୍ୱର (ଟ୍ରେନ୍ ନଂ. ୧୨୮୯୪) ରେ ୨ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ଦୁଇଟି ଅତିରିକ୍ତ ସାଧାରଣ ଶ୍ରେଣୀ କୋଚ୍ ସହିତ ଚଳାଚଳ କରିବ। ଭୁବନେଶ୍ୱର- ଜଗଦଳପୁର ହୀରାଖଣ୍ଡ ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୪୪୭) - : ୧ ମଇରୁ ୧୨ ମଇ ଏବଂ ୧୪ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏକ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ସେହିପରି ଜଗଦଳପୁର-ଭୁବନେଶ୍ୱର (ଟ୍ରେନ୍ ନଂ. ୧୮୪୪୮) ରେ ୨ ମଇରୁ ୧୩ ମଇ ଏବଂ ୧୫ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ପୁରୀ-ଗୁଣୁପୁର ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୪୧୭): ୧ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏକ ଅତିରିକ୍ତ ଦ୍ୱିତୀୟ ଶ୍ରେଣୀ ଏସି-ଚେୟାର କାର୍ ସଂଯୋଗ କରାଯିବ। ସେହିପରି ଗୁଣୁପୁର-ପୁରୀ ଏକ୍ସପ୍ରେସ (ଟ୍ରେନ୍ ନଂ. ୧୮୪୧୮) ୨ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ଅତିରିକ୍ତ ଏସି-ଚେୟାର କାର୍ ସହିତ ଚଳାଚଳ କରିବ। ଏହି ଅସ୍ଥାୟୀ କୋଚ୍ ସଂଯୋଗ ଦ୍ୱାରା ଟ୍ରେନର ଯାତ୍ରୀ ଧାରଣ କ୍ଷମତା ବୃଦ୍ଧି ପାଇବ ଏବଂ ଗ୍ରୀଷ୍ମକାଳୀନ ଭ୍ରମଣ ସମୟରେ ଅପେକ୍ଷାରତ ଯାତ୍ରୀଙ୍କ ଟିକେଟ୍ କନଫର୍ମ ହେବାର ସୁଯୋଗ ବୃଦ୍ଧି ପାଇବ।

# ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ବାର୍ଷିକୋତ୍ସବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବୁଧବାର ଦିନ ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ସଂସ୍କୃତବିଭାଗର ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ବିଭାଗର ମୁଖ୍ୟ ଡ଼ଃ ବ୍ରଜ ସୁନ୍ଦର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଡ଼ଃ ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଏବଂ ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଏବଂ ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଶ୍ରୀଯୁକ୍ତ ଦାଶରଥି ଶତପଥୀ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ପ୍ରଫେସର ମିଶ୍ର ସଂସ୍କୃତ ଭାଷା ସାହିତ୍ୟର ଗୁଣାତ୍ମକ ଉତ୍କର୍ଷ ତଥା ସଂସ୍କୃତ ଛାତ୍ରଛାତ୍ରୀମାନଙ୍କର ସମ୍ଭାବନାମୟ ଭବିଷ୍ୟତ ବିଷୟରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଶ୍ରୀଯୁକ୍ତ ଶତପଥୀ ଉତ୍ତମ ଚରିତ୍ର ନିର୍ମାଣରେ ସଂସ୍କୃତର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ବର୍ତ୍ତମାନ ସମାଜରେ ବୃତ୍ତିଧାରୀ ଲୋକମାନଙ୍କ ଅପେକ୍ଷା ଭଲ ଲୋକମାନଙ୍କର ଅଧିକ ଆବଶ୍ୟକତା ଅଛି ବୋଲି ମତ ବ୍ୟକ୍ତ କରି ଶ୍ରୀ ଶତପଥୀ ସେ ଦିଗରେ ଯତ୍ନଶୀଳ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ପାଠଚକ୍ରର ଉପଦେଷ୍ଟା ଡ଼ଃ ଧର୍ମେନ୍ଦ୍ର ଦାସ ବାର୍ଷିକ ବିବରଣୀ ପାଠ କରିବା ସହ ଉତ୍ସବର ସଂଯୋଜନା କରିଥିଲେ । ବିଭିନ୍ନ ବିଷୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ଏବଂ ସର୍ବୋତ୍ତମ ଉତ୍କର୍ଷ ହେତୁ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ଲିଜା ମହାଁ ସୃଜନଶ୍ରୀ ଉପାଧି ଲାଭ କରିଥିଲେ । ପରିଶେଷରେ ପାଠଚକ୍ର ସମ୍ପାଦକ ପ୍ରେମପ୍ରକାଶ କୌର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ ତଥା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




# ଆର୍ସେଲ ମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆର ଅତ୍ୟାଧୁନିକ ଅଟୋମୋଟିଭ୍ ଇସ୍ପାତ ଉତ୍ପାଦନ ଲାଇନ୍ ଜାପାନ ରାଷ୍ଟ୍ରଦୂତଙ୍କ ଦ୍ୱାରା ଉଦ୍‌ଘାଟିତ

**ହାଜିରା/ନୂଆଦିଲ୍ଲୀ :**

ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ୍ ଇଣ୍ଡିଆ) ପକ୍ଷରୁ ଗୁରୁବାର ଗୁଜରାଟର ହାଜିରାଠାରେ ଅବସ୍ଥିତ ଏହାର ପ୍ରମୁଖ କାରଖାନାରେ ଭାରତରେ ଜାପାନର ରାଷ୍ଟ୍ରଦୂତ ମହାମହିମ ଶ୍ରୀ କେଇଚି ଓନୋଙ୍କ ଦ୍ୱାରା ଏକ ଆଧୁନିକ ପିକଲିଂ ଲାଇନ୍ ଏବଂ ଟାଣ୍ଡେମ୍ କୋଲ୍ଡ ମିଲ୍ (ପିଏଲଟିସିଏମ୍) ଉଦଘାଟିତ ହୋଇଯାଇଛି। ବାର୍ଷିକ ୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ଅତ୍ୟାଧୁନିକ ପିଏଲଟିସିଏମର ଉଦଘାଟନ ଦ୍ୱାରା ଏଏମ୍/ଏନଏସ୍ ଇଣ୍ଡିଆର ଅଟୋମୋଟିଭ୍ ଉତ୍ପାଦନ କ୍ଷମତାରେ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ହେବ। ଖୁବ୍‌ଶୀଘ୍ର ଏହି ୟୁନିଟ୍ ଉଚ୍ଚ-ଗୁଣବତ୍ତା ବିଶିଷ୍ଟ କୋଲ୍ଡ-ରୋଲଡ ବେସ୍ ଷ୍ଟିଲ୍ ଉତ୍ପାଦନ ଆରମ୍ଭ କରିବ, ଯାହାଦ୍ୱାରା ବିଶ୍ୱସ୍ତରୀୟ, ଏଭଳି କ୍ଷେତ୍ରରେ ପ୍ରଥମ ପ୍ରକାରର ତଥା ପେଟେଣ୍ଟପ୍ରାପ୍ତ ଷ୍ଟିଲ୍ ସମାଧାନର ନିର୍ମାଣ ସମ୍ଭବ ହୋଇପାରିବ। ଏହି ସମାଧାନ ଏହାର ମୂଳ କମ୍ପାନୀ ଆର୍ସେଲରମିତ୍ତଲ ଏବଂ ନିପ୍ପନ୍ ଷ୍ଟିଲର ଉନ୍ନତ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ। ଏହି ନୂତନ ଲାଇନ ଅଟୋମୋଟିଭ୍ ଶିଳ୍ପର ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ପାଇଁ ଭାରତକୁ ଆଧୁନିକ ଉଚ୍ଚ ଶକ୍ତି ସମ୍ପନ୍ନ ଇସ୍ପାତ (ଏଏଚଏସ୍‌ଏସ୍) ଉତ୍ପାଦନରେ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଭାରତର ସବୁଠାରୁ ଆଧୁନିକ ଉତ୍ପାଦନ ଲାଇନଗୁଡ଼ିକ ମଧ୍ୟରୁ ଅନ୍ୟତମ, ଏହି ୟୁନିଟ୍ ନିଜ ମୂଳ କମ୍ପାନୀଗୁଡ଼ିକର ଉନ୍ନତ ବୈଷୟିକ କୌଶଳ ପ୍ରୟୋଗ କରି ଅତ୍ୟାଧୁନିକ ପ୍ରକ୍ରିୟାଗତ ପ୍ରଯୁକ୍ତିବିଦ୍ୟା, ଉତ୍କୃଷ୍ଟ ଅଟୋମେସନ ଏବଂ ବିଶ୍ୱସ୍ତରୀୟ ଗୁଣବତ୍ତା ପ୍ରଣାଳୀରେ ସୁସଜ୍ଜିତ ଅଛି । ଆଧୁନିକ ଅଟୋମୋଟିଭ୍ ଇସ୍ପାତ ଉତ୍ପାଦନରେ ସହାୟତା ନିମନ୍ତେ ଉଚ୍ଚ ଶକ୍ତି ସମ୍ପନ୍ନ ଇସ୍ପାତ (ଏଏଚଏସ୍‌ଏସ୍), ଗାଲଭାନିଲ୍ଡ (ଜିଏ), ଗାଲଭାନାଇଜଡ୍ (ଜିଆଇ), ଏବଂ ପ୍ରେସ୍ ହାର୍ଡେନେଡ୍ ଷ୍ଟିଲ୍ (ପିଏଚଏସ) ଅନୁପ୍ରୟୋଗ ପାଇଁ ଏହି ୟୁନିଟ୍ ର ପରିକଳ୍ପନା କରାଯାଇଛି। ଏହି ୟୁନିଟ୍ ଦେଶର ଅନ୍ୟ ମିଲ୍ ତୁଳନାରେ ଉନ୍ନତ ସ୍ଥିତିରେ ରହିବା ସହିତ ସମସ୍ତ ଅଟୋମୋଟିଭ୍ କମ୍ପାନୀଗୁଡ଼ିକୁ ଏଣ୍ଡ-ଟୁ-ଏଣ୍ଡ ସମାଧାନ ଦେବାର କ୍ଷମତା ରଖିଛି। ଏହି ସମାଧାନଗୁଡ଼ିକ ବିଶ୍ୱସ୍ତରୀୟ ଦୀର୍ଘସ୍ଥାୟୀତ୍ୱ ମାନକକୁ ପୂରଣ କରିବା ସହିତ ଉନ୍ନତମାନର କାର୍ଯ୍ୟଦକ୍ଷତା ଏବଂ ପ୍ରଦର୍ଶନ ପାଇଁ ଯାନବାହାନକୁ ହାଲୁକା କରିବା ଏବଂ ଭାରତ ଏନସିଏପି (ବିଏନସିଏପି) ମାନକ ଅନୁରୂପ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବା ପାଇଁ ପରିକଳ୍ପନା କରାଯାଇଛି । ଏହି ଉତ୍ସର୍ଗୀକୃତ ଅଟୋମୋଟିଭ୍ ଲାଇନ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆର ଡାଉନଷ୍ଟ୍ରିମ୍ କ୍ଷମତାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିବା ସହିତ ବିଶ୍ୱସ୍ତରୀୟ ମାନଦଣ୍ଡ ସହ ସମନ୍ୱୟ ରକ୍ଷା କରି ୧୧୮୦ ଏମପିଏର ଦୃଢ଼ତା ସ୍ତର ସହିତ ଏଏଚଏସ୍‌ଏସ୍ ଉତ୍ପାଦନରେ ସହାୟତା କରିବ। ଏହି ଉଦଘାଟନ, ଅପଷ୍ଟ୍ରିମ୍, ଡାଉନଷ୍ଟ୍ରିମ୍ ଏବଂ ଅନ୍ୟ ସହାୟକ ୟୁନିଟକୁ ବିକଶିତ କରିବା ପାଇଁ ଏଏମ୍/ଏନଏସ୍ ଇଣ୍ଡିଆର ଗୁଜରାଟର ହାଜିରାଠାରେ ଅବସ୍ଥିତ ଏହାର ପ୍ରମୁଖ ପ୍ଲାଣ୍ଟରେ ୬୦,୦୦୦ କୋଟି ଟଙ୍କାର ସମ୍ପ୍ରସାରଣ ପ୍ରକଳ୍ପର ଏକ ଅଂଶ ।

ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ମହାମହିମ ଶ୍ରୀ କେଇଚି ଓନୋ କାରଖାନା ପରିଦର୍ଶନ କରି ଏହାର ପରିଚାଳନା କ୍ଷମତା ଏବଂ ଅଭିବୃଦ୍ଧି ବିଷୟରେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ। ଭାରତରେ ଜାପାନର ରାଷ୍ଟ୍ରଦୂତ ମହାମହିମ ଶ୍ରୀ କେଇଚି ଓନୋ କହିଛନ୍ତି ଯେ, " ମୁଁ ଏଏମ୍/ଏନଏସ୍ ଇଣ୍ଡିଆକୁ ହାଜିରା କାରଖାନାରେ ଏହାର ଅତ୍ୟାଧୁନିକ ଅଟୋମୋଟିଭ୍ ଷ୍ଟିଲ୍ ସିଟ୍ ଉତ୍ପାଦନ ଲାଇନର ଶୁଭାରମ୍ଭ ପାଇଁ ଅଭିନନ୍ଦନ ଜଣାଉଛି । ଭାରତରେ ଉଚ୍ଚମାନର ଇସ୍ପାତ ସାମଗ୍ରୀ ଉତ୍ପାଦନ ଆରମ୍ଭ କରିବାରେ ଜାପାନର ଆଧୁନିକ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। "ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ" ପ୍ରୟାସରେ ଜାପାନର ଯୋଗଦାନ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି । ଜାପାନ ଏବଂ ଭାରତର ସମ୍ପର୍କ ପରସ୍ପର ପରିପୂରକ, ଯେଉଁଠାରେ ଜାପାନର ପ୍ରଯୁକ୍ତିବିଦ୍ୟା ଓ ପୁଞ୍ଜି ଭାରତର ଉତ୍ପାଦନ କ୍ଷମତା ଏବଂ ବର୍ଦ୍ଧିତ ଚାହିଦା ସହ ମିଶି କାର୍ଯ୍ୟ କରିଥାଏ। ହାଜିରା ଇସ୍ପାତ କାରଖାନାର କାର୍ଯ୍ୟଦକ୍ଷତାକୁ ପ୍ରତ୍ୟକ୍ଷ ଭାବରେ ଦେଖିବା ପରେ, ମୁଁ ନିଶ୍ଚିତ ଯେ ଜାପାନ ଏବଂ ଭାରତ ମଧ୍ୟରେ ଶିଳ୍ପ ସହଯୋଗ ଏବଂ ବିକଶିତ ଭାରତର ଭବିଷ୍ୟତ ଉଜ୍ଜ୍ୱଳ।" ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ୍ ଇଣ୍ଡିଆ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦିଲୀପ ଉମେନ୍ କହିଛନ୍ତି ଯେ, "ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଆତ୍ମନିର୍ଭର ଭାରତ' ପଦକ୍ଷେପ ପ୍ରତି ଦୃଢ଼ ଭାବରେ ପ୍ରତିବଦ୍ଧ। ଆମର ବ୍ରାଣ୍ଡ ପ୍ରତିଶ୍ରୁତି - 'ସ୍ମାର୍ଟର୍ ଷ୍ଟିଲ୍ସ, ବ୍ରାଇଟର ଫିୟୁଚର୍ସ' ଦ୍ୱାରା ପ୍ରତିବଦ୍ଧ ଓ ପରିଚାଳିତ ହୋଇ ଆମେ ସର୍ବୋତ୍ତମ ଅଟୋମୋଟିଭ୍ ଷ୍ଟିଲ୍ ସମାଧାନ ପ୍ରଦାନ କରିବା ପାଇଁ ବିଶ୍ୱ ସ୍ତରରେ ସ୍ୱୀକୃତିପ୍ରାପ୍ତ ଅଗ୍ରଣୀ କମ୍ପାନୀ ଭାବେ ପରିଚିତ ଆମର ମୂଳ କମ୍ପାନୀ ଆର୍ସେଲରମିତ୍ତଲ ଏବଂ ନିପ୍ପନ୍ ଷ୍ଟିଲ୍ କମ୍ପାନୀର ଅତୁଳନୀୟ ପ୍ରଯୁକ୍ତିବିଦ୍ୟା ଏବଂ ବିଶେଷଜ୍ଞତାକୁ ବ୍ୟବହାର କରି ଅତ୍ୟାଧୁନିକ ଇସ୍ପାତ ନିର୍ମାଣ ୟୁନିଟ୍ ବିକଶିତ କରୁଛୁ । ପିକଲିଙ୍ଗ୍ ଲାଇନ ଏବଂ ଟାଣ୍ଡେମ୍ କୋଲ୍ଡ ମିଲ୍ (ପିଏଲଟିସିଏମ୍) ର ଉଦଘାଟନ ଏହି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ଯାହା ଘରୋଇ ସ୍ତରରେ ଉଚ୍ଚମାନର, ଉଚ୍ଚ ଶ୍ରେଣୀର ଅଟୋମୋଟିଭ୍ ଷ୍ଟିଲ୍ ଉତ୍ପାଦନ ପାଇଁ ଭିତ୍ତିଭୂମି ସୃଷ୍ଟି କରିବ। ଏହା ଆମଦାନୀ ଉପରେ ନିର୍ଭରଶୀଳତାକୁ କମ କରିବ, ଯୋଗାଣ ଶୃଙ୍ଖଳାର ସ୍ଥିରତାକୁ ବୃଦ୍ଧି କରିବ ଏବଂ ଅଟୋମୋଟିଭ୍ ଶିଳ୍ପକୁ ସୁରକ୍ଷିତ, ହାଲୁକା ଏବଂ ଅଧିକ ଦୀର୍ଘସ୍ଥାୟୀ ଗତିଶୀଳ ସମାଧାନ ଆଡ଼କୁ ଅଗ୍ରସର କରାଇବ। ଏହା ପରବର୍ତ୍ତୀ ପିଢ଼ିର ଯାନବାହନ ଏବଂ ବିଶ୍ୱ ଅଟୋମୋଟିଭ୍ ମାନଦଣ୍ଡର ଆବଶ୍ୟକତା ସହିତ ସମନ୍ୱୟ ରକ୍ଷା କରି ଏକ ପ୍ରତିଯୋଗିତାମୂଳକ ଉତ୍ପାଦନ ହବ୍ ଭାବେ ଭାରତର ସ୍ଥିତିକୁ ସୁଦୃଢ଼ କରିବ।" ଏହି ନୂତନ ୟୁନିଟ୍ ଭାରତରେ ଉଚ୍ଚ-ଗୁଣବତ୍ତା, ମୂଲ୍ୟବର୍ଦ୍ଧିତ ଅଟୋମୋଟିଭ୍ ଇସ୍ପାତର ବର୍ଦ୍ଧିତ ଚାହିଦା ପୂରଣ କରିବାରେ ସହାୟକ ହେବ। ବର୍ତ୍ତମାନ ଫ୍ଲାଟ୍ ଇସ୍ପାତର ଚାହିଦା ବାର୍ଷିକ ୭.୮ ନିୟୁତ ଟନ୍ (ଏମପିଟିଏ) ରହିଛି ଏବଂ ଏହା ବାର୍ଷିକ ୬-୭% ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଭାରତ ଦ୍ରୁତ ଗତିରେ ଏକ ବିଶ୍ୱ ଅଟୋମୋଟିଭ୍ ମହାଶକ୍ତି ଭାବରେ ଉଭା ହେଉଛି, ଯାହା ପୂର୍ବରୁ ବିଶ୍ୱର ତୃତୀୟ ସର୍ବବୃହତ ଅଟୋମୋଟିଭ୍ ଉତ୍ପାଦକ ରହିଛି ଓ ଦ୍ୱିତୀୟ ସ୍ଥାନ ଅଧିକାର କରିବା ଦିଗରେ ଆଗକୁ ବଢୁଛି । ଏଭଳି କ୍ଷେତ୍ରରେ ପ୍ରିମିୟମ୍ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ଯାନବାହନ ନିର୍ମାଣରେ ସହାୟତାସ୍ୱରୂପ ବିଶ୍ୱସ୍ତରୀୟ ଇସ୍ପାତର ଆବଶ୍ୟକତା ଆହୁରି ଅଧିକ ମହତ୍ୱପୂର୍ଣ୍ଣ ହୋଇଯାଇଛି। ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ୍ ଇଣ୍ଡିଆ) ବିଷୟରେ: ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ୍ ଇଣ୍ଡିଆ) ହେଉଛି ବିଶ୍ୱର ଦୁଇଟି ପ୍ରମୁଖ ଇସ୍ପାତ ଉତ୍ପାଦନ ସଂସ୍ଥା, ଆର୍ସେଲରମିତ୍ତଲ ଏବଂ ନିପ୍ପନ୍ ଷ୍ଟିଲ ମଧ୍ୟରେ ଏକ ମିଳିତ ଉଦ୍ୟୋଗ। ଭାରତରେ ଏକ ଅଗ୍ରଣୀ ସମନ୍ୱିତ ଫ୍ଲାଟ କାର୍ବନ ଇସ୍ପାତ ଉତ୍ପାଦକ, କମ୍ପାନୀର ଅତ୍ୟାଧୁନିକ ଡାଉନଷ୍ଟ୍ରିମ୍ ସୁବିଧା ସହିତ ବାର୍ଷିକ ୯ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ଅଛି। ମୂଲ୍ୟଯୁକ୍ତ ଇସ୍ପାତ ସମେତ ସମ୍ପୂର୍ଣ୍ଣ ବିବିଧ ଫ୍ଲାଟ ଇସ୍ପାତ ଉତ୍ପାଦ ଉତ୍ପାଦନ କରିବା ସହ ଏହାର ୨୦ ନିୟୁତ ଟନ୍ ପେଲେଟ୍ ଉତ୍ପାଦନ କ୍ଷମତା ରହିଛି । କମ୍ପାନୀ ଆନ୍ଧ୍ରପ୍ରଦେଶରେ ବାର୍ଷିକ ୮.୨ ନିୟୁତ ଟନ୍ ସମନ୍ୱିତ ଇସ୍ପାତ କାରଖାନା ମଧ୍ୟ ସ୍ଥାପନ କରୁଛି। ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ ଦେଶର ଏକମାତ୍ର ସମନ୍ୱିତ ଇସ୍ପାତ କମ୍ପାନୀ ଭାବେ ଇସ୍ପାତ ମନ୍ତ୍ରଣାଳୟରୁ ଗ୍ରୀନ୍ ଷ୍ଟିଲ୍ ପ୍ରମାଣପତ୍ର ହାସଲ କରିଛି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଧାନସଭାର ଦିନିକିଆ...

ଥିଲା। ଏହାପରେ ବାଚସ୍ପତିଙ୍କ ଅନୁମତିକ୍ରମେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧିବଦ୍ଧ ଭାବେ ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ ସମ୍ପର୍କରେ ଆଲୋଚନା କରାଯାଉ ବୋଲି ପ୍ରସ୍ତାବ ଆଗତ କରିଥିଲେ। ଏହି ସମୟରେ ବିରୋଧୀ କଂଗ୍ରେସ ଦଳର ବିଧାୟକମାନେ ଦୃଢ଼ ପ୍ରତିବାଦ ସହ ନାରାବାଜି କରି ଗୃହର ମଧ୍ୟ ଭାଗକୁ ଆସିଥିଲେ ଏବଂ କକ୍ଷତ୍ୟାଗ କରିଥିଲେ। କଂଗ୍ରେସ ବିଧାୟକଙ୍କ ସହିତ ଏହି ବିରୋଧରେ ସିପିଆଏମ୍ ବିଧାୟକ ମଧ୍ୟ ସାମିଲ୍ ରହିଥିଲେ।

ପରବର୍ତ୍ତୀ ସମୟରେ କଂଗ୍ରେସ ବିଧାୟକମାନେ ଗୃହକୁ ଫେରି ଆଲୋଚନାରେ ଭାଗ ନେଇଥିଲେ। ତେବେ ମୁଖ୍ୟ ବିରୋଧୀ ଦଳ ବିଜେଡ଼ି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଆଲୋଚନା ପ୍ରସ୍ତାବକୁ ସମର୍ଥନ କରିଥିଲେ ମଧ୍ୟ ବର୍ତ୍ତମାନ ସମୟରେ ଏହାର ଆଭିମୁଖ୍ୟ ନେଇ ପ୍ରଶ୍ନ ଉଠାଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ମହିଳାଙ୍କୁ ଅଧିକାର ଓ ସମ୍ମାନ ଦେବା କ୍ଷେତ୍ରରେ ବର୍ତ୍ତମାନ ସରକାର କେବଳ ଛଳନା କରୁଛନ୍ତି। ବାସ୍ତବରେ ସେମାନଙ୍କର କୌଣସି ଆନ୍ତରିକତା ନାହିଁ। ଲୋକସଭା ଏବଂ ବିଧାନସଭାରେ ମହିଳାଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଦେବା କ୍ଷେତ୍ରରେ ସରକାର କେବଳ ବଡ଼ ବଡ଼ କଥା କହି ପ୍ରତାରଣା କରୁଛନ୍ତି ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା। ସେମାନେ ଆହୁରି ମଧ୍ୟ ଅଭିଯୋଗ କରିଥିଲେ ଯେ, ୨୦୨୩ ମସିହାରେ ସଂସଦରେ ସର୍ବସମ୍ମତକ୍ରମେ ଦଳମତ ନିର୍ବିଶେଷରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇଥିଲା ବେଳେ ମାତ୍ର ୩୦ ମାସରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ପରେ ମଧ୍ୟ ଏ ନେଇ କାହିଁକି ଗେଜେଟ ନୋଟିଫିକେଶନ କରାଯାଇ ପାରିଲା ନାହିଁ ଏବଂ ବିଲ୍‌କୁ କାର୍ଯ୍ୟକାରୀ କରାଯାଇ ପାରିନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ।

ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରସ୍ତାବ ଉପରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଆଲୋଚନା ଆରମ୍ଭ କରି କହିଥିଲେ ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ଓ ନ୍ୟାୟ ଦେବା ପାଇଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସଶକ୍ତିକରଣ କରିବାର ଜରୁରୀ ଆବଶ୍ୟକତା ରହିଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ଅଭିଯାନ ଆରମ୍ଭ କରିଛନ୍ତି, ତାହାକୁ ସମର୍ଥନ ଜଣାଇବା ପାଇଁ ସେ ସବୁ ରାଜନୈତିକ ଦଳକୁ ନିବେଦନ କରିବା ସହ ଏ ସଂକ୍ରାନ୍ତ ଆଲୋଚନାରେ ଭାଗ ନେଇ ପ୍ରସ୍ତାବ ଓ ପରାମର୍ଶ ଦେବାକୁ ଆହ୍ୱାନ କରିଥିଲେ। ବିଧାନସଭାରେ ଏହି ପ୍ରସଙ୍ଗରେ ଆଲୋଚନାରୁ ଯେଉଁ ନିଷ୍କର୍ଷ ବାହାରିବ ତାହାକୁ ଏକ ପ୍ରସ୍ତାବ ଆକାରରେ କେନ୍ଦ୍ରସରକାରଙ୍କୁ ପଠାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ, ଆଜି ସମଗ୍ର ଦେଶରେ ଶିକ୍ଷା ଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ମହିଳାମାନଙ୍କୁ ସେମାନଙ୍କ ହକ୍ ଦେବା ପାଇଁ ଏବଂ ସାମାଜିକ, ଅର୍ଥନୈତିକ ଓ ରାଜନୈତିକସ୍ତରରେ ସଶକ୍ତ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏହାର ଫଳସ୍ୱରୂପ ଦେଶରେ ମହିଳାମାନେ ଆଜି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଅଟୋ ଡ୍ରାଇଭର ଠାରୁ ଆରମ୍ଭ କରି ଜେଟ୍ ବିମାନ ଓ ଫାଇଟର ପ୍ଲେନ ମଧ୍ୟ ଚଳାଇ ପାରୁଛନ୍ତି। ୪୩ ପ୍ରତିଶତ ମହିଳା ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧ୍ୟାପିକା ଚାକିରିରେ ଥିବା ବେଳେ ୫୭ରୁ ୬୦ ପ୍ରତିଶତ ମହିଳା ଶିକ୍ଷୟିତ୍ରୀ ଭାବେ ଆତ୍ମନିର୍ଭରଶୀଳ ହୋଇଛନ୍ତି ଏବଂ ବିକାଶ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ମହିଳାମାନଙ୍କୁ ନେଇ କେବଳ ଏସ୍‌ଏଚ୍‌ଜି ଗ୍ରୁପ କରି ଅର୍ଥ ଦେଇଦେଲେ ତାହାକୁ ସଶକ୍ତିକରଣ କୁହାଯାଏ ନାହିଁ। ମହିଳା ସଶକ୍ତିକରଣର ଅର୍ଥ କେବଳ ଅର୍ଥନୈତିକ ସ୍ତରରେ ଆତ୍ମନିର୍ଭରଶୀଳତା ନୁହେଁ। ବରଂ ସାମାଜିକ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସଶକ୍ତିକରଣ ହେବା ହିଁ ହେଉଛି ପ୍ରକୃତ ଅର୍ଥରେ ମହିଳା ସଶକ୍ତିକରଣ। ମହିଳାମାନଙ୍କୁ ପ୍ରକୃତରେ ସଶକ୍ତ କରିବାକୁ ହେଲେ ସବୁ କ୍ଷେତ୍ରରେ ସଶକ୍ତ କରାଯିବାର ଆବଶ୍ୟକତା ରହିଛି। ସେଥିପାଇଁ ପ୍ରଧାନମନ୍ତ୍ରୀ ନାରୀଶକ୍ତି ବନ୍ଦନ ଅଧିନିୟମ ଆଣିଥିଲେ ଯାହାକୁ ପାର୍ଲାମେଣ୍ଟରେ ବିରୋଧୀ ଦଳ ମୁଖ୍ୟତଃ କଂଗ୍ରେସ ବିରୋଧ କରିଥିଲା। ଏଥିପାଇଁ କଂଗ୍ରେସର ନକରାତ୍ମକ ଆଭିମୁଖ୍ୟ ଓ ବିରୋଧ ପାଇଁ ମୁଖ୍ୟମନ୍ତ୍ରୀ କଠୋର ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଓଡ଼ିଶା କ୍ଷେତ୍ରରେ ସୁଭଦ୍ରା ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ, ଯେଉଁଥିରେ ୧ କୋଟିରୁ ଅଧିକ ମହିଳା ଉପକୃତ ହୋଇଛନ୍ତି। ସେହିପରି ପୋଷଣ, ଆଶୀର୍ବାଦ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଆଦି ଅନେକ ଯୋଜନା କାର୍ଯ୍ୟକାରୀ କରି ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବାରେ ସରକାର ପଦକ୍ଷେପ ନେଇଛନ୍ତି। ବିରୋଧୀ ଦଳ କେବଳ ମହିଳା ସଂରକ୍ଷଣ କଥା କହି ଏହାକୁ ବିରୋଧ କରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ସେ କହିଥିଲେ ଓଡ଼ିଶାରେ ମହିଳା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମହିଳା ବାଚସ୍ପତି ସୁରମା ପାଢ଼ୀଙ୍କୁ ମହିଳାଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ, ଜାତୀୟସ୍ତରରେ ଇନ୍ଦିରା ଗାନ୍ଧୀଙ୍କ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୯ଥର କ୍ରମାଗତ ଭାବେ ବଜେଟ ଉପସ୍ଥାପନ କରି ରେକର୍ଡ଼ କରିଛନ୍ତି। ସେ ଦୃଷ୍ଟିରୁ ମହିଳାଙ୍କୁ ସର୍ବଦା ବିଜେପି ସରକାର ଗୁରୁତ୍ୱ ଦେବା ସହ ସମ୍ମାନ ଓ ନ୍ୟାୟ ପ୍ରଦାନରେ କୌଣସି ପ୍ରକାର ଅବହେଳା କରିନାହାନ୍ତି।

ଅନ୍ୟ ପକ୍ଷରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମହିଳାଙ୍କ ଅଧିକାର ଓ ସମ୍ମାନ ପ୍ରସଙ୍ଗରେ କେନ୍ଦ୍ର ବିଜେପି ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିଥିଲେ। ସେ କହିଥିଲେ ମହିଳାଙ୍କୁ ଅଧିକାର ପ୍ରଦାନ କରିବା କେବଳ ପ୍ରଚାରରେ ନୁହେଁ, କାର୍ଯ୍ୟରେ କରି ଦେଖାଇବା ଦରକାର। ଯାହା ଅତୀତରେ ତାଙ୍କ ସରକାର କରିଥିଲେ। ବିଜୁ ବାବୁଙ୍କ ସମୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା ଯାହାକୁ ତାଙ୍କ ସରକାର ୫୦ ପ୍ରତିଶତକୁ ବଢ଼ାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ବିଧାନସଭା ଓ ସଂସଦରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ନିମନ୍ତେ ତାଙ୍କ ସରକାର ଉଦ୍ୟମ କରିଥିଲେ ମଧ୍ୟ କେନ୍ଦ୍ର ସରକାର ଏହା ଉପରେ କୌଣସି କାର୍ଯ୍ୟକ୍ରମ ଗ୍ରହଣ କରିନଥିଲେ। ସେ କହିଥିଲେ ମୁଁ ଓଡ଼ିଶାବାସୀଙ୍କୁ ଭରସା ଦେଉଛି, ମୁଁ ଥିଲା ପର୍ଯ୍ୟନ୍ତ ଓଡ଼ିଶାକୁ ତା'ର ହକ୍‌ରୁ କେହି ବଞ୍ଚିତ କରିପାରିବେ ନାହିଁ। ଓଡ଼ିଶାର ବିଜେପି ବିଧାୟକମାନେ ମହିଳାମାନଙ୍କ ପାଇଁ କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ ବୋଲି ସେ କଟାକ୍ଷ କରିଥିଲେ।

ଏହି ପ୍ରସଙ୍ଗରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଜେପି ବିଧାୟକ ସନ୍ତୋଷ ଖଟୁଆ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଏବଂ ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଭାଗ ନେଇ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ଓ ଅଧିକାର ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ୍ୟ କଂଗ୍ରେସ ବିଧାୟକ ଡ.ସି.ଏସ୍ ରାଜନ ଏକ୍କା, ଅଶୋକ ଦାସ, ବିଜେଡ଼ିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଜେପି ବିଧାୟକ ବାବୁ ସିଂ, ଟଙ୍କଧର ତ୍ରିପାଠୀ, ବିଜେଡ଼ି ବିଧାୟକ ଡଃ ଅରୁଣ ସାହୁ, ଧ୍ରୁବ ସାହୁ, ଦୁଷ୍ମନ୍ତ ସ୍ୱାଇଁ, ଲକ୍ଷ୍ମଣ ମୁଣ୍ଡା, ବିଧାୟିକା ବର୍ଷା ସିଂ ବରିହା, ଉପାସନା ମହାପାତ୍ର, ସଞ୍ଜଳି ମୁର୍ମୁ, ବିଧାୟକ ବ୍ୟୋମକେଶ ରାୟ, ଦିବ୍ୟଶଙ୍କର ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଆଲୋଚନାରେ ଭାଗ ନେଇ ମହିଳାଙ୍କ ଅଧିକାର ଓ ସୁରକ୍ଷା ପ୍ରସଙ୍ଗରେ ମତ ଉପସ୍ଥାପନ କରିଥିଲେ।

ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉତ୍ତର ଦେଇଥିଲେ। ମହିଳାଙ୍କ ସମ୍ମାନ ଓ ଅଧିକାର ପ୍ରସଙ୍ଗରେ ବିରୋଧୀ ଦଳର ଭୂମିକା ଓ ଆଭିମୁଖ୍ୟକୁ ମୁଖ୍ୟମନ୍ତ୍ରୀ କଡ଼ା ଭାଷାରେ ସମାଲୋଚନା କରିଥିଲେ।

## ଭାରତୀୟ ନୌସେନାକୁ ମିଳିଲା...

ମହେନ୍ଦ୍ରଗିରି ହେଉଛି ଏକ ଗୁପ୍ତ ଗାଇଡେଡ୍ ମିସାଇଲ୍ ଫ୍ରିଗେଟ୍ (ପି-୧୭ଏ), ଯାହା ପ୍ରାୟ ୧୪୯ ମିଟର ଲମ୍ବା। ଏହାର ଓଜନ ପ୍ରାୟ ୬୬୦୦ ଓ ୬୭୦୦ ଟନ୍ ଏବଂ ଏହା ୨୮ ନଟସ୍‌ରୁ ଅଧିକ ବେଗରେ ଯାତ୍ରା କରିପାରିବ। ଏହା ଦୀର୍ଘ ଦୂରଗାମୀ କାର୍ଯ୍ୟ ପାଇଁ ସକ୍ଷମ ଏବଂ ପ୍ରାୟ ୧୫୦ ରୁ ୧୮୦ ନୌସୈନିକ ଯାତ୍ରା କରିପାରିବେ। ଏଥିରେ ବ୍ରହ୍ମୋସ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର (ଆଣ୍ଟି ସିପ୍/ ଲ୍ୟାଣ୍ଡ ଆଟାକ୍) ଏବଂ ଏକ ଦୂରଗାମୀ ପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର ପ୍ରଣାଳୀ ସହିତ ସଜ୍ଜିତ। ବନ୍ଧୁକ ପ୍ରଣାଳୀ ବିଷୟରେ କହିବାକୁ ଗଲେ, ଏହା ଏକ ୭୬ ଏମଏମ ମୁଖ୍ୟ ନୌସେନା ବନ୍ଧୁକ ଏବଂ ଏକ କ୍ଲୋଜ୍-ଇନ୍ ୱେପନ୍ ସିଷ୍ଟମ୍ ସହିତ ସଜ୍ଜିତ। ଏଥିରେ ସବମେରିନ୍-ୱାରଫେୟାର ଟର୍ପେଡୋ ଏବଂ ରକେଟ୍ ଲଞ୍ଚର, ଏକ ଉନ୍ନତ ସୋନାର୍ ସିଷ୍ଟମ୍ ରହିଛି ଏବଂ ଏହା ଏକ ମଲ୍ଟି ରୋଲ୍ ହେଲିକପ୍ଟର ଭାବରେ କାର୍ଯ୍ୟ କରିବାକୁ ସକ୍ଷମ।

## ଚଳନ୍ତା କାର୍‌ରେ ନିଆଁ ...

ଗୁରୁତର ଭାବେ ଦଗ୍ଧ ହୋଇଛନ୍ତି। ସୂଚନା ମିଳିବା ମାତ୍ରେ ଲକ୍ଷ୍ମଣଗଡ଼ ଥାନା ପୁଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ନିଆଁ ଲିଭିବା ପରେ କାର୍‌ଟି ପୂରାପୂରି ଜଳିଯାଇଥିବା ଦେଖାଯାଇଥିଲା।

## ରାଜଧାନୀରେ କାଳବୈଶାଖୀ...

ବର୍ଷା ସାଙ୍ଗକୁ ପ୍ରବଳ କୁଆ ପଥରମାଡ଼ ଫଳରେ କିଛି ସ୍ଥାନରେ ଘରର ଆଜବେଜଷ୍ଟେସ୍ ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି।

ଆସନ୍ତା ତିନିରୁ ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ଲାଗିରହିବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର। ଅପରପକ୍ଷରେ ଗୁରୁବାର ୪୦ ଡିଗ୍ରୀ ଉପରେ ରହିଛି ୬ ସହରର ତାପମାତ୍ରା।

## ବିଶ୍ୱ ବଜାରରେ ହଇଚଇ : ୧୨୦ ଡଲାର...

ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା। ଉଭୟ ଦେଶ ନିଜ ନିଜ ଜିଦ୍‌ରେ ଅଟଳ ରହିବା ଫଳରେ ଖାଡ଼ି ଦେଶଗୁଡ଼ିକରେ ଏକ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି।

# ୩ ପୋଲିସ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ : ୫ ଗିରଫ

**କଟକ, ନ୍ୟୁଜ ବ୍ୟୁରୋ**

ରାଜ୍ୟର ପୁଲିସ ମୁଖ୍ୟାଳୟ ଥିବା ସହର 'କଟକ'ରେ ସୁରକ୍ଷା ଦେଉଥିବା ପୁଲିସ କର୍ମଚାରୀମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ସ୍ଥାନୀୟ ଷଷ୍ଠ ବାଟାଲିୟନ ପରିସରରେ ପୁଲିସ ଉପରେ ପ୍ରାଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ୪ଜଣ ପୁଲିସ କର୍ମଚାରୀ ଲହୁ ଲୁହାଣ ହୋଇଛନ୍ତି। ପୁଲିସ କ୍ୟାମ୍ପସ ଭିତରେ ପୁଲିସ କର୍ମଚାରୀଙ୍କୁ ନିସ୍ଥୁକ ମାଡ଼ ମରାଯାଇଛି। ପ୍ରେମୀଯୁଗଳଙ୍କୁ ବାରଣ କରିବାକୁ ନେଇ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଷଷ୍ଠ ବାଟାଲିୟନ ପରିସରରେ ଏହି ତୁମୁଳକାଣ୍ଡ ହୋଇଛି। ପ୍ରଥମେ ପ୍ରେମୀଯୁଗଳଙ୍କ ସହ ହାତାହାତୀ ଏବଂ ତାପରେ ମୁହାଁମୁହିଁ ପରିସ୍ଥିତି ହୋଇଥିଲା। ପ୍ରେମିକ ପ୍ରଶାନ୍ତ ପାତ୍ର ନିଜର ବାନ୍ଧବୀଙ୍କୁ ନେଇ ବାଟାଲିୟନରେ ବସିଥିବା ବେଳେ ତାଙ୍କୁ ବାରଣ କରିବାରୁ ଏହି କାଣ୍ଡ ଘଟିଛି। ପ୍ରଶାନ୍ତ ତା'ର ଅନ୍ୟ ସହଯୋଗୀଙ୍କୁ ଡାକି ଷଷ୍ଠ ବାଟାଲିୟନ ଭିତରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ୪ଜଣ ପୁଲିସ କର୍ମଚାରୀଙ୍କ ମୁଣ୍ଡ ଫାଟିଛି। ଗୁରୁତର ପୁଲିସ କର୍ମଚାରୀମାନେ ହେଲେ ଶ୍ରୀକାନ୍ତ ଗମାଙ୍ଗ, ବିପନ୍ନ ଦାସ, ଡେପୁଟି ସୁବେଦାର ମାନସ ରଣସିଂ, ସିପାହୀ ପ୍ରଶାନ୍ତ ମୁଦୁଲି। ଏମାନଙ୍କୁ କଟକ ଏସସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଏପଟେ ପୁଲିସ ଉପରେ ଆକ୍ରମଣ ପରେ କାର୍ଯ୍ୟାନୁଷ୍ଠାନ ନେଇଛି ପୁଲିସ। ଆଇଜି ସତୀଶ ଗଜଭିୟେ କହିଛନ୍ତି, ପୁଲିସକୁ ମାଡ଼ ମାରିବାକୁ ନେଇ ବରିଷ୍ଠ ପୁଲିସ ଅଧିକାରୀମାନେ ଗମ୍ଭୀରତା ସହ ନେଇଛନ୍ତି। ଅଭିଯୁକ୍ତମାନେ ଥାନାରେ ଥିବା ବେଳେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏସିପି (ଜୋନ-୫) ସୁଧାଂଶୁ ଜେନା କହିଛନ୍ତି, ପୁଲିସ ଉପରେ ଆକ୍ରମଣ ଦୁର୍ବୃତ୍ତମାନଙ୍କୁ ମହଙ୍ଗା ପଡ଼ିଛି।

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ**

ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ଦାସ ଓ ବରିଷ୍ଠ ଲିପିକାର (ସ୍କ୍ରାଇବ୍) କବିତା ନାୟକଙ୍କୁ ଗୁରୁବାର ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।

ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଅଧ୍ୟକ୍ଷତା କରି ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଦୀର୍ଘ ସେବାଜୀବନ ଓ ବିଭାଗ ପ୍ରତି ସେମାନଙ୍କ ଅବଦାନକୁ ସ୍ମରଣ କରିଥିଲେ। ସେ ତାଙ୍କର ବିଭାଗ ପ୍ରତି ଅତୁଟ ନିଷ୍ଠାକୁ ପ୍ରଶଂସା କରି ସେମାନଙ୍କୁ ଏକ ଆଦର୍ଶ ଭାବେ ଉଲ୍ଲେଖ କରିଥିଲେ। ସେମାନଙ୍କ ଦୀର୍ଘ ସୁସ୍ଥ ଓ ନିରାମୟ ଅବସରଜୀବନ କାମନା କରିଥିଲେ।

ଅତିରିକ୍ତ ଶାସନ ସଚିବ ପ୍ରଣବ କୁମାର ଦାସ ଓ ଅତିରିକ୍ତ ନିର୍ଦ୍ଦେଶକ ସୁରଜିତ୍ ମିଶ୍ର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଦୀର୍ଘ ବର୍ଷର ଅନୁଭବ ଓ ବିଭାଗ ପ୍ରତି ସେମାନଙ୍କ ଅବଦାନକୁ ଉଚ୍ଚସ୍ଥାନରେ ଉଲ୍ଲେଖ କରିଥିଲେ। ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସ୍ମିତା କର ଓ ଉପନିର୍ଦ୍ଦେଶକ ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ର, ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଓ ଶ୍ରୀ ପଠାଣି ରାଉତ ଅବସରପ୍ରାପ୍ତ କର୍ମଚାରୀମାନଙ୍କର କାର୍ଯ୍ୟଶୈଳୀ, ଦାୟିତ୍ୱପରାୟଣତା ଓ ସମସ୍ତଙ୍କ ସହ ମଧୁର ସମ୍ପର୍କକୁ ସ୍ମରଣ କରି ସେମାନଙ୍କୁ ବିଭାଗର ଏକ ମୂଲ୍ୟବାନ ସଂପଦ ଭାବେ ଉଲ୍ଲେଖ କରିଥିଲେ। ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର ଓ ଅଂଶୁମାନ ସାହୁ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

କବିତା ନାୟକ ଓ ବିଶ୍ୱଜିତ ଦାସ ସେମାନଙ୍କର ଦୀର୍ଘ ଚାକିରି ଜୀବନର ଅନୁଭବ ବଖାଣିବା ସହ ବିଭାଗର ସମସ୍ତ ଅଧିକାରୀ ଓ ସହକର୍ମୀମାନଙ୍କ ସହଯୋଗ, ସମର୍ଥନ ଓ ସ୍ନେହ ପାଇଁ ଆଭାର ଜଣାଇଥିଲେ।

ଶେଷରେ ନିର୍ଦ୍ଦେଶକ ଶ୍ରୀ ଦାସ ପଟ୍ଟନାୟକ ଓ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଏହି ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ।

# କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ହିଞ୍ଜିଳି ବ୍ଲକର ପୋଚିଲିମା ରାଜ୍ୟର ଶ୍ରେଷ୍ଠ ପଞ୍ଚାୟତ ଘୋଷିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ସରକାରଙ୍କର ପଞ୍ଚାୟତିରାଜ ମନ୍ତ୍ରଣାଳୟ ତରଫରୁ ୨୦୨୩- ୨୪ ଆର୍ଥିକ ବର୍ଷ ପାଇଁ ଜାରି କରାଯାଇଥିବା ପଞ୍ଚାୟତ ପ୍ରଗତି ସୂଚକାଙ୍କ ରିପୋର୍ଟରେ ଗଞ୍ଜାମ ଜିଲ୍ଲାର ହିଞ୍ଜିଳି ବ୍ଲକ ଅଧୀନସ୍ଥ ପୋଚିଲିମା ରାଜ୍ୟର ଶ୍ରେଷ୍ଠ ଗ୍ରାମପଂଚାୟତ ମାନ୍ୟତା ପାଇଛି। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପଞ୍ଚାୟତିରାଜ ବ୍ୟବସ୍ଥାରେ କିପରି ଭାବେ ସୁଚାରୁ ରୂପେ କାର୍ଯ୍ୟ ଚାଲିଥିଲା, ତାହାର ଚିତ୍ର କେନ୍ଦ୍ର ସରକାରଙ୍କ ରିପୋର୍ଟରେ ଦେଖିବାକୁ ମିଳିଛି ବୋଲି ବିଜେଡି କହିଛି । ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ ପ୍ରଦୀପ ଅମାତ କହିଥିଲେ, ନବୀନ ସରକାରଙ୍କ ସମୟରେ ରାଜ୍ୟରେ କୌଣସି ବିକାଶ ହୋଇନାହିଁ ବୋଲି ଅଭିଯୋଗ କରି ଆସୁଥିବା ବିଜେପିର ଦାବିକୁ ଏହି ରିପୋର୍ଟ ଭୁଲ୍ ପ୍ରମାଣିତ କରୁଛି। ଅପରପକ୍ଷରେ ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବାର ୨ ବର୍ଷରେ ପଂଚାୟତ ସ୍ତରରେ ବିକାଶମୂଳକ କାର୍ଯ୍ୟ ଠପ୍ ହୋଇଛି ।

ଭୁବନେଶ୍ୱର, ୧ ମଇ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ରଥଖଳା ହାଲ୍‌ଚାଲ୍: ନୃସିଂହ ଚତୁର୍ଦ୍ଦଶୀରେ ରଥର ଗୁଜ ଅନୁକୂଳ ଓ ଯନ୍ତା ଗାଡ଼ ଖୋଲା

**ପୁରୀ,୩୦/୦୪**
**ନ୍ୟୁଜ ବ୍ୟୁରୋ**

ରଥ ନିର୍ମାଣ ପରମ୍ପରାର ନୃସିଂହ ଜନ୍ମର ବେଶ୍ ମହତ୍ତ୍ୱପୂର୍ଣ୍ଣ। ଗୁରୁବାର ନୃସିଂହ ଚତୁର୍ଦ୍ଦଶୀରେ ରଥର ଗୁଜ ଅନୁକୂଳ ହୋଇଛି । ରଥ ନିର୍ମାଣ କାର୍ଯ୍ୟରେ ଯୋଗଦେଇଥିଲେ ରୂପକାର ସେବକ। ତିନି ରଥର ମୁଖ୍ୟ ରୂପକାର ସେବକ ଗୁଜ ଅନୁକୂଳ କରିଥିଲେ। ଗୁଜ ରଥର ସୁରକ୍ଷା କବଚ ।ସେହିପରି ନୃସିଂହ ଜନ୍ମରେ ଭୋଇସେବକମାନେ ଯନ୍ତା ଗାଡ଼ ଖୋଲିଥିଲେ ।ଚର୍ଚ୍ଚିକା ଠାକୁରାଣୀଙ୍କ ସମ୍ମୁଖ ବଡ଼ଦାଣ୍ଡରେ ଖୋଳାହୋଇଥିଲା ଯନ୍ତାଗାଡ଼ ।ଯନ୍ତା ଗାଡ଼ରେ ପଡ଼ି ଚକ ପ୍ରସ୍ତୁତ ହୁଏ। ଗୁଜ ଅନୁକୂଳ ପାଇଁ ୧୨ଫୁଟିଆ ଧଉରା କାଠ ରଥ ଖଳାକୁ



ଯୋଗାଯାଇଛି । ବିଶ୍ୱକର୍ମାମାନେ ଏହାକୁ ଚଉପଟ କରି ରୂପକାର ସେବକଙ୍କୁ ଯୋଗାଇବେ । ପାରମ୍ପରିକ ବିଧି ମତେ ପୂଜାର୍ଚ୍ଚନା କରି ଗୁଜ ଅନୁକୂଳ କାର୍ଯ୍ୟ ସମ୍ପନ୍ନ କରିଥିଲେ ରୂପକାର । ଅନୁକୂଳ କାଠରେ ଗୁଜ ତିଆରି ହେବ ଅର୍ଥାତ୍ ସିଂହ ମୂର୍ତ୍ତି ଖୋଦେଇ ହୋଇଛି । ସେପଟେ ଯନ୍ତା ଗାଡ଼ ଖୋଳିବା ପାଇଁ ୪୦ ଫୁଟିଆ କାଠ ପଡ଼ିଥିଲା। ଯନ୍ତା ଗାଡ଼ରେ ପଡ଼ି ତୁମ୍ବ ସହିତ ଅର ଭୁଞ୍ଜାଯାଇ ସିଙ୍ଗଡ଼ା ପ୍ରସ୍ତୁତ ହୋଇଛି। ରଥ ଖଳାରେ ବିଲେଇ ବାଡ଼ିଆ ପଦ୍ଧତିରେ ସିଙ୍ଗଡ଼ାରେ ପହି ସଂଯୁକ୍ତ ହୋଇ ଚକ ପ୍ରସ୍ତୁତ ହୋଇଥାଏ।

ଆସନ୍ତା ୯ ତାରିଖ ଶନିବାର ମହାପ୍ରଭୁଙ୍କ ଚନ୍ଦନଯାତ୍ରାର ଭଉଁରୀ ଉତ୍ସବ ।ରଥର ଚକ ଓ ଅଖ ସଂଯୁକ୍ତ ହେବ ।ଇତିମଧ୍ୟରେ ତୁମ୍ବରେ ବିନ୍ଧ ଓ ଅଗର ବିନ୍ଧ ଖୋଦେଇ ସରି ପନ୍ଦାରି ଲାଗିବା ବିନ୍ଧ ହୋଇଛି । କରତି ସେବକମାନେ ତୁମ୍ବର ବଳକା ଅଂଶ କାଟି ସାଇଜ୍ କରୁଛନ୍ତି ।ରଥ ଚକର ପହି କାଠ ଓ ଅର ପହଞ୍ଚିବାକୁ ଅପେକ୍ଷା ।ଶାଳରେ ଓଝା ସେବକ ରଥ ପାଇଁ ଅର କଣ୍ଟା ନିର୍ମାଣ ସାରି ପନ୍ଦାରି ତିଆରିରେ ଲାଗିଛନ୍ତି ।



ଭୁବନେଶ୍ୱର : ସୋର ବିଧାନସଭା ନିର୍ବାଚନ ମଣ୍ଡଳୀର ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଓ ସରପଞ୍ଚମାନେ ନବୀନ ନିବାସଠାରେ ବିଜେଡି ସୁପ୍ରିମୋ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ସେମାନଙ୍କ ଅଞ୍ଚଳର ବିଭିନ୍ନ ସମସ୍ୟା ଜଣାଉଛନ୍ତି। (ଫଟୋ : ସମ୍ବାଦ କଳିକା)




ଭୁବନେଶ୍ୱର : ଭାରତୀୟ ବିଦ୍ୟାଭବନ ସମ୍ମିଳନୀ କକ୍ଷରେ ମୁକ୍ତ ଚିନ୍ତନ ମଞ୍ଚ ଏବଂ ଭାରତୀୟ ବିଦ୍ୟାଭବନର ମିଳିତ ଆନୁକୁଲ୍ୟରେ "ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ସଂସ୍କାର" ଶୀର୍ଷକ ଆଲୋଚନାଚକ୍ରରେ ମଞ୍ଚାସୀନ ଅଛନ୍ତି ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର, ପ୍ରଫେସର ଡ. ହରେକୃଷ୍ଣ ଶତପଥୀ, ଶ୍ରୀମନ୍ଦିରର ପ୍ରାକ୍ତନ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ପ୍ରଫେସର ଡ. ହରେକୃଷ୍ଣ ଶତପଥୀ, ବିଶିଷ୍ଟ ସାହିତ୍ୟିକ ଅସିତ ମହାନ୍ତି ଏବଂ ମୁକ୍ତ ଚିନ୍ତନ ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ। ଏହି ଅବସରରେ ଅନନ୍ୟ ଶ୍ରୀ ଜଗନ୍ନାଥ ସଂସ୍ଥାନ ପକ୍ଷରୁ ପ୍ରଫେସର ଡ. ହରେକୃଷ୍ଣ ଶତପଥୀଙ୍କୁ ଅତିଥିମାନେ ଶ୍ରୀଜଗନ୍ନାଥ ସମ୍ମାନ ପ୍ରଦାନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ୨୦୨୫-୨୬ ଆର୍ଥିକ ବର୍ଷରେ ନାଲ୍‌କୋର ଐତିହାସିକ ଆର୍ଥିକ ଫଳାଫଳ

# ୫,୮୧୬ କୋଟିର ନିଟ୍ ଲାଭ ସହ ୧୭,୮୪୩ କୋଟି ଟଙ୍କାର ମୋଟ ବ୍ୟବସାୟ

**ଭୁବନେଶ୍ୱର, ୩୦/୦୪**
**ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ(ନାଲ୍‌କୋ) ଆର୍ଥିକ ବର୍ଷ ୨୦୨୫-୨୬ରେ ଉତ୍ପାଦନ ଓ ବିକ୍ରୟ ତଥା ନିଟ୍ ଲାଭ ଅର୍ଜନ କ୍ଷେତ୍ରରେ ନିଜର ସର୍ବକାଳିନ ସର୍ବାଧିକ ରେକର୍ଡକୁ ଦୋହରାଇଛି । ଆଜିର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ ହୋଇଥିବା ଆର୍ଥିକ ଫଳାଫଳ ଅନୁଯାୟୀ, ନାଲ୍‌କୋ ଆର୍ଥିକ ବର୍ଷ ୨୦୨୫-୨୬ରେ ସର୍ବକାଳୀନ ସର୍ବାଧିକ ୫,୮୧୬ କୋଟି ଟଙ୍କାର ନିଟ୍ ଲାଭ (କର ପରବର୍ତ୍ତୀ ଲାଭ) ଅର୍ଜନ କରିଛି। ପୂର୍ବ ଆର୍ଥିକ ବର୍ଷରେ ଏହି ପରିମାଣ ୫,୩୨୫ କୋଟି ଟଙ୍କା ଥିଲା (୯.୨% ଅଭିବୃଦ୍ଧି)। ଏଥିସହ, ଆର୍ଥିକ ବର୍ଷ ୨୦୨୫-୨୬ରେ ମଧ୍ୟ କମ୍ପାନୀ ସର୍ବକାଳିନ ସର୍ବାଧିକ ୧୭,୮୪୩ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି ଯାହା ପୂର୍ବ ଆର୍ଥିକ ବର୍ଷରେ ୧୬,୭୮୮କୋଟି ଟଙ୍କା ଥିଲା।



ଏଥିସହ ୨୦୨୬ ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସିକରେ କମ୍ପାନୀର ନିଟ୍ ଲାଭରେ ୭% ଅଭିବୃଦ୍ଧି ଘଟି ୧,୭୧୮ କୋଟି ଟଙ୍କା ହୋଇଛି ଯାହା ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ୧,୬୦୧ କୋଟି ଟଙ୍କା ଥିଲା। ସେହିପରି, ଚତୁର୍ଥ ତ୍ରୈମାସିକରେ କମ୍ପାନୀ ୫,୧୦୩ କୋଟି ଟଙ୍କାର ବ୍ୟବସାୟ କରିଥିବା ବେଳେ ତୃତୀୟ ତ୍ରୈମାସିକରେ ଏହି ପରିମାଣ ୪,୭୩୧ କୋଟି ଟଙ୍କା ଥିଲା । ଉତ୍ପାଦନ ପରିମାଣ ବୃଦ୍ଧି, ଉନ୍ନତ ବ୍ୟବସାୟ ଏବଂ ୟୁନିଟ୍ ଗୁଡ଼ିକରେ କାର୍ଯ୍ୟଦକ୍ଷତାକୁ ସୁଦୃଢ଼ କରିବା ଦ୍ୱାରା ଏହି ଫଳାଫଳ ହାସଲ ହୋଇପାରିଛି ଯାହା ଏକ ଗତିଶୀଳ ବଜାର ପରିବେଶରେ କମ୍ପାନୀର ସ୍ଥିର ପ୍ରଦର୍ଶନକୁ ବଜାୟ ରଖିଛି। ଉଲ୍ଲେଖଯୋଗ୍ୟ ଯେ, ଆର୍ଥିକ ବର୍ଷ ୨୦୨୫-୨୬ରେ ନାଲ୍‌କୋ ମଧ୍ୟ ସ୍ଥାପନା ପରଠାରୁ ସର୍ବୋତ୍ତମ ଉତ୍ପାଦନ ଓ ବ୍ୟବସାୟିକ ପ୍ରଦର୍ଶନ ହାସଲ କରିଛି ।କମ୍ପାନୀ ୭୭.୦୧ ଲକ୍ଷ ଟନ୍ ବକ୍ସାଇଟ୍ ଖନନ ଏବଂ ୭୭.୦୭ ଲକ୍ଷ ଟନ୍ ବକ୍ସାଇଟ୍ ପରିବହନରେ ଏହାର ସର୍ବୋଚ୍ଚ ରେକର୍ଡ କରିଛି। ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ ୨୩ ଲକ୍ଷଟନ୍‌ରେ ପହଞ୍ଚିଛିଥିବାବେଳେ କାଲସାଇଣ୍ଡ୍ ଆଲୁମିନା ଉତ୍ପାଦନ ୨୨.୭୫ ଲକ୍ଷ ଟନ୍‌ରେ ପହଞ୍ଚିଛି। ସେହିପରି କାଷ୍ଟ ଧାତୁ ଉତ୍ପାଦନ ସର୍ବକାଳୀନ ସର୍ବାଧିକ ୪.୭୨ ଲକ୍ଷ ଟନ୍, ୬,୯୫୩ ମିଲିୟନ ୟୁନିଟ ରେକର୍ଡ ନେଟ୍ ବିଦ୍ୟୁତ୍ ଉତ୍ପାଦନ ଏବଂ ୪୦ ଲକ୍ଷ ଟନ୍ କୋଇଲା ମଧ୍ୟ ଉତ୍ପାଦନ କରାଯାଇଛି। ବିକ୍ରୟ କ୍ଷେତ୍ରରେ, ନାଲ୍‌କୋ ଅଭୂତପୂର୍ବ ସଫଳତା ହାସଲ କରିଛି। ମୋଟ ଆଲୁମିନା ବିକ୍ରୟ ୧୪.୪୬ ଲକ୍ଷ ଟନ୍‌ରେ ପହଞ୍ଚିଛିଥିବାବେଳେ (୧.୩୮ ଲକ୍ଷ ଟନ୍ ଘରୋଇ ଆଲୁମିନା ବିକ୍ରୟ ଅନ୍ତର୍ଭୁକ୍ତ) ଆଲୁମିନିୟମ୍ ଧାତୁ ବିକ୍ରୟ ୪.୭୪ ଲକ୍ଷ ଟନ୍ ହୋଇଛି ଯେଉଁଥିରେ ଘରୋଇ ବଜାରରେ ସର୍ବକାଳୀନ ସର୍ବାଧିକ ୪.୬୧ ଲକ୍ଷ ଟନ୍ ଧାତୁ ବିକ୍ରୟ ଅନ୍ତର୍ଭୁକ୍ତ। 'ଉତ୍ପାଦନ ପରିମାଣ ବୃଦ୍ଧି, ଉତ୍ପାଦର ସଠିକ ମୂଲ୍ୟ ଏବଂ ବଜାର ସୁଯୋଗକୁ କୁଶଳୀ ଢଙ୍ଗରେ ବ୍ୟବହାର କରିବାରେ ଆମର ଦକ୍ଷତା ଯୋଗୁଁ ଏହି ଫଳାଫଳ ହାସଲ ହୋଇପାରିଛି। କାରଖାନା, ମାନବ ସମ୍ବଳ ଏବଂ ପ୍ରକ୍ରିୟା ଦକ୍ଷତାକୁ ସୁଦୃଢ଼ କରିବା ନିମନ୍ତେ ଆମର ପ୍ରଚେଷ୍ଟା ଲକ୍ଷ ହାସଲ ଦିଗରେ ସହାୟକ ହୋଇଥାଏ' ବୋଲି ନାଲ୍‌କୋ ସିଏମଡି ବ୍ରଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି।ସେ ଆହୁରି ମଧ୍ୟ କହିଛନ୍ତି ଯେ, 'ଏହି ସଫଳତା ଆମର କର୍ମଚାରୀଙ୍କ ଉତ୍ସର୍ଗୀକୃତ ମନୋଭାବକୁ ପ୍ରତିଫଳିତ କରେ, ଯାହା ଦକ୍ଷତା ଏବଂ ମୂଲ୍ୟ ଅନୁକୂଳନ ଦ୍ୱାରା ସମର୍ଥିତ'।ଏଥି ସହ, ଶ୍ରୀ ସିଂ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ମାର୍ଗଦର୍ଶନ ଏବଂ ଓଡ଼ିଶା ସରକାରଙ୍କ ନିରନ୍ତର ସହଯୋଗ ନିମନ୍ତେ ନିଜର କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ସିଂହ କାର୍ଯ୍ୟକ୍ଷମ ଉତ୍କର୍ଷତା ମାଧ୍ୟମରେ ଦୀର୍ଘକାଳୀନ, ସ୍ଥାୟୀ ଅଭିବୃଦ୍ଧି ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇବା ସହ ସ୍ଥିର ଅଭିବୃଦ୍ଧି ପାଇଁ ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରିବା ଏବଂ ନାଲ୍‌କୋର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ସମ୍ବନ୍ଧରେ ମତ ପ୍ରକଟ କରିଛନ୍ତି । ସୂଚନାଯୋଗ୍ୟ ଯେ, ଚଳିତ ଆର୍ଥିକ ବର୍ଷରେ କମ୍ପାନୀ ମଧ୍ୟ ପ୍ରତି ଇକ୍ୱିଟି ସେୟାର ପିଛା ୨ ଟଙ୍କା ହିସାବରେ ତୃତୀୟ ମଧ୍ୟବର୍ତ୍ତୀକାଳୀନ ଲାଭାଂଶ (ସମୁଦାୟ ପରିମାଣ ୩୬୭.୩୩ କୋଟି ଟଙ୍କା) ମଧ୍ୟ ଘୋଷଣା କରିଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୩୦/୦୪/୨୦୨୬
୫,୦୩,୧୦୨/- ଟଙ୍କା
ସୁନା:-୧୫ଗ୍ରାମ୍୫୫୦ ମିଲିଗ୍ରାମ
ରୂପା:-୯ ଗ୍ରାମ୍୬୦୦ ମିଲିଗ୍ରାମ

# ଭୟ ଦେଖାଇ ଶାରୀରିକ ସଂପର୍କକୁ 'ସହମତି' କୁହାଯିବନାହିଁ: ହାଇକୋର୍ଟ

**କଟକ, ୩୦/୦୪ ନ୍ୟୁଜ ବ୍ୟୁରୋ**

ନଗ୍ନ ଫଟୋ ଭାଇରାଲ୍ କରିଦେବାର ଭୟ ଦେଖାଇ ଶାରୀରିକ ସଂପର୍କ ରଖିବା ଅର୍ଥ ନୁହେଁ 'ସହମତି'ରେ ସମ୍ପର୍କ ରଖିବା। ଏହା ଦୁଷ୍କର୍ମ । ଏହି ପରିପ୍ରେକ୍ଷୀରେ ନିମ୍ନ ଅଦାଲତଙ୍କ ଦ୍ୱାରା ୧୦ବର୍ଷ ଜେଲ୍ ଦଣ୍ଡ ପାଇଥିବା ଦୁଷ୍କର୍ମ ଆସାମୀ ଶଙ୍କର ବେହେରାର ଦଣ୍ଡାଦେଶକୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍. କେ. ପାଣିଗ୍ରାହୀ କାଏମ୍ ରଖିବା ସହ ଆବେଦନକାରୀର ଅପିଲ୍‌କୁ ଖାରଜ କରି ଦେଇଛନ୍ତି । ୨୦୧୫ ମସିହା ଜୁନ୍ ୭ରେ ଗଞ୍ଜାମ ଥାନାରେ ଏତଲା ଦାଏର ହୋଇଥିଲା ଯେ, ଅଢ଼େଇ ବର୍ଷ ତଳେ ଆସାମୀ ପୀଡ଼ିତାଙ୍କୁ କାଜୁ ବଗିଚାରେ ଦୁଷ୍କର୍ମ କରିବା ସହ ନଗ୍ନ ଫଟୋ ଉଠାଇଥିଲା। ପରେ ଗ୍ରାମ୍ୟ କମିଟି ପୀଡ଼ିତାଙ୍କୁ ବିବାହ କରିବାକୁ ତାଙ୍କୁ କହିଥିଲେ। ହେଲେ ସେ ରାଜି ହୋଇନଥିଲେ। ପୁଲିସ୍ ଆସାମୀକୁ ଗିରଫ କରିଥିଲା। ବ୍ରହ୍ମପୁର ପୋକ୍ସୋ ଅଦାଲତ ଆସାମୀକୁ ୧୦ ବର୍ଷ ଜେଲ୍ ଦଣ୍ଡ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ଆସାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଆବେଦନକାରୀ ପକ୍ଷରୁ ଦର୍ଶାଯାଇଥିଲା ଯେ, ପୀଡ଼ିତାଙ୍କ ସହ ସହମତିରେ ସମ୍ପର୍କ ରହିଥିଲା । ତେଣୁ ଏହାକୁ ଦୁଷ୍କର୍ମ କୁହାଯାଇ ପାରିବନାହିଁ। ହାଇକୋର୍ଟ ଏହି ଯୁକ୍ତିକୁ ଅଗ୍ରାହ୍ୟ କରି ଦେଇଛନ୍ତି।

# ବିଶିଷ୍ଟ ସ୍ତମ୍ଭକାର ମନ୍ମଥ ଶତପଥୀ ସୁସ୍ଥ ହେଉଛନ୍ତି



**ଭୁବନେଶ୍ୱର, ୩୦/୦୪**
**ନ୍ୟୁଜ ବ୍ୟୁରୋ**

ପ୍ରଖ୍ୟାତ ନାଟ୍ୟକାର, ଚଳଚ୍ଚିତ୍ର ନିର୍ଦ୍ଦେଶକ, ଅଭିନେତା, ଓଡ଼ିଶାର ଲୁପ୍ତପ୍ରାୟ କଳାର ଅଙ୍ଗୀକାରବଦ୍ଧ ରକ୍ଷକ ତଥା 'ସମ୍ବାଦ କଳିକା'ର ନିୟମିତ ସ୍ତମ୍ଭକାର ମନ୍ମଥ କୁମାର ଶତପଥୀ କ୍ରମଶଃ ସୁସ୍ଥ ହେଉଥିବାର ପରିବାର ସୂତ୍ରରୁ ଜଣା ପଡିଛି। ପ୍ରକାଶ ଯେ ଶ୍ରୀ ଶତପଥୀ ଗତ ୧୯ ତାରିଖ ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ଚାରିଆଡ ଅନ୍ଧକାର ଦେଖାଯିବାରୁ ଘରେ ଜଣାଇବା ପରେ ତାଙ୍କୁ ତୁରନ୍ତ ମଣିପାଲ ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ପରିବାର ଲୋକେ। ତାଙ୍କ ଛାତିରେ ବ୍ଲକେଜ ଯୋଗୁଁ ଡାକ୍ତରମାନେ ୨ଟି ଷ୍ଟେଣ୍ଟିଂ ରୋପଣ କରିଥିଲେ। ବ୍ଲକେଜ ଯୋଗୁଁ ଡାକ୍ତରମାନେ ସମୟୋପଯୋଗୀ ଚିକିତ୍ସା ଯୋଗୁଁ ସେ କ୍ରମଶଃ ସୁସ୍ଥତା ଅନୁଭବ କରିବା ପରେ ଏବେ ସେ ହସ୍‌ପିଟାଲରୁ ଘରକୁ ଫେରିଥିବା ପରିବାର ସୂତ୍ରରୁ ଜଣାପଡିଛି। ତାଙ୍କୁ ଚିକିତ୍ସା କରିଥିବା ଦୁଇ ଡାକ୍ତର - ଡାକ୍ତର ପ୍ରଦୀପ ନାରାୟଣ ସାହୁ (ମେଡିସିନ) ଏବଂ ଡାକ୍ତର ଲିଙ୍ଗରାଜ ନାଥ (ଇଣ୍ଟରନାଲ କାର୍ଡିଓଲୋଜିଷ୍ଟ)ଙ୍କୁ ଶ୍ରୀ ଶତପଥୀ ଭୂୟସୀ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଛନ୍ତି।

ଶ୍ରୀ ଶତପଥୀ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି 'ସମ୍ବାଦ କଳିକା'ର ନିୟମିତ ସ୍ତମ୍ଭକାର ଭାବରେ ଓଡ଼ିଶାର ପାଠକ ମହଲରେ ବେଶ୍ ଖ୍ୟାତିଲାଭ କରିଛନ୍ତି। ଓଡ଼ିଶାର ଲୋକକଳା, ଐତିହ୍ୟ, ସ୍ଥାପତ୍ୟ, ନାଟ୍ୟକଳା, କଣ୍ଢେଇନାଚ ଠାରୁ ଆରମ୍ଭ କରି ବିଭିନ୍ନ ପୁରାତନ ଆଦିନୃତ୍ୟ ବିଶାରଦ ଭାବରେ ଶ୍ରୀ ଶତପଥୀ ଖୁବ୍ ପରିଚିତ। ତାଙ୍କ ଶରୀର ଅସୁସ୍ଥ ହେବା ଖବର ପାଇ ବିଜୁ ପଟ୍ଟନାୟକ ପାର୍କ ସ୍ଥିତ 'ଓମ ପ୍ରାଣାୟମ' କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷକ ଯୋଗଗୁରୁ ତଥା ସ୍ତମ୍ଭକାର ଶ୍ୟାମସୁନ୍ଦର ଅଗ୍ରୱାଲ ତଥା ଅନ୍ୟାନ୍ୟ ସଦସ୍ୟମାନେ ତାଙ୍କର ଆରୋଗ୍ୟ କାମନା କରିଥିଲେ। 'ସମ୍ବାଦ କଳିକା' ପରିବାର ପକ୍ଷରୁ ମଧ୍ୟ ତାଙ୍କର ସୁସ୍ଥତା ସକାଶେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।


## ଏବେ ବଜାରରେ ଉପଲବ୍ଧ...

### "କଥାକଳିକା"
### ବୈଶାଖ ସଂଖ୍ୟା-୨୦୨୬




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଶଶିଭୂଷଣ ମହାନ୍ତି
**ସମକାଳର କଥା :** ସୁରେଶ କୁମାର ନାଗ, ମଣିରାମ ଜେନା, ଲିପିକା ଦାସପଟ୍ଟନାୟକ, ଉମାକାନ୍ତ ରାଉତ (ଅରୂପ), ସୁଶୀଲ କୁମାର ପାଣିଗ୍ରାହୀ, ସଚ୍ଚିଦାନନ୍ଦ କର, କମଳିନୀ ମଲ୍ଲିକ୍, ଲିପ୍‌ସା ପଟେଲ, ପ୍ରଣତି ଆଚାର୍ଯ୍ୟ ମିଶ୍ର, ରାଜଲକ୍ଷ୍ମୀ ତ୍ରିପାଠୀ, ସଂଯୁକ୍ତା ଦାଶ, ଚନ୍ଦ୍ରମୋହନ ମହାପାତ୍ର, ପ୍ରଦ୍ୟୁମ୍ନ ପଟ୍ଟନାୟକ।
**ଅନ୍ୟ ଭାଷାର କଥା :** ଚଣ୍ଡିଦତ୍ତ ଶୁକ୍ଲ, ନଗେନ୍ଦ୍ରନାଥ ପଟ୍ଟନାୟକ।
**ଯୁବ ମାନସର କଥା :** ରଜତ ରଶ୍ମି ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ସ୍ନିଗ୍ଧା ସାହୁ, ଗୀତାଞ୍ଜଳି ସ୍ୱାଇଁ, ଗୀତାରାଣୀ ବିଷୋୟୀ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)



10001/93/2627

Ministry of Health & Family Welfare
Government of India

NATIONAL HEALTH MISSION



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ସୁସ୍ଥ ଓଡ଼ିଶା
## ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଜାତୀୟ ଏଚ୍.ପି.ଭି. ଟୀକାକରଣ ଅଭିଯାନ
(୨୮ ଫେବୃଆରୀ ରୁ ୩୧ ମଇ ୨୦୨୬)

### ଏଚ୍.ପି.ଭି. ଟୀକା: ଜରାୟୁ ଗ୍ରୀବା କର୍କଟରୁ ସୁରକ୍ଷା ପାଇଁ ୧ଟି ମାତ୍ରା

- ଭାରତରେ ମହିଳାମାନଙ୍କ ମଧ୍ୟରେ ଦେଖାଯାଉଥିବା ବିଭିନ୍ନ କର୍କଟରୋଗ ମଧ୍ୟରୁ ଜରାୟୁ ଗ୍ରୀବା କର୍କଟ (ସର୍ଭିକାଲ୍ କ୍ୟାନ୍‌ସର) ଦ୍ୱିତୀୟ ପ୍ରମୁଖ କାରଣ ଅଟେ। ଏହାର ପ୍ରତିରୋଧ ପାଇଁ ଏଚ୍.ପି.ଭି ଟୀକାକରଣ ଜରୁରୀ।
- ଏଚ୍.ପି.ଭି ଟୀକା ଜରାୟୁ ଗ୍ରୀବା କର୍କଟର ମୁଖ୍ୟ କାରଣ ସାଜୁଥିବା ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣରୁ ସୁରକ୍ଷା ଦେଇଥାଏ।
- ଏହି ଟୀକା ଗୋଟିଏ ମାତ୍ରା (୦.୫ ମିଲି) ବାମ ହାତର ଉପରି ଭାଗରେ ମାଂସପେଶୀରେ ଦିଆଯାଏ। ଏହି ଗୋଟିଏ ଡୋଜ/ ମାତ୍ରା ଯଥେଷ୍ଟ ସୁରକ୍ଷା ପ୍ରଦାନ କରେ ।
- ବର୍ତ୍ତମାନ ଏହି ଟୀକା କେବଳ ୧୪-୧୫ ବର୍ଷ ବୟସର ସୁସ୍ଥ କିଶୋରୀ ମାନଙ୍କୁ ଦିଆଯାଉଛି (ଯେଉଁମାନଙ୍କୁ ୧୪ ପୁରିଛି କିନ୍ତୁ ୧୫ ପୁରିନାହିଁ)।
- ଟୀକା ନେବାପରେ କିଶୋରୀଙ୍କୁ ୩୦ ମିନିଟ୍ ଟୀକାଦାନ କେନ୍ଦ୍ରରେ ପର୍ଯ୍ୟବେକ୍ଷଣରେ ରଖିବା ଦରକାର। ଟୀକା ନେବା ପରେ ସାମାନ୍ୟ କଷ୍ଟ ବା ଜ୍ୱର ହେବା ସ୍ୱାଭାବିକ, ଯାହା ୨-୩ ଦିନରେ ଭଲ ହୋଇଯାଏ। ଗୁରୁତର ସମସ୍ୟା ପ୍ରାୟତଃ ହୁଏ ନାହିଁ।
- ଯଦି ଜଣେ କିଶୋରୀ ପୂର୍ବରୁ ଯେକୌଣସି ଏଚ୍.ପି.ଭି ଟୀକା ନେଇଛନ୍ତି, ତେବେ ତାଙ୍କୁ ଏହି ଅଭିଯାନରେ ପୁଣି ଥରେ ଟୀକା ନେବାର ଆବଶ୍ୟକତା ନାହିଁ। ସେ ପୂର୍ବରୁ ହିଁ ସୁରକ୍ଷିତ ଅଛନ୍ତି।

**ଏହି ଟୀକା ୧୪ ବର୍ଷ ବୟସର ସମସ୍ତ କିଶୋରୀଙ୍କ ପାଇଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ।**

#UWIN
Scan and Join

ଆପଣଙ୍କ କିଶୋରୀର ଏଚ୍.ପି.ଭି. ଟୀକାକରଣ ପାଇଁ U-WIN ପୋର୍ଟାଲ୍‌ରେ ପଞ୍ଜିକରଣ କରାନ୍ତୁ।
Visit https://uwin.mohfw.gov.in/home
ଅଧିକ ସୂଚନା ପାଇଁ ଆପଣଙ୍କର ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ/ଆଶାକର୍ମୀ/ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରନ୍ତୁ।

OIPR -10001/10003/2/26-27/0010

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର